• Vol.- 45, Issue No. 313
• Friday, 13 February 2026
• ଶୁକ୍ରବାର, ୧୩ ଫେବୃଆରୀ ୨୦୨୬
• Bhubaneswar
• Price: Rs. 2.00, Page: 8
• R.N.I. Regd. No. 34063/81
• Postal Regd. No. BN/79/18-20
• Online Portal: www.dinalipi.com
• Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି
THE DINALIPI

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com


## ଶ୍ରମିକ ସଂଗଠନର 'ଭାରତ ବନ୍ଦ' ଡାକରା

# ଓଡ଼ିଶାରେ ମିଶ୍ର ପ୍ରଭାବ






■ ବିଭିନ୍ନ ସ୍ଥାନରେ ରାସ୍ତାରୋକ ଆନ୍ଦୋଳନ ଓ ବିକ୍ଷୋଭ ପ୍ରଦର୍ଶନ

■ ପିକେଟିଂ କରି ବିକ୍ଷୋଭ କଲେ ବିଭିନ୍ନ ସଂଗଠନ

■ ଖୋଲିଲାନି ଦୋକାନ ବଜାର, ବ୍ୟାଙ୍କ, ପେଟ୍ରୋଲ ପମ୍ପ

ଭୁବନେଶ୍ୱର,୧୨।୨: କେନ୍ଦ୍ରୀୟ ଶ୍ରମ ଆଇନକୁ ବିରୋଧ କରି ଦେଶର ୧୦ଟି ଶ୍ରମିକ ସଙ୍ଗଠନ ପକ୍ଷରୁ ୧୨ ଘଣ୍ଟିଆ ବନ୍ଦ ଡାକରା ଦିଆଯାଇଥିଲା । ଦେଶବ୍ୟାପୀ ଚକାଜାମ୍ ହୋଇଯାଇଛି । ୧୨ ଦଫା ଦାବିରେ ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ବନ୍ଦ ଡାକରା ଦିଆଯାଇଥିଲା । ରାଜ୍ୟର ବିଭିନ୍ନ ସ୍ଥାନରେ ବନ୍ଦର ପ୍ରଭାବ ଦେଖିବାକୁ ମିଳିଛି । ବିଭିନ୍ନ ସ୍ଥାନରେ ରାସ୍ତାରୋକ ଆନ୍ଦୋଳନ ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ସକାଳୁ ସକାଳୁ ରାସ୍ତାକୁ ଓହ୍ଲାଇଥିଲେ ବିଭିନ୍ନ ଶ୍ରମିକ ସଂଗଠନର ସଦସ୍ୟ । ନୂଆ ଶ୍ରମ ଆଇନ ପ୍ରତ୍ୟାହାର ଦାବିରେ ଛକ ଛକରେ ବିକ୍ଷୋଭ କରିଥିଲେ । ଜାତୀୟ ରାଜପଥ ଉପରେ ବସି ରାସ୍ତା ଅବରୋଧ କରିଥିଲେ । ଆମ୍ବୁଲାନ୍ସ ଭଳି ଜରୁରୀକାଳୀନ ସେବାକୁ ଛାଡିଦେଲେ ଆଉ କାହାକୁ ଛାଡିନଥିଲେ । ବିକ୍ଷୋଭକାରୀମାନେ ବିଭିନ୍ନ ସ୍ଥାନରେ ରେଳ ରୋକ୍ କରିଥିଲେ । ରାଷ୍ଟ୍ରାୟତ ଉଦ୍ୟୋଗ ଆଗରେ ଏକାଠି ହୋଇ କେନ୍ଦ୍ର ସରକାର ବିରୋଧରେ ନାରାବାଜି ଦେଇଥିଲେ । ଆନ୍ଦୋଳନବେଳେ ଦେଖିବାକୁ ମିଳିଥିଲା ଆଉ ଏକ ରୋଚକ ଦୃଶ୍ୟ । ଶ୍ରମିକ ସଂଗଠନ ସହ ମିଶି ରାଜ୍ୟର ବିଭିନ୍ନ ସ୍ଥାନରେ ଧର୍ମଘଟରେ ସାମିଲ ହୋଇଥିଲେ ପାଚିକା ସଂଘର କର୍ମକର୍ତ୍ତା । ବହୁ ସଂଖ୍ୟାରେ ମହିଳା ସାଂଗରେ ପିଲାଛୁଆ ଧରି ଆସି ବନ୍ଦରେ ସାମିଲ ଦେଇଥିଲେ । ଶ୍ରମିକ ସଂଗଠନର ବିକ୍ଷୋଭକୁ ସିଧାସଳଖ ସମର୍ଥନ କରିନଥିଲେ ବି ଗଡି ନଥିଲା କୌଣସି ଘରୋଇ ଗାଡ଼ି । ଧର୍ମଘଟର ପ୍ରଭାବରେ ପୂରା ଠପ୍ ହୋଇଥିଲା ଯାତାୟାତ । ବସଷ୍ଟାଣ୍ଡଗୁଡିକରେ ଧାଡି ଧାଡି ହୋଇ ଛିଡା ହୋଇଥିଲା ବସ୍ । ଶୂନ ଶାନ ରହିଥିଲା ରାସ୍ତାଘାଟ । ଅଧିକାଂଶ ଲୋକ ସ୍ୱତଃପ୍ରବୃତ ଭାବେ ବାହାରକୁ ବାହାରିନଥିଲେ । ଦୋକାନ, ବଜାର ବି ବନ୍ଦ ରହିଥିଲା । ବହୁ ସ୍ଥାନରେ ବ୍ୟାଙ୍କ, ପେଟ୍ରୋଲ ପମ୍ପ ମଧ୍ୟ ବନ୍ଦ ରହିଥିବା ଦେଖିବାକୁ ମିଳିଛି । ଶ୍ରମ ଆଇନରେ ସଂଶୋଧନ, ବିଦ୍ୟୁତ୍ ସଂଶୋଧନ ବିଲ୍ ୨୦୨୫କୁ ପ୍ରତ୍ୟାହାର, ଭିବି-ଜି ରାମଜି ଆଇନ ବଦଳରେ ମନରେଗା ଲାଗୁ, ଚାଷୀ ଓ କୃଷି ଶ୍ରମିକଙ୍କୁ ସୁରକ୍ଷା ସହ ବିହନ ବିଲ୍ ୨୦୨୫ ପ୍ରତ୍ୟାହାର, ଆଦିବାସୀ ଓ ପାରମ୍ପରିକ ଜଙ୍ଗଲ ଅଧିବାସୀଙ୍କୁ ଜଙ୍ଗଲ ଜମିର ଅଧିକାର ଦାବିରେ ୧୨ଘଣ୍ଟିଆ ବନ୍ଦ ଡାକରା ଦେଇଥିଲେ ।

### ଶ୍ରୀମନ୍ଦିର ରତ୍ନଭଣ୍ଡାର ଗଣତିମଣତି

## ୩ ମାସ ସମୟ ଦେଲେ ହାଇକୋର୍ଟ

କଟକ,୧୨।୨(ନିପ୍ର): ପୁରୀ ଶ୍ରୀମନ୍ଦିର ରତ୍ନଭଣ୍ଡାର ଗଣତିମଣତି ପାଇଁ ହାଇକୋର୍ଟଙ୍କ ୩ ମାସର ସମୟ ଦେଇଛନ୍ତି । ୧୯୭୮ର ଗଣତି ମଣତି ସହିତ ବର୍ତ୍ତମାନର ଗଣତି ମଣତି ମେଳ କରିବାକୁ କୋର୍ଟଙ୍କ ନିର୍ଦ୍ଦେଶ ରହିଛି । ସେହିପରି ରତ୍ନ ଭଣ୍ଡାର ଚାବି ହଜିବା ପ୍ରସଙ୍ଗରେ ଜଷ୍ଟିସ ରଘୁବୀର ଦାସ କମିଶନ ରିପୋର୍ଟ ବିଧାନସଭାରେ ଉପସ୍ଥାପନ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ । ହାଇକୋର୍ଟ ପୁରୀ ଶ୍ରୀମନ୍ଦିରର ରତ୍ନଭଣ୍ଡାରରେ ଥିବା ଅଳଙ୍କାର ଓ ମୂଲ୍ୟବାନ ସାମଗ୍ରୀର ସମ୍ପୂର୍ଣ୍ଣ ଗଣତିମଣତି ୩ ମାସ ଭିତରେ ଶେଷ କରିବାକୁ ରାଜ୍ୟ ସରକାରଙ୍କୁ କୁହାଯାଇଛି । ୧୯୭୮ ମସିହାରେ ପ୍ରସ୍ତୁତ ହୋଇଥିବା ତାଲିକାକୁ ଆଧାର କରି ଏହି ଯାଞ୍ଚ କରାଯିବ । ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ଓ ବିଚାରପତି ଏମ୍.ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି, ୧୯୭୮ର ତାଲିକା ହିଁ ମୁଖ୍ୟ ଆଧାର ହେବ । ନୂତନ କମିଟି ଦ୍ୱାରା ଗଣତିକୁ ପୁରୁଣା ରେକର୍ଡ ସହ ମେଳ କରାଯିବ । ଯାହାଦ୍ୱାରା ସେ ସମୟରେ ଥିବା ସମସ୍ତ ଅଳଙ୍କାର ସୁରକ୍ଷିତ ଅଛି କି ନାହିଁ ତାହା ଜଣାପଡ଼ିବ । ପ୍ରତ୍ନତତ୍ତ୍ୱ ବିଭାଗ-ଏଏସଆଇ ଦ୍ୱାରା ରତ୍ନଭଣ୍ଡାରର ମରାମତି କାମ ଶେଷ ହୋଇସାରିଛି । ତେଣୁ ଏବେ ସରକାର ବସି ନ ରହି ତୁରନ୍ତ ଗଣତି ପ୍ରକ୍ରିୟା ଶେଷ କରିବା ଉଚିତ । ସେହିପରି ରତ୍ନଭଣ୍ଡାରର ଚାବି ହଜିବା ସମ୍ପର୍କିତ ତଦନ୍ତ କମିଟିର ରିପୋର୍ଟ ଉପରେ କୋର୍ଟ କହିଛନ୍ତି, ନିୟମ ଅନୁଯାୟୀ ରିପୋର୍ଟକୁ ଆଗାମୀ ବିଧାନସଭା ଅଧିବେଶନରେ ଉପସ୍ଥାପନ କରାଯିବା ଆବଶ୍ୟକ । ଅନ୍ୟପଟେ ଏହି ପ୍ରସଙ୍ଗରେ କୌଣସି ପ୍ରକାର ଅବହେଳା କରାଯାଇପାରିବ ନାହିଁ । ତୁରନ୍ତ ପଦକ୍ଷେପ ନେବା ସରକାରଙ୍କ କର୍ତ୍ତବ୍ୟ ବୋଲି ବିଚାରପତି ଗୁରୁତ୍ୱାରୋପ କରିଛନ୍ତି । ୩ ମାସ ପରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ । ଏନେଇ ସରକାର ହାଇକୋର୍ଟରେ ଅନୁପାଳନ ରିପୋର୍ଟ ପ୍ରଦାନ କରିବେ ।

## ପ୍ରକାଶ ପାଇଲା ଓଟିଇଟି-୨୦୨୫ ପରୀକ୍ଷାଫଳ

### ୧ ଲକ୍ଷ ୬ ହଜାର ୪୧ ପରୀକ୍ଷାର୍ଥୀ ଉତ୍ତୀର୍ଣ୍ଣ

କଟକ,୧୨।୨(ନିପ୍ର): ପ୍ରକାଶ ପାଇଲା ଓଟିଇଟି ପରୀକ୍ଷାଫଳ । ୧୭ ଡିସେମ୍ବରରେ ହୋଇଥିବା ପରୀକ୍ଷାର ପରୀକ୍ଷାଫଳ ବାହାରିଛି । ପେପର-୧ରେ ୪୫ ହଜାର ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୩୨ ହଜାର ଉତ୍ତୀର୍ଣ୍ଣ ହୋଇଛନ୍ତି । ପେପର-୨ରେ ୧ ଲକ୍ଷ ୮ ହଜାର ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୭୩ ହଜାର ୯୫୪ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି । ପେପର-୧ ଓ ପେପର-୨ରେ ମୋଟ୍ ୧ ଲକ୍ଷ ୬ ହଜାର ୪୧ ଉତ୍ତୀର୍ଣ୍ଣ ହୋଇଛନ୍ତି । ଅପରାହ୍ନ ୨ଟାରୁ ରେଜଲ୍ଟ ବୋର୍ଡ ୱେବସାଇଟ www.bseodisha.ac.inରେ ଉପଲବ୍ଧ ହେଉଛି । କୃତକାର୍ଯ୍ୟ ହୋଇଥିବା ପରୀକ୍ଷାର୍ଥୀ ଅପରାହ୍ନ ୪ଟାରୁ ଡାଉନଲୋଡ଼ କରିପାରିବେ ଡିଜିଟାଲ ସାର୍ଟିଫିକେଟ । ଏଥିପାଇଁ ଧାର୍ଯ୍ୟ ଟଙ୍କା ଅନଲାଇନରେ ଦେବାକୁ ପଡିବ ।

## ମୁନିଗୁଡ଼ାରେ ବାଘ ଆତଙ୍କ

ମୁନିଗୁଡ଼ା,୧୨।୨: ମୁନିଗୁଡା ବନଖଣ୍ଡ ଅନ୍ତର୍ଗତ ଜଗଦଲପୁର ପଞ୍ଚାୟତର ଡିମିରିଗୁଡା ଗ୍ରାମ ନିକଟରେ ବାଘ ପାଦଚିହ୍ନ ଦେଖିବାକୁ ମିଳିଛି । ଗତକାଲି ରାତିରେ ଏକ ବାଛୁରୀକୁ ବାଘ ଖାଇଥିବା ସନ୍ଦେହ କରାଯାଉଛି । ରାୟଗଡ଼ା ଜିଲ୍ଲା ଡିମିରିଗୁଡା ଗ୍ରାମ ନିକଟରେ ବାଘ ପାଦଚିହ୍ନ ଦେଖିବାକୁ ମିଳିଛି । ଗତକାଲି ରାତିରେ ଏକ ବାଛୁରୀକୁ ବାଘ ମାରି ଖାଇଥିବା ଆଖପାଖ ଅଞ୍ଚଳରେ ପଡ଼ିଥିବା ପାଦଚିହ୍ନରୁ ସନ୍ଦେହ କରାଯାଉଛି । ଖବର ପାଇ ମୁନିଗୁଡା ରେଞ୍ଜର ପ୍ରବୀଣ ଦାସ, ଫରେଷ୍ଟର ପ୍ରମୋଦିନୀ ମାଣ୍ଡାଙ୍ଗି ଓ ବନବିଭାଗର ଅନ୍ୟ କର୍ମଚାରୀ ଉକ୍ତ ଜାଗାକୁ ଯାଇ ଅନୁସନ୍ଧାନ କରିବା ସହ ଟ୍ରାପ କ୍ୟାମେରା ଲଗାଇଛନ୍ତି । ବାଘର ଗତିବିଧି ଲକ୍ଷ୍ୟ କରାଯାଇଥିବା ସହ ବାଘ ଉପରେ ତୀକ୍ଷ୍ଣ ନଜର ରଖାଯାଇଛି ବୋଲି ରେଞ୍ଜର ପ୍ରବୀଣ ଦାସ କହିଛନ୍ତି । ଉକ୍ତ ଅଞ୍ଚଳରେ ଆଖପାଖ ଗ୍ରାମର ଜନ ସାଧାରଣ ଭୟଭୀତ ଅବସ୍ଥାରେ ଥିବା ଜଣାପଡିଛି ।

## ଭିଜିଲାନ୍ସ ଜାଲରେ ବେଲଗୁଣ୍ଠା ଅତିରିକ୍ତ ତହସିଲଦାର



ବେଲଗୁଣ୍ଠା,୧୨।୨(ନିପ୍ର): ଗଞ୍ଜାମ ଜିଲ୍ଲାରେ ଭିଜିଲାନ୍ସ ବିଭାଗ ପକ୍ଷରୁ ଏକ ବଡ଼ ଧରଣର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ବେଲଗୁଣ୍ଠା ଅତିରିକ୍ତ ତହସିଲଦାର କବିରାଜ ସେଠୀଙ୍କୁ ଓଡ଼ିଶା ଭିଜିଲାନ୍ସ ଲାଞ୍ଚ ନେବା ଅଭିଯୋଗରେ ରଙ୍ଗେ ହାତ ଗିରଫ କରିଛି । ଜଣେ ବାଲି ବୋଝେଇ ଟ୍ରାକ୍ଟର ମାଲିକଙ୍କ ଠାରୁ ଗାଡ଼ି ଛାଡ଼ିବା ପାଇଁ ଲାଞ୍ଚ ନେଉଥିବା ବେଳେ ସେ ଧରାପଡ଼ିଛନ୍ତି । ସୂଚନା ଅନୁଯାୟୀ, ଗତ ଫେବୃଆରୀ ୫ ତାରିଖରେ ଶ୍ରୀ ସେଠୀ ଏକ ବାଲି ବୋଝେଇ ଟ୍ରାକ୍ଟରକୁ ଅଟକ ରଖିଥିଲେ । ଗାଡ଼ିଟିକୁ ଅଟକ ରଖିବା ନେଇ ସେ କୌଣସି ସରକାରୀ ରେକର୍ଡ ବା ଦସ୍ତାବିଜ୍ ପ୍ରସ୍ତୁତ କରିନଥିଲେ । ଟ୍ରାକ୍ଟର ମାଲିକ ଗାଡ଼ିର ସମସ୍ତ ବୈଧ କାଗଜପତ୍ର ଦେଖାଇବା ସତ୍ତ୍ୱେ ଅତିରିକ୍ତ ତହସିଲଦାର ଗାଡ଼ି ଛାଡ଼ିବା ପାଇଁ ଅର୍ଥ ଦାବି କରିଥିଲେ । ଶେଷରେ ମାଲିକ ଜଣକ ଏନେଇ ଭିଜିଲାନ୍ସ ବିଭାଗର ଦ୍ୱାରସ୍ଥ ହୋଇଥିଲେ । ଗୁରୁବାର ଅଭିଯୋଗକାରୀ ଅତିରିକ୍ତ ତହସିଲଦାରଙ୍କୁ ଭେଟିଥିଲେ, ଶ୍ରୀ ସେଠୀ ତାଙ୍କୁ ୩୦ ହଜାର ଟଙ୍କା ସରକାରୀ ଜୋରିମାନା ଦେବାକୁ କହିବା ସହ ନିଜ ପାଇଁ ୧୦ହଜାର ଟଙ୍କା ଲାଞ୍ଚ ମାଗିଥିଲେ । ଟଙ୍କା ଦେଣନେଣ ବେଳେ ଭିଜିଲାନ୍ସ ଟିମ୍ ତାଙ୍କୁ ମାଡ଼ି ବସିଥିଲା । ତାଙ୍କ ପାଖରୁ ସମସ୍ତ ଲାଞ୍ଚ ଟଙ୍କା ଜବତ କରାଯାଇଛି । ଏଥିସହ ସରକାରୀ ରସିଦ୍ ବା ଚାଲାଣରେ ଥିବା ଅନିୟମିତତାର ମଧ୍ୟ ଯାଞ୍ଚ କରାଯାଉଛି । ଶ୍ରୀ ସେଠୀଙ୍କୁ ଗିରଫ ପରେ ଭିଜିଲାନ୍ସ ବିଭାଗ ପକ୍ଷରୁ ଦୁଇଟି ସ୍ଥାନରେ ଚଢ଼ାଉ ଜାରି ରହିଛି । ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ମଧ୍ୟ ତଦନ୍ତ କରାଯାଉଛି । ଏହି ମାମଲାରେ ବ୍ରହ୍ମପୁର ଭିଜିଲାନ୍ସ ଥାନାରେ କେସ୍ ନଂ ୦୧/ ୨୦୨୬, ଧାରା ୭ .ପି.ସି. ଆକ୍ଟ, ୨୦୧୮ ଅନୁଯାୟୀ ଏକ ମାମଲା ରୁଜୁ ହୋଇଛି ।

## ବିଦ୍ୟାଳୟରେ ମଦପିଇ ଗଡ଼ିଲେ ଦୁଇଛାତ୍ର

ଦଶପଲ୍ଲା,୧୨।୨: କିଛିଦିନ ତଳେ କନ୍ଧମାଳଜିଲ୍ଲା ଟିକାବାଲିରେ ଦୁଇଜଣ ନବମ ଶ୍ରେଣୀର ଛାତ୍ର ମଦ ପିଇ ବଜାରରେ ଅଚେତ ହୋଇ ପଡ଼ିଥିବା ଖବର ମିଳିଥିଲା । ସେହିଭଳି ଆଉ ଏକ ବିଦ୍ୟାଳୟର ଘଟଣା ସାମ୍ନାକୁ ଆସିଛି । ନୟାଗଡ ଜିଲ୍ଲା ଦଶପଲ୍ଲା ଏନସି ଅନ୍ତର୍ଗତ ଦଶପଲ୍ଲା ଉଚ୍ଚ ବିଦ୍ୟାଳୟର ସପ୍ତମ ଶ୍ରେଣୀର ଦୁଇ ଛାତ୍ର ମଦ୍ୟପାନ କରି ଆସିଥିବା ବେଳେ ଚେତାଶୂନ୍ୟ ହୋଇପଡିଛନ୍ତି । ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଭିଭାବକମାନଙ୍କୁ ଡାକିବା ସହ ଦୁଇ ଛାତ୍ରଙ୍କୁ ବିଦ୍ୟାଳୟରୁ ବାହାର କରିଛନ୍ତି । ପରିବାର ଲୋକ ଆସିବା ପରେ ସେମାନଙ୍କୁ ହସ୍ତାନ୍ତର କରାଯାଇଛି । ସେପଟେ ନିଶାସକ୍ତ ଛାତ୍ରଙ୍କ ମା ଅଭିଯୋଗ କରିଛନ୍ତି ପୁଅ ଘରୁ ମଦ ପିଇକି ଆସିନାହିଁ ବିଦ୍ୟାଳୟରେ କିଛି ପିଲାଙ୍କ ସହିତ ମିଶି ମଦ୍ୟପାନ କରିଛି । ତେବେ ପ୍ରଧାନଶିକ୍ଷକ ଏହାକୁ ଖଣ୍ଡନ କରିଛନ୍ତି । ପ୍ରଧାନଶିକ୍ଷକ କହିଛନ୍ତି ସେସବୁ ପିଲା ଘରୁ ମଦ ପିଇକି ଆସିଛନ୍ତି । ବିଦ୍ୟାଳୟରେ ଜଣାପଡ଼ିବା ପରେ ସେମାନଙ୍କ ଘର ଲୋକଙ୍କୁ ଡକାଯାଇଥିଲା । ସେମାନଙ୍କର ଏବେ ଚେତା ଫେରିବା ପରେ ଘରକୁ ଯାଇଛନ୍ତି ।

### ୩.୨୫ ଲକ୍ଷ କୋଟି ଟଙ୍କାର ମେଗା ଚୁକ୍ତି ପାଇଁ ମଞ୍ଜୁରି

# ୧୧୪ ରାଫେଲ୍ ଯୁଦ୍ଧବିମାନ କିଣିବ ଭାରତ



ନୂଆଦିଲ୍ଲୀ,୧୨।୨: ଭାରତୀୟ ବାୟୁସେନାର କାର୍ଯ୍ୟକ୍ଷମ କ୍ଷମତା ବୃଦ୍ଧି କରିବାକୁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ନେତୃତ୍ୱରେ ପ୍ରତିରକ୍ଷା ଅଧିଗ୍ରହଣ ପରିଷଦ (ଡିଏସି) ଗୁରୁବାର ୧୧୪ଟି ରାଫେଲ ଯୁଦ୍ଧ ବିମାନ କ୍ରୟକୁ ଅନୁମୋଦନ କରିଛି । ସୂତ୍ର ଅନୁଯାୟୀ ଚଳିତ ମାସ ଶେଷରେ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନଙ୍କ ଗସ୍ତ ପୂର୍ବରୁ ୩.୨୫ ଲକ୍ଷ କୋଟି ଟଙ୍କାର ଏହି ମେଗା ଚୁକ୍ତିକୁ ମଞ୍ଜୁରି ମିଳିଛି । ଏହି ଚୁକ୍ତି ଅନୁଯାୟୀ ୧୧୪ ରାଫେଲ ଯୁଦ୍ଧ ବିମାନ ମଧ୍ୟରୁ ୮୦ ପ୍ରତିଶତ ଘରୋଇ ଉତ୍ପାଦନ ହେବ ବୋଲି ଆଶା କରାଯାଉଛି । ଏହାଦ୍ୱାରା ମେକ୍ ଇନ୍ ଇଣ୍ଡିଆ ଫ୍ରେମୱାର୍କ ଅନୁଯାୟୀ ସ୍ୱଦେଶୀ ସାମଗ୍ରୀ ନିର୍ମାଣ ୬୦ ପ୍ରତିଶତ ପର୍ଯ୍ୟନ୍ତ ପହଞ୍ଚିପାରେ । ପ୍ରତିରକ୍ଷା ଅଧିଗ୍ରହଣ ପରିଷଦ ବିମାନ କ୍ରୟ ପାଇଁ ଅନୁମତି ପ୍ରଦାନ କରିଥିବା ସୂତ୍ରରୁ ଜଣାପଡ଼ିଛି । ପ୍ରତିରକ୍ଷା ସଚିବଙ୍କ ଅଧ୍ୟକ୍ଷତାରେ ବସିଥିବା ପ୍ରତିରକ୍ଷା କ୍ରୟ ବୋର୍ଡ଼ ରାଫେଲ ଅଧିଗ୍ରହଣ ପ୍ରସ୍ତାବକୁ ଗତ ମାସ ମଞ୍ଜୁରି ପ୍ରଦାନ କରିଥିଲା । ଏହାଦ୍ୱାରା ଡାସଲ୍ଟ ଆଭିଏସନ୍ ସହିତ ଆନୁଷ୍ଠାନିକ ଆଲୋଚନା ଅଧିକ ନିକଟତର ହୋଇପାରିବ । ରାଫେଲ ଯୁଦ୍ଧବିମାନ ଫ୍ରାନ୍ସର ଡାସଲ୍ଟ ଏଭିଏସନ ଦ୍ୱାରା ନିର୍ମାଣ କରାଯାଉଛି । ଭାରତର ପଶ୍ଚିମ ଓ ଉତ୍ତର ସୀମାରେ ବିପଦ ବଢୁଥିବାବେଳେ ଯୁଦ୍ଧ ବିମାନର ଅଭାବ ରହିଛି । ୪୨ ଯୁଦ୍ଧବିମାନ ପାଇଁ ଅନୁମତି ଥିଲେ ମଧ୍ୟ ଭାରତୀୟ ବାୟୁସେନା ପାଖରେ ମାତ୍ର ୨୯ଟି ଯୁଦ୍ଧ ବିମାନ ରହିଛି । ଫଳରେ ୩.୨୫ ଲକ୍ଷ କୋଟି ଟଙ୍କାର ଏହି ଚୁକ୍ତି ଭାରତୀୟ ଯୁଦ୍ଧବିମାନ ଅଧିଗ୍ରହଣ କ୍ଷେତ୍ରରେ ଏକ ବଡ଼ଧରଣର ଆପୂର୍ତ୍ତି ହେବ । ଏହି ଯୋଜନାରେ ୧୮ ଯୁଦ୍ଧବିମାନ ଉଡ଼ିବାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅବସ୍ଥାରେ ମିଳିବ ଓ ବାକି ୯୬ଟି ଯୁଦ୍ଧବିମାନକୁ ଭାରତରେ ଆସେମ୍ବଲ କରାଯିବ । ଭାରତୀୟ ବାୟୁସେନା ୮୮ଟି ସିଙ୍ଗଲ-ସିଟ୍ ଓ ୨୬ଟି ଟ୍ୱିନ୍ ସିଟ୍ ଯୁଦ୍ଧ ବିମାନ କିଣିବ । ଭାରତ ୨୦୨୦ରେ ପ୍ରଥମ ଥର ରାଫେଲ ଯୁଦ୍ଧବିମାନ ଅମ୍ବାଲାସ୍ଥିତ ବାୟୁସେନା ଷ୍ଟେସନଠାରେ ଗ୍ରହଣ କରିଥିଲା, ପରେ ଏହାକୁ ସେନାରେ ସାମିଲ କରାଯାଇଥିଲା । ବର୍ତ୍ତମାନ ଭାରତ ଦୁଇଟି ରାଫେଲ ଯୁଦ୍ଧବିମାନ ମୁତୟନ କରିଛି ।

## ସଂସଦରେ ଶିଳ୍ପ ସଂହିତା ସଂଶୋଧନ ବିଲ୍ ପାରିତ

ନୂଆଦିଲ୍ଲୀ,୧୨।୨: ଗୁରୁବାର ସଂସଦରେ ଶିଳ୍ପ ସଂହିତା ସଂଶୋଧନ ବିଲ୍ ପାରିତ ହୋଇଛି । ଫେବୃଆରୀ ୧୧ରେ ଏହି ବିଲ୍ ସଂସଦରେ ଆଗତ କରାଯାଇଥିଲା । ଗୁରୁବାର ମଧ୍ୟାହ୍ନରେ ଏହା ରାଜ୍ୟସଭାରେ ପାରିତ ହେବ ସହ ପରେ ଲୋକସଭାରେ ପାରିତ ହୋଇଛି । କେନ୍ଦ୍ର ସରକାର କହିଛନ୍ତି ଯେ ଏହି ଆଇନରେ ୨୦୨୦ ଶିଳ୍ପ ଆଇନ ସମ୍ପର୍କୀୟ ଭବିଷ୍ୟତରେ ଯେକୌଣସି ଅନାବଶ୍ୟକ ଅସୁବିଧାକୁ ଅଟକାଇବା ପାଇଁ ଲକ୍ଷ୍ୟ ରଖିଛି । ବିଲ୍ ଉପରେ ଆଲୋଚନାର ଉତ୍ତର ଦେଇ ଶ୍ରମମନ୍ତ୍ରୀ ମନସୁଖ ମାଣ୍ଡଭିୟ କହିଛନ୍ତି ଯେ, ଏହା ଏକ ନିଶ୍ଚିତ ସର୍ବନିମ୍ନ ମଜୁରି ସୁନିଶ୍ଚିତ କରୁଛି । ସଂହିତା ନିଯୁକ୍ତି ପତ୍ର ପ୍ରଦାନ କରିବାକୁ ଏବଂ ଲିଙ୍ଗ ନିର୍ବିଶେଷରେ ସମାନ କାମ ପାଇଁ ସମାନ ଦରମା ପ୍ରଦାନ କରିବାକୁ ବାଧ୍ୟତାମୂଳକ । ବସ୍ତୁ ଏବଂ କାରଣ ବିବୃତ୍ତି ଅନୁଯାୟୀ "ଶିଳ୍ପ ସମ୍ପର୍କ ସଂହିତା-୨୦୨୦" ଟ୍ରେଡ୍ ୟୁନିଅନ୍ ଆଇନ-୧୯୨୬, ଶିଳ୍ପ ନିଯୁକ୍ତି ଆଇନ ୧୯୪୬ ଏବଂ ଶିଳ୍ପ ବିବାଦ ଆଇନ ୧୯୪୭କୁ ବଦଳାଇଥାଏ, ଯାହା ଟ୍ରେଡ୍ ୟୁନିଅନ୍, ଶିଳ୍ପ ନିଯୁକ୍ତି ଏବଂ ଶିଳ୍ପ ବିବାଦକୁ ପରିଚାଳନା କରେ ।

## ଜମି ପଟ୍ଟାରେ ଲାଗିବ କ୍ୟୁଆର୍ କୋଡ୍

ଭୁବନେଶ୍ୱର,୧୨।୨: କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ଉଦ୍ୟମରେ ଆସିବ ନୂଆ ଜମିପଟ୍ଟା । ଇଲେକ୍ଟ୍ରୋନିକ୍ସ ଯୁକ୍ତ କ୍ୟୁଆର କୋଡ୍ ପଟ୍ଟା ଆସିବ । ପଟ୍ଟାରେ ଥିବା କ୍ୟୁଆର କୋଡ୍‌ରେ ସ୍କାନ କଲେ ପଟ୍ଟାର ସମ୍ପୂର୍ଣ୍ଣ ଇତିହାସ ବାହାରିବ । ଏଣିକି ଠକମାନେ ଲୋକଙ୍କୁ ଭୁଆଇ ଜମି କିଣା ବିକା ଉପରେ ରୋକ୍ ଲାଗିବ । ଠକାମୀ ଉପାୟରେ ଜମି କିଣାବିକା କଲେ ସଙ୍ଗେ ସଙ୍ଗେ ତହସିଲଦାର ଓ ଆରଆଇଙ୍କ ପାଖକୁ ଯିବ ଖବର । ଏ ନେଇ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି ।

# ଓଡ଼ିଶାରେ ପ୍ରତିଷ୍ଠା ହେବ ଆଇଜି ଡିଫେନ୍ସର ଡ୍ରୋନ୍ କାରଖାନା

ଭୁବନେଶ୍ୱର: ପ୍ରତିରକ୍ଷା ଉପକରଣ ନିର୍ମାତା ଆଇଜି ଡିଫେନ୍ସକୁ ଡ୍ରୋନ୍ କାରଖାନା ନିର୍ମାଣ କରିବାକୁ ରାଜ୍ୟ ସରକାର ଗଞ୍ଜାମରେ ୩୦ ଏକର ଜମି ଆବଣ୍ଟନ କରିଛନ୍ତି । ଜମି ମିଳିବାର ଅତିବେଶିରେ ଦୁଇ ବର୍ଷରେ କାରଖାନା ନିର୍ମାଣ ହୋଇଯିବ ବୋଲି କମ୍ପାନିର ଉପାଧ୍ୟକ୍ଷ ମେଜର ଜେନେରାଲ ରମେଶ ଚନ୍ଦ୍ର ପାଢ଼ୀ କହିଛନ୍ତି । ଉକ୍ତ କାରଖାନାରେ କମ୍ପାନି ବିଭିନ୍ନ କ୍ଷମତା, ଆକାର ଓ ଆକୃତିର ଡ୍ରୋନ୍, ଏୟାର ଡିଫେନ୍ସ ସିଷ୍ଟମ୍, ଗୁରୁତ୍ୱପୂର୍ଣ୍ଣ ମିଲିଟାରି ଓ ଅନ୍ୟାନ୍ୟ ପ୍ରତିରକ୍ଷା ଉପକରଣ ତିଆରି କରିବ । କାରଖାନା ପରିସରରେ ଉତ୍ପାଦନ ୟୁନିଟ୍, ଗବେଷଣା ଓ ବିକାଶ କ୍ଷେତ୍ର ଓ ଅନ୍ୟାନ୍ୟ ପରିଚାଳନା ବିଭାଗ ରହିବ । ଏହି କାରଖାନାରେ କମ୍ପାନି ୩୦୦ କୋଟି ଟଙ୍କା ନିବେଶ କରିବ ବୋଲି ସେ ସୂଚନା ଦେଇଛନ୍ତି । ୨୦୧୮ରେ ସ୍ଥାପନ ହୋଇଥିବା ଆଇଜି ଡିଫେନ୍ସର ଏକ କାରଖାନା ନୋଏଡାରେ ରହିଛି । ଗତବର୍ଷ ଭାରତୀୟ ସେନାର ଅପରେସନ ସିନ୍ଦୂର ପାଇଁ କମ୍ପାନି କାମାକାଜି ଓ ଏଫପିଭି ଭଳି ଦୁଇ ପ୍ରକାର ଡ୍ରୋନ୍ ଯୋଗାଇଥିଲା । କମ୍ପାନି ପାଖରେ ବର୍ତ୍ତମାନ ୧୦୦ କୋଟି ଟଙ୍କାର ଉପକରଣ ଯୋଗାଣ ବରାଦ ରହିଛି । ୨୦୨୬-୨୭ରେ ବରାଦ ପରିମାଣ ୫୦୦ କୋଟି ଟଙ୍କା ଓ ପରବର୍ତ୍ତୀ ଆର୍ଥିକ ବର୍ଷରେ ୨୦୦୦ କୋଟି ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ପାଇବା ସମ୍ଭାବନା ରହିଥିବା ଶ୍ରୀ ପାଢ଼ୀ କହିଛନ୍ତି । ବର୍ତ୍ତମାନ ଭାରତୀୟ ସେନାର ଆବଶ୍ୟକତା ପୂରଣ କରୁଥିବା ଆଇଜି ଡିଫେନ୍ସ ଆଗାମୀ ଦିନରେ ଏହାର ଉତ୍ପାଦ ରପ୍ତାନି କରିବାକୁ ଯୋଜନା ରଖିଛି । କମ୍ପାନି ସହିତ ଦୁବାଇ,



ନାଇଜେରିଆ, ମଙ୍ଗୋଲିଆର ପ୍ରତିନିଧିମାନେ କଥାବାର୍ତ୍ତା କରୁଛନ୍ତି । କିନ୍ତୁ କମ୍ପାନିର ପ୍ରାଥମିକତା ଭାରତୀୟ ସେନାର ଆବଶ୍ୟକତା ପୂରଣ କରିବା ଉପରେ ରହିବ । ଏହା ଭାରତର ବନ୍ଧୁ ରାଷ୍ଟ୍ରଗୁଡ଼ିକୁ ଏହାର ଉତ୍ପାଦ ଯୋଗାଇବାକୁ ଚାହୁଁଛି । ଓଡ଼ିଶାରେ ହେବାକୁ ଥିବା କାରଖାନା ସେନାର ପୂର୍ବାଞ୍ଚଳରେ ଥିବା ୟୁନିଟ୍‌ଗୁଡ଼ିକର ଡ୍ରୋନ୍ ଓ ଅନ୍ୟାନ୍ୟ ପ୍ରତିରକ୍ଷା ଉପକରଣ ଆବଶ୍ୟକତାକୁ ଖୁବ୍ କମ୍ ସମୟ ଭିତରେ ପୂରଣ କରିବାରେ ସହାୟକ ହୋଇପାରିବ ବୋଲି ଶ୍ରୀ ପାଢ଼ୀ କହିଛନ୍ତି ।

# ପାନୀୟ ଜଳ ଓ ଦୀର୍ଘାୟୁ ଜୀବନ

ପୃଥିବୀ ପୃଷ୍ଠରେ ରହିଥିବା ସମସ୍ତ ବୃକ୍ଷଲତା ଓ ସମସ୍ତ ପ୍ରାଣୀଜଗତ ଜଳ ବିନା ବଞ୍ଚିରହିବା ଅସମ୍ଭବ। ଜଳ ହିଁ ଜୀବନ। ବୃକ୍ଷଲତା ଆଦି ପାଇଁ ଜଳର ପ୍ରକାରଭେଦ ଅଧିକ ଜରୁରୀ ନ ଥିବା ବେଳେ, ମନୁଷ୍ୟ ପାଇଁ ପାନୀୟ ଜଳ ନିମନ୍ତେ ସ୍ୱଚ୍ଛ ଓ ପରିଷ୍କାର ତଥା ଜୀବାଣୁ ଭୂତାଣୁବିହୀନ ଜଳ ନିତାନ୍ତ ଆବଶ୍ୟକ। ଏହାଦ୍ୱାରା ଆମେ ସୁସ୍ଥ, ନିରୋଗ ତଥା ଦୀର୍ଘାୟୁ ହୋଇପାରିବା। ସାଧାରଣତଃ ବର୍ଷା ଋତୁରେ ସ୍ୱଚ୍ଛ ପରିଷ୍କାର ପାନୀୟ ଜଳ ନିମନ୍ତେ ଅଧିକ ସତର୍କ ରହିବା



ଆବଶ୍ୟକ। ବିଶେଷଭାବରେ ନଦୀ, ନାଳ, କୂପ, ଜଳାଶୟ ଆଦିର ଜଳ ଦୂଷିତ ହୋଇଥାଏ। ତେଣୁ ଜଳକୁ ଭଲଭାବେ ଫୁଟାଇ ଛାଣି ପାନୀୟଜଳ ଭାବେ ବ୍ୟବହାର କରିବା ଜରୁରୀ। ପୂର୍ବ ସମୟ ଅପେକ୍ଷା ବର୍ତ୍ତମାନ ସ୍ଥିତି ବଦଳିଯାଇଛି। ବନ୍ୟା ବାତ୍ୟା ଆଦିର ପୂର୍ବ ସୂଚନା ବିଭିନ୍ନ ପତ୍ରପତ୍ରିକା ବୈଦ୍ୟୁତିକ ଗଣମାଧ୍ୟମରୁ ମିଳିଯାଉଛି। ଫଳରେ ୪ରୁ ୫ଦିନ ପର୍ଯ୍ୟନ୍ତ ପାନୀୟ ଜଳ ସୁରକ୍ଷିତ ଭାବେ ରଖି ବ୍ୟବହାର କରାଯାଇପାରୁଛି। ବନ୍ୟା ବାତ୍ୟାର ପରବର୍ତ୍ତୀ ସମୟ ବହୁତ ଗୁରୁତ୍ୱପୂର୍ଣ୍ଣ। କାରଣ ଏହି ସମୟରେ ସବୁ ଜଳାଶୟର ଜଳ ଦୂଷିତ ହୋଇଥାଏ। ତେଣୁ ଆମେ ଅତି କମ୍‌ରେ ୪ରୁ ୫ ଦିନ ପାଇଁ ପରିଷ୍କାର ଜଳ ସୁରକ୍ଷିତ ରଖି ଏହାକୁ ପାନୀୟ ଭାବେ ବ୍ୟବହାର କରିପାରିବା, ଯାହାଦ୍ୱାରା ଡାଇରିଆ, ଟାଇଫଏଡ୍ ଆଦି ବିଭିନ୍ନ ସଂକ୍ରମଣଜନିତ ରୋଗ ତଥା ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାରୁ ଆମେ ନିଜକୁ ରକ୍ଷା କରିପାରିବା। ଆଗ କାଳରେ ଆମର ପୂର୍ବ ପିଢ଼ିର ବୟସ୍କ ବ୍ୟକ୍ତିମାନେ ସକାଳୁ ଉଠି ବାସିପାଣି ପିଉଥିଲେ। କାରଣ ଏହି ପାଣି ସ୍ୱାସ୍ଥ୍ୟ ପାଇଁ ଭଲ। ତମ୍ବାପାତ୍ର, ମାଟିପାତ୍ରରେ ପାଣି ରଖି ପିଇଲେ ତାହା ସ୍ୱାସ୍ଥ୍ୟ ପାଇଁ ଲାଭପ୍ରଦ ହୋଇଥାଏ। କୌଣସି କାରଣରୁ ଘରକୁ ଏକାଧିକ ଦିନ ପାନୀୟ ଜଳ ଯୋଗାଣ ବନ୍ଦ ହୋଇଗଲେ ଆମେ ଅସୁବିଧାରେ ପଡ଼ିଥାଉ। ଜରୁରିକାଳୀନ ପରିସ୍ଥିତିରେ ପାନୀୟ ଜଳର ଆବଶ୍ୟକ ପଡ଼ିଲେ ଘରେ ସଞ୍ଚିତ ପାଣିକୁ ବ୍ୟବହାର କରିଥାଉ। ଉକ୍ତ ପାଣି ଆମ ସ୍ୱାସ୍ଥ୍ୟ ପାଇଁ କେତେ ପରିମାଣରେ ଭଲ କି ଖରାପ ତାହା ଜାଣିବାର ଆବଶ୍ୟକତା ରହିଛି।

# ଗୌତମ ବୁଦ୍ଧ ଓ ସାଂସାରିକ ଜୀବନ





ବୁଦ୍ଧଙ୍କୁ ଭଗବାନ ବିଷ୍ଣୁଙ୍କ ନବମ ଅବତାର ବୋଲି ବିବେଚନା କରାଯାଏ। ଗୌତମ ବୁଦ୍ଧ ଯେତେବେଳେ ଚୁପଚାପ ଅଧା ରାତିରେ ଘର ଛାଡିଲେ ସେତେବେଳେ ତାଙ୍କ ପତ୍ନୀ ଯଶୋଧରା ପୁଅ ରାହୁଲଙ୍କୁ ଜନ୍ମ ଦେଇ ସାରିଥିଲେ। ଘର ଛାଡିବା ପରେ ବୁଦ୍ଧ ଆଉ ଘରକୁ ଫେରିଲେ ନାହିଁ। ପରେ ଯଶୋଧାରା ପୁଅ ରାହୁଳ ବହୁତ କଷ୍ଟରେ ଚଳିଥିଲେ। ସେ ବୁଦ୍ଧଙ୍କୁ କହିବାକୁ ଚାହୁଁଥିଲେ ଯେ, ତାଙ୍କ ଯିବା ପରେ କେମିତି ତାଙ୍କର ମଧ ଦୁନିଆ ଉପରୁ ମୋହ ମାୟା ଉଠିଗଲା। କହିବାକୁ ଚାହୁଁଥିଲେ ବିଗତ ଦିନମାନଙ୍କରେ କିପରି ତାଙ୍କୁ ସ୍ମରଣ କରୁଥିଲେ। ଗୌତମ ବୁଦ୍ଧଙ୍କ ବାହାଘର ରାଜକୁମାରୀ ଯଶୋଧାରାଙ୍କ ସହ ହୋଇଥିଲା। ସେତେବେଳକୁ ଯଶୋଧାରାଙ୍କୁ ୧୬ ବର୍ଷ ବୟସ ହୋଇଥାଏ। ସେ ତାଙ୍କଠାରୁ କିଛି ବର୍ଷ ବଡ଼ ଥିଲେ। ବୁଦ୍ଧ ବିବାହ କରିବାକୁ ଚାହୁଁନଥିଲେ। ତାଙ୍କ ପିତା ଜବରଦସ୍ତି ତାଙ୍କ ବିବାହ କରିଦେଇଥିଲେ। ଯେଉଁଦିନ ଯଶୋଧାରା ପୁଅ ରାହୁଲଙ୍କୁ ଜନ୍ମଦେଲେ, ସେହି ରାତିରେ ଗୌତମ ବୁଦ୍ଧ ରାଜମହଲ ଛାଡି ଚାଲିଗଲେ। ତାପରଠୁ ନା'ସେ କେବେ

**ବୁଦ୍ଧ ବିବାହ କରିବାକୁ ଚାହୁଁନଥିଲେ। ତାଙ୍କ ପିତା ଜବରଦସ୍ତି ତାଙ୍କ ବିବାହ କରିଦେଇଥିଲେ। ଯେଉଁଦିନ ଯଶୋଧାରା ପୁଅ ରାହୁଲଙ୍କୁ ଜନ୍ମ ଦେଲେ, ସେହି ରାତିରେ ଗୌତମ ବୁଦ୍ଧ ରାଜମହଲ ଛାଡି ଚାଲିଗଲେ।**

ଘରକୁ ଫେରିଲେ ନା ଗୃହସ୍ଥ ଜୀବନକୁ ପ୍ରତ୍ୟାବର୍ତ୍ତନ କଲେ। ସେତେବେଳକୁ ଯଶୋଧାରାଙ୍କୁ ୨୯ବର୍ଷ ହୋଇଥିଲା। ସ୍ୱାମୀଙ୍କ ଯିବା ପରେ ସେ ସାଧାରଣ ମଣିଷଭାବେ ବଞ୍ଚିବା ଆରମ୍ଭ କରିଥିଲେ। ଗୌତମ ବୁଦ୍ଧଙ୍କ ପତ୍ନୀ ପୁଅ ରାହୁଳର ଲାଳନପାଳନ କରିବା ସହ ସନ୍ଥଙ୍କ ଭଳି ଜୀବନ ଯାପନ କଲେ। ମୂଲ୍ୟବାନ ବସ୍ତ୍ର, ଅଳଙ୍କାରକୁ ତ୍ୟାଗ କରିଦେଲେ। ହଳଦିଆ ରଙ୍ଗର ବସ୍ତ୍ର ପନ୍ଧିବା ସହ ଦିନରେ ଗୋଟେ ଥର ଭୋଜନ କରୁଥିଲେ। ଯଶୋଧାରାଙ୍କ ଜୀବନ ଉପରେ ଅନେକ ବହି ଲେଖାହୋଇଛି। ମୈଥିଳିଶରଣ ଗୁପ୍ତ ରଚନା ଯଶୋଧରା (କାବ୍ୟ) ପ୍ରସିଦ୍ଧ। ବିଶ୍ୱାସ କରାଯାଏ ଯେ ଯଦି ରାହୁଲଙ୍କୁ ସେ ଜନ୍ମ ଦେଇନଥାନ୍ତେ, ତେବେ ହୁଏତ ସେ ଜୀବନ ତ୍ୟାଗ କରିଦେଇଥାଆନ୍ତେ। ଗୌତମ ବୁଦ୍ଧ ଈକ୍ଷାକୁ ରାଜବଂଶର ରାଜକୁମାର ଥିଲେ ତାଙ୍କ ନାମ ସିଦ୍ଧାର୍ଥ ଥିଲା। ଆଉ ଯଶୋଧରା ତାଙ୍କ ପିଉସୀଙ୍କ ଝିଅ ଥିଲେ। ବିବାହ ପୂର୍ବରୁ ବୁଦ୍ଧଙ୍କ ସ୍ୱଭାବ ଆଧାତ୍ମିକ ଥିଲା।

# ଶକ୍ତି ପରୀକ୍ଷାରେ ଶକ୍ତିଲାଭ



ଯୁଧିଷ୍ଠିର କପଟ ପଶାରେ ହାରିଯିବାରୁ ସର୍ତ୍ତ ଅନୁଯାୟୀ ପାଣ୍ଡବମାନେ ବନବାସରେ ଥାଆନ୍ତି। ବନବାସ କାଳରେ ଦିନେ ମହର୍ଷି ବେଦବ୍ୟାସ ସେମାନଙ୍କୁ ଭେଟି କହିଥିଲେ- ଯଦି ରାଜ୍ୟ ଫେରିବାକୁ ଚାହୁଁଥାଅ, ତା'ହେଲେ କୌରବଙ୍କ ସହ ଅବଶ୍ୟ ଯୁଦ୍ଧ କରିବାକୁ ପଡ଼ିବ। ଦୟା ଦେଖାଇ ସେମାନେ କେବେ ବି ତୁମକୁ ରାଜ୍ୟ ଫେରାଇବେ ନାହିଁ। ମୋ ବିଚାରରେ ମଧ୍ୟମ ପାଣ୍ଡବ ଅର୍ଜୁନ କଠୋର ତପସ୍ୟା ମାଧ୍ୟମରେ ଶିବଙ୍କ ଆଶୀର୍ବାଦ ଲାଭ କରିବା ଉଚିତ। ବେଦବ୍ୟାସଙ୍କ ପରାମର୍ଶ ଅନୁଯାୟୀ ଅର୍ଜୁନ କୈଳାସ ପର୍ବତ ନିକଟବର୍ତ୍ତୀ ଏକ ଜଙ୍ଗଲରେ ଘୋର ତପସ୍ୟା କଲେ। କୌରବମାନେ ଅର୍ଜୁନଙ୍କ ତପସ୍ୟା ସମ୍ପର୍କରେ ଜାଣିପାରି ପ୍ରମାଦ ଗଣିଲେ। ତପସ୍ୟାରେ ବିଘ୍ନ କରିବା ନିମନ୍ତେ ମୁକାସୁରକୁ ପ୍ରେରଣ କଲେ। ମୁକାସୁର ଭୟଙ୍କର ବାରହା ରୂପ ଧାରଣ କରି ତପସ୍ଥଳରେ ପହଞ୍ଚି ଅର୍ଜୁନଙ୍କ ଉପରେ ଆକ୍ରମଣ କରିବାକୁ ଉଦ୍ୟତ ହେଲା। ଏହି ସମୟରେ ଜଣେ ଶିକାରୀ ସପତ୍ନୀକ କାହୁଁ ଆସି ସେହି ସ୍ଥାନରେ ପହଞ୍ଚିଥିଲେ। ଶିକାରୀ ବାରହା ରୂପ ଧାରଣକାରୀ ମୁକାସୁର ଉପରକୁ ତୀର ଚାଳନା କରିଥିଲେ। ଠିକ୍ ଏହି ସମୟରେ ଘୋର ତପସ୍ୟାରେ ମଗ୍ନଥିବା ଅର୍ଜୁନ କୌଣସି ଜଙ୍ଗଲୀ ଜନ୍ତୁଙ୍କ ଉପସ୍ଥିତି ଅନୁଭବ କରିଥିଲେ। ତପସ୍ଥଳରୁ ଉଠି ଏତେ ଜୋର ତୀର ଚାଳନା କଲେ ବାର୍‌ହା ସେହିଠାରେ ଟଳି ପଡ଼ିଥିଲା। ହେଲେ ଶିକାରୀଙ୍କ ତୀର ଲକ୍ଷ୍ୟଭ୍ରଷ୍ଟ ହୋଇ ଅର୍ଜୁନଙ୍କ ପାଦ ପାଖରେ ପଡ଼ିଥିଲା। ଅର୍ଜୁନ ମନେ ମନେ ଭାବିଲେ ମୁଁ ମାରିଥିବା ତୀର ବାରହାକୁ ମାରି ମୋ ନିକଟକୁ ଫେରି ଆସିଛି। ଏଇ ତୀର ମୋର। କିଛିକ୍ଷଣ ପରେ ଶିକାରୀଙ୍କ ପତ୍ନୀ ଅର୍ଜୁନଙ୍କ ନିକଟକୁ ଆସି ତୀରଟି ମାଗିଥିଲା। ଅର୍ଜୁନ ତୀରଟି ତାଙ୍କର ବୋଲି କହିବାରୁ ଶିକାରୀଙ୍କ ପତ୍ନୀ କ୍ରୋଧିତ ହୋଇ କହିଥିଲେ- ତୁମେ ଚୋର। ମୋର ତୀର ନ ଫେରାଇଲେ ତୁମକୁ ମୋର ସ୍ୱାମୀ ଯୁଦ୍ଧରେ ପରାସ୍ତ କରି ଉଚିତ ଶିକ୍ଷା ଦେବେ। ଶିକାରୀ ଆକ୍ରମଣ ଆରମ୍ଭ କରି ଦେଇଥିଲେ। ଅର୍ଜୁନ ଘନଘନ ତୀର ନିକ୍ଷେପ କରିଥିଲେ ପ୍ରତ୍ୟାକ୍ରମଣ କରି। ଧନୁର୍ଯୁଦ୍ଧ ଛାଡ଼ି ଦୁହେଁ ବାହୁଯୁଦ୍ଧ କରିଥିଲେ। ଅର୍ଜୁନ ଅନୁଭବ କଲେ ଶିକାରୀ ତାଙ୍କଠାରୁ ବଳବାନ। ଶିକାରୀ ଅର୍ଜୁନଙ୍କୁ ଧରାଶାୟୀ କରିଦେଇଥିଲେ। ଅର୍ଜୁନ ପରାଜିତ ହୋଇ ଶିବଶଙ୍କରଙ୍କୁ ସ୍ତୁତି କରିଥିଲେ। ତପସ୍ୟା ସ୍ଥଳରେ ସେ ପଡ଼ି ଗଢ଼ିଥିବା ମାଟିର ଲିଙ୍ଗକୁ ସ୍ତୁତି କରିଥିଲେ। ଅଚାନକ ଅର୍ଜୁନ ଅନୁଭବ କଲେ ସେହି ଲିଙ୍ଗ ଭିତରେ ଶକ୍ତିର ସତ୍ତା। ଆଖି ଖୋଲନ୍ତେ ଦେଖିଲେ ସ୍ୱୟଂ ଶିବଶଙ୍କର ଓ ମା' ପାର୍ବତୀ ସେଠାରେ ଦଣ୍ଡାୟମାନ। ଧରାଶାୟୀ ହୋଇଥିବା ଅର୍ଜୁନଙ୍କୁ ଉଠାଇ ଭଗବାନ ଶିବ କହିଥିଲେ- ବତ୍ସ ! ଶିକାରୀ ରୂପରେ ମୁଁ ତୁମର ଶକ୍ତି ପରୀକ୍ଷା ନେବାକୁ ଚାହୁଁଥିଲି। ଯୁଦ୍ଧରେ ତୁମେ ସର୍ବଦା ବିଜୟୀ ହେବ। ଏହା କହି ଅର୍ଜୁନଙ୍କୁ ପାଶୁପତ ଅସ୍ତ୍ର ଦାନ କରି କହିଥିଲେ- ଏହା ବିଶ୍ୱର ସର୍ବଶ୍ରେଷ୍ଠ ଅସ୍ତ୍ର। ତୁମେ ହିଁ କେବଳ ଏହାର ଅଧିକାରୀ ହେବାକୁ ଯୋଗ୍ୟ।



# ଶକ୍ତିଠାରୁ ଶ୍ରେଷ୍ଠ



ବାମନ ପୁରାଣର ଏହି ପ୍ରସଙ୍ଗ। ଏକଦା ମହାତେଜସ୍ୱୀ ପ୍ରହ୍ଲାଦ, ଋଷି ଚ୍ୟବନଙ୍କୁ କହିଥିଲେ- ମୁନିବର ! ଆପଣ ପୃଥ୍ୱୀଲୋକର ଶ୍ରେଷ୍ଠ ଋଷିମାନଙ୍କ ମଧ୍ୟରୁ ଅନ୍ୟତମ। ମୋର ପରମ ସୌଭାଗ୍ୟ ଯେ ମୁଁ ଆପଣଙ୍କ ଦର୍ଶନ ଲାଭରେ ସମର୍ଥ ହେଲି। ପୃଥ୍ୱୀ ଲୋକର କୌଣସି ଶ୍ରେଷ୍ଠ ତୀର୍ଥ ପରିଦର୍ଶନର ଆକାଙ୍‌କ୍ଷା ମନ ଭିତରେ ରହିଛି। ମୋତେ ସେ ବିଷୟରେ ଆପଣ ମାର୍ଗଦର୍ଶନ ଦିଅନ୍ତୁ। ଋଷି ଚ୍ୟବନ ପ୍ରହ୍ଲାଦଙ୍କୁ ନୈମିଷାରଣ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଦୈତ୍ୟରାଜ ପ୍ରହ୍ଲାଦ ଦାନବମାନଙ୍କ ସହିତ ସେଠାକୁ ଯାତ୍ରା କରିଥିଲେ। ତୀର୍ଥ ସ୍ନାନ ପରେ ପ୍ରହ୍ଲାଦ ବନପ୍ରଦେଶରେ ଘୂରିବୁଲି ଏହାର ଶୋଭା ସନ୍ଦର୍ଶନ କରୁଥିଲାବେଳେ ଅକସ୍ମାତ୍ ଏକ ଅଦ୍ଭୁତ ଦୃଶ୍ୟ ଦେଖିବାକୁ ପାଇଥିଲେ- କୃଷ୍ଣ ମୃଗଚର୍ମ ଧାରଣ କରିଥିବା, ଜଟାଜୂଟଧାରୀ ଦୁଇ ମୁନି ତପସ୍ୟାରେ ବସିଛନ୍ତି। ତେବେ ଯେଉଁ ବିଶାଳକାୟ ଶାଳବୃକ୍ଷ ତଳେ ସେମାନେ ତପସ୍ୟାରତ ସେହି ବୃକ୍ଷ ଅନେକ ଦିବ୍ୟାସ୍ତ୍ର (ବାଣ) ଦ୍ୱାରା ପୂର୍ଣ୍ଣ ଭାବରେ ଆଚ୍ଛାଦିତ ଥିଲା। ମୁନି ଦ୍ୱୟଙ୍କର ପୃଷ୍ଠଦେଶରେ ମଧ ଦୁଇ ଦିବ୍ୟଧନୁ, ଅକ୍ଷୟ ତୂଣୀର ଥୁଆ ହୋଇଥିଲା। ପ୍ରହ୍ଲାଦ ଚକିତ ହୋଇ ପଚାରିଥିଲେ- ଦୁହିଁଙ୍କୁ ଦେଖିଲେ ମନେ ହେଉଛି ଦାମ୍ଭିକତାର ସହ ଧର୍ମ ବିନାଶକ କାର୍ଯ୍ୟ କରୁଛନ୍ତି। ଏକ ପକ୍ଷରେ ଜଟାଜୁଟଧାରୀ, ଭାର। ଅପର ପକ୍ଷରେ ଶ୍ରେଷ୍ଠ ଅସ୍ତ୍ର ସମୂହ ରଖିଛନ୍ତି। ଏହା ତ ବଡ଼ ବିଚିତ୍ର କଥା ! ତପସ୍ୱୀ କହିଥିଲେ- ଦୈତ୍ୟରାଜ ! ସାମର୍ଥ୍ୟବାନ ବ୍ୟକ୍ତି ଯାହା କିଛି ବି କାର୍ଯ୍ୟ କରିଥାନ୍ତି ତାହା ତାଙ୍କୁ ଶୋଭା ପାଇଥାଏ। ଏହାକୁ ଦାମ୍ଭିକତାପୂର୍ଣ୍ଣ ଉକ୍ତି ବୋଲି ଭାବି ପ୍ରହ୍ଲାଦ ପ୍ରତିଜ୍ଞା କଲେ ନିଜକୁ ସାମର୍ଥ୍ୟବାନ୍ କହୁଥିବା ଦୁହିଁଙ୍କୁ ଯୁଦ୍ଧରେ ପରାସ୍ତ କରି ତାଙ୍କର ଦର୍ପଚୂର୍ଣ୍ଣ କରିବେ। ବିଡ଼ମ୍ବନା ଏହା ଥିଲା ଯେ 'ଲୋକପତି- ନାରାୟଣ' (ମୁନିଦ୍ୱୟ)ଙ୍କ ଦ୍ୱାରା ପ୍ରହ୍ଲାଦ ପରାଜିତ ହୋଇ ପଛଘୁଞ୍ଚା ଦେଇଥିଲେ। ନିରାଶ ହୋଇ ବିଷ୍ଣୁଙ୍କ ଶରଣ ନେଇଥିଲେ। ବିଷ୍ଣୁ ଭଗବାନ କହିଥିଲେ- ପ୍ରହ୍ଲାଦ ! ନାରାୟଣଙ୍କୁ ତୁମେ ପରାସ୍ତ କରିପାରିବନି, ସେ ଅଜେୟ। ସକଳ ଦେବତା ଓ ରାକ୍ଷସମାନଙ୍କ ଦ୍ୱାରା ବି ଅଜେୟ।' ପ୍ରହ୍ଲାଦ ନମ୍ରଭାବରେ କହିଥିଲେ- ହେଲେ ଭଗବାନ ! ମୁଁ ପ୍ରକୃତ କଥା ଜାଣି ନପାରି ଆବେଗରେ ଯେଉଁ ପ୍ରତିଜ୍ଞା କରିଥିଲି (ମୁନିଦ୍ୱୟଙ୍କୁ ପରାସ୍ତ କରି ଦର୍ପଚୂର୍ଣ୍ଣ କରିବା) ତାହା କ'ଣ ହେବ ? 'ଦାନବଶ୍ରେଷ୍ଠ ! ଯେଉଁଠାରେ ଶକ୍ତି ପରାଜିତ ହୋଇଥାଏ ସେଠି ତ ଭକ୍ତି ବିଜୟୀ ହୋଇଥାଏ'- କହିଥିଲେ ବିଷ୍ଣୁ। ଯଦି ନାରାୟଣଙ୍କ ଉପରେ ବିଜୟ ହାସଲ କରିବାକୁ ଚାହୁଁଥାଅ ତ ଭକ୍ତିରେ ତାଙ୍କର ଆରାଧନା କର। ଏହା ତୁମ ପାଇଁ ସୁସାଧ୍ୟ। ମୁନିଦ୍ୱୟ ରୂପରେ ସେ ହିଁ ତ ସେଠାରେ ବିଶ୍ୱମଙ୍ଗଳ କାମନାରେ ତପସ୍ୟାରତ ଥିଲେ। ପ୍ରହ୍ଲାଦ ବଦରିକାଶ୍ରମ ଯାଇ ବିଷ୍ଣୁଙ୍କ ପରାମର୍ଶ ଅନୁସାରେ ଭଗବାନ ନର-ନାରାୟଣଙ୍କୁ ଭକ୍ତି-ଶ୍ରଦ୍ଧା ବଳରେ ତପଶ୍ଚରଣ ପୂର୍ବକ ବଶ କରିଥିଲେ।

# ମହାଭାରତରେ ଶ୍ରୀକୃଷ୍ଣଙ୍କ ପାଖରେ ଥିଲା ଚମତ୍କାରୀ ଶଙ୍ଖ

ମହାଭାରତ ଯୁଦ୍ଧ ସମୟରେ ଭଗବାନ ଶ୍ରୀକୃଷ୍ଣଙ୍କ ନିକଟରେ ପାଞ୍ଚଜନ୍ୟ ଶଙ୍ଖ ଥିଲା । ଏହି ଶଙ୍ଖ ଅତ୍ୟନ୍ତ ଅଦ୍ଭୁତ ତଥା ଚମତ୍କାରୀ ଥିଲା । ପାଞ୍ଚଜନ୍ୟ ଶଙ୍ଖର ଧ୍ୱନିରେ ପାଣ୍ଡବମାନଙ୍କ ମଧ୍ୟରେ ଉତ୍ସାହ ଖେଳିଯାଉଥିଲା । ଅନ୍ୟପକ୍ଷରେ ଏହାର ଧ୍ୱନି କୌରବ ଶିବିରରେ ଆତଙ୍କ ଖେଳାଇ ଦେଉଥିଲା । ମହାଭାରତ ଯୁଦ୍ଧ ପରେ ଭଗବାନ ଶ୍ରୀକୃଷ୍ଣ ପାଞ୍ଚଜନ୍ୟ ଶଙ୍ଖକୁ ପରାଶର ମୁନିଙ୍କ ଆଶ୍ରମରେ ରଖିଦେଇଯାଇଥିଲେ ବୋଲି କୁହାଯାଏ । ଅନ୍ୟପକ୍ଷରେ ଶ୍ରୀକୃଷ୍ଣଙ୍କ ଶଙ୍ଖ ବଦ୍ରିକାଧାମରେ



ଥିବା ମଧ କେହି କେହି କୁହନ୍ତି । ଶ୍ରୀକୃଷ୍ଣଙ୍କ ପାଞ୍ଚଜନ୍ୟ ଶଙ୍ଖ ବିଜୟ ଏବଂ ଯଶର ପ୍ରତୀକ ଥିଲା । ମହାଭାରତ ଯୁଦ୍ଧ ଶଙ୍ଖ ବାଦନରୁ ଆରମ୍ଭ ହେଉଥିଲା । ଅର୍ଜୁନଙ୍କ ପାଖରେ ଦେବଦତ୍ତ ନାମକ ଶଙ୍ଖ ଥିଲା । ଯୁଧିଷ୍ଠିରଙ୍କ ନିକଟରେ ଅନନ୍ତବିଜୟ, ଭୀଷ୍ମଙ୍କ ନିକଟରେ ପୌଣ୍ଡ୍ରିକ, ନକୁଳଙ୍କ ନିକଟରେ ସୁଘୋଷ, ସହଦେବଙ୍କ ନିକଟରେ ମଣିପୁଷ୍ପକ ଶଙ୍ଖ ଥିଲା । ଏ ସମସ୍ତ ଶଙ୍ଖର ଭିନ୍ନ ଭିନ୍ନ ମହତ୍ତ୍ୱ ରହିଥିଲା । ସମୁଦ୍ର ମନ୍ଥନ କାଳରେ ପାଞ୍ଚଜନ୍ୟ ଶଙ୍ଖ ବାହାରିଥିଲା ବୋଲି ପୁରାଣରେ ବର୍ଣ୍ଣିତ । ଏହି ଶଙ୍ଖ ବିଜୟ, ସମୃଦ୍ଧି, ସୁଖ, ଶାନ୍ତି, ଯଶ, କୀର୍ତ୍ତି, ଲକ୍ଷ୍ମୀର ପ୍ରତୀକ ଭାବେ ପ୍ରସିଦ୍ଧି ହାସଲ କରିଥିଲା । ବର୍ତ୍ତମାନ ସମୟରେ ମଧ ଶଙ୍ଖ ଧ୍ୱନି ବେଶ୍ ଶୁଭ, ପବିତ୍ର ତଥା ଶାନ୍ତି ପ୍ରଦାନକାରୀ ଭାବେ ଗ୍ରହଣ କରାଯାଇଛି । ଲକ୍ଷ୍ମୀ ଶଙ୍ଖ, ଗୋମୁଖୀ ଶଙ୍ଖ, କାମଧେନୁ ଶଙ୍ଖ, ବିଷ୍ଣୁ ଶଙ୍ଖ, ଦେବ ଶଙ୍ଖ, ଚକ୍ର ଶଙ୍ଖ, ପୌଣ୍ଡ୍ର ଶଙ୍ଖ, ରାକ୍ଷସ ଶଙ୍ଖ, ଶନି ଶଙ୍ଖ, ରାହୁ ଶଙ୍ଖ, ଗରୁଡ଼ ଶଙ୍ଖ, କେତୁ ଶଙ୍ଖ, ମଣିପୁଷ୍ପକ ଶଙ୍ଖ, କଚ୍ଛପ ଶଙ୍ଖ, ସୁଘୋଷ ଶଙ୍ଖ, ଶେଷନାଗ ଶଙ୍ଖ ଆଦି ବିଭିନ୍ନ ପ୍ରକାରର ଶଙ୍ଖ ରହିଛି ।

# ଘରେ ଶିବଲିଙ୍ଗ ସ୍ଥାପନ ପୂର୍ବରୁ...

ଆମମନଙ୍କ ଭିତରେ ଏମିତି ଅନେକ ଜଣ ଥିବେ ଯେଉଁମାନଙ୍କ ଘରେ ଶିବଲିଙ୍ଗ ପୂଜା ପାଉଥିବେ । ହିନ୍ଦୁ ଧର୍ମ ଅନୁସାରେ ଜଣେ ଚାହିଁଲେ ନିଜ ଘରେ ଶିବଲିଙ୍ଗ ରଖି ପୂଜା କରିପାରିବ । ତେବେ ଏହାର କିଛି ବିଶେଷ ବିଧି ରହିଛି । ଯାହାକୁ ପାଳନ କରିବାର ଆବଶ୍ୟକତା ରହିଛି । ନଚେତ୍





ଘରେ ଅନର୍ଥ ହେବାର ଯୋଗ ରହିଥାଏ । ଦେବଦେବ ମହାଦେବଙ୍କୁ ମନ୍ଦିରରେ ଯେଉଁଭଳି ଭାବେ ଷୋଡଶ ଉପଚାରରେ ପୂଜା କରାଯାଏ ଆମେମାନେ ଠାକୁର ଘରେ ପ୍ରତିଷ୍ଠା କରୁଥିବା ଲିଙ୍ଗକୁ ସେଭଳି ଷୋଡଶ ଉପଚାରରେ ପୂଜା କରିବା ସମ୍ଭବପର ହୋଇନଥାଏ । ଏଣୁ ପୁରାଣରେ ବର୍ଣ୍ଣିତ କେତେକ ରୀତିନୀତି ଉପରେ ଧ୍ୟାନ ଦେବାର ଆବଶ୍ୟକତା ରହିଛି । ଏନେଇ ମାର୍କେଣ୍ଡେୟ ପୁରାଣରେ କିଛି ନୀତିନିୟମ କଥା ଉଲ୍ଲେଖ କରାଯାଇଛି । ଯାହାକୁ ଅନୁପାଳନ କରି ଘରେ ଆପଣ ଶିବ ଆରାଧନା କରିପାରିବେ । ଘରେ ପ୍ରତିଷ୍ଠା ହେଉଥିବା ଶିବଲିଙ୍ଗର ଉଚ୍ଚତା ଯେପରି ଗୋଟିଏ ଆଙ୍ଗୁଳିରୁ ଅଧିକ ନହୁଏ ତା ଉପରେ ଧ୍ୟାନ ଦିଅନ୍ତୁ । ଯଦି ଆପଣ କେଉଁ ଦର୍ଶନୀୟ ସ୍ଥାନକୁ ଯାଇଛନ୍ତି ଓ ସେଠାରେ ଆପଣଙ୍କୁ ଏକ ଶିବଲିଙ୍ଗ ପସନ୍ଦ ଆସୁଛି ତେବେ ଏମିତି ଶିବଲିଙ୍ଗକୁ ଘରକୁ ନେଇ ଆସନ୍ତୁ ନାହିଁ । ଏହି ଶିବଲିଙ୍ଗକୁ ଘରକୁ ଆଣିବା ପୂର୍ବରୁ କୌଣସି ଶିବ ମନ୍ଦିରରେ ପ୍ରତିଷ୍ଠା କରେଇ ଆଣନ୍ତୁ । ଲିଙ୍ଗକୁ ଅଭିଷେକ କରିବା ସମୟରେ ଲାଗି କରାଯାଇଥିବା ପାଣି ଓ ଦୁଗ୍ଧକୁ ଯେକୌଣସି ନଦୀରେ ପ୍ରବାହ କରିଦିଅନ୍ତୁ । ଭଗବାନ ଶିବଙ୍କୁ ଦୟାର ସାଗର ବୋଲି କୁହାଯାଇଥାଏ । ଗୋଟିଏ ମାତ୍ର ଲୋଟା ଜଳରେ ଦେବଦେବ ମହାଦେବ ପ୍ରଶନ୍ନ ହୋଇ ନିଜ ଭକ୍ତଙ୍କର ମନସ୍କାମନା ପୂରା କରିଥାନ୍ତି । ଏଣୁ ଆପଣ କୌଣସି ମନ୍ଦିର ଯାଇ ନପାରିଲେ ଘରେ ରହି ଶିବଙ୍କ ଆରାଧନା କରିପାରିବେ । ତେବେ ଆପଣ ପ୍ରତିଦିନ ବିଧିବଦ୍ଧ ଭାବେ ଶିବ ଭଗବାନଙ୍କ ପୂଜା କରନ୍ତୁ । ଯେଉଁମାନଙ୍କ ଘରେ ଶିବଲିଙ୍ଗ ରହିଛି ସେମାନେ ପ୍ରତିଦିନ ଶିବଙ୍କୁ ଜଳ ଅର୍ପଣ କରନ୍ତୁ । ଏହାଛଡା ନିଜ ସାଧ୍ୟମତେ ଓ ଉଚିତ୍ ସମୟରେ ଭଗବାନଙ୍କ ନିକଟରେ ଭୋଗ ଅର୍ପଣ କରନ୍ତୁ । ଶିବଲିଙ୍ଗକୁ ଅଭିଷେକ କରିବା ସମୟରେ କୌଣସି ପାତ୍ର ରଖନ୍ତୁ ଓ ଅଭିଷେକ ଜଳକୁ ସଂଗ୍ରହ କରନ୍ତୁ । ଏହି ଜଳ ତଳେ ପଡିଲେ ଅନଷ୍ଟ ହୋଇଥାଏ । ମାର୍କଣ୍ଡ ପୁରାଣ ଅନୁଯାୟୀ ଦେବ ଦେବ ମହାଦେବ ଯେତେକି ଭୋଳା ସେତିକି କ୍ରୋଧୀ ମଧ । ଏଣୁ ତାଙ୍କ ପୂଜା ଓ ଆରାଧନା ସମୟରେ ଅନ୍ତତଃ ପକ୍ଷେ ନିୟମ ଓ ଶୁଦ୍ଧତା ପାଳନ କରିବାର ଆବଶ୍ୟକତା ରହିଛି ।

# କାନ ଯନ୍ତ୍ରଣାର ଘରୋଇ ଉପଚାର





କାନରେ ଯନ୍ତ୍ରଣା ହେବା ଏକ ସାଧାରଣ ସମସ୍ୟା । ଏହି ଯନ୍ତ୍ରଣା ଉଭୟ କାନରେ ହୋଇପାରେ, ହେଲେ ଅଧିକାଂଶ ସମୟରେ ଏହା ଗୋଟିଏ କାନରେ ବି ହୋଇପାରେ । କାନର ଯନ୍ତ୍ରଣା କିଛି ସମୟ ବା ବେଶି ସମୟ ଧରି ଲାଗି ରହିପାରେ । ଏହି ଯନ୍ତ୍ରଣା କେତେବେଳେ ହାଲକା, ତ ଆଉ କେତେବେଳେ ଖୁବ୍ ଅଧିକ ହୋଇଥାଏ । କାନ ଇନଫେକ୍ସନ ବ୍ୟତୀତ ଆହୁରି କେତେକ କାରଣରୁ କାନରେ ଯନ୍ତ୍ରଣା ହୋଇଥାଏ ।

**କାନରେ ଯନ୍ତ୍ରଣାର ଲକ୍ଷଣ:** କେବେ କେବେ କାନରେ ଯନ୍ତ୍ରଣା ହେବା କାରଣରୁ ଠିକରେ ଶୁଣାଯାଏନି । କିଛି ଲୋକଙ୍କ କାନରେ ତରଳ ପଦାର୍ଥ ମଧ ବାହାରି ଥାଏ । କାନ ଯନ୍ତ୍ରଣା କାରଣରୁ ପିଲାଙ୍କୁ ଶବ୍ଦ ରହି ରହି ଶୁଣାଯାଏ। ଜ୍ୱର ଆସିବା, ଶୋଇବାରେ ସମସ୍ୟା ଦେଖାଦେବା, କାନରେ ଅସହଜ ଲାଗିବା, ଚିଡିଚିଡ଼ାପଣ, ମୁଣ୍ଡବ୍ୟଥା ଓ ଭୋକ କମିଯିବା ଭଳି ଲକ୍ଷଣ ଦେଖା ଦେଇପାରେ ।

**କାନ ଯନ୍ତ୍ରଣାର ସାମାନ୍ୟ କାରଣ:** ସଂକ୍ରମଣ, ଆଘାତ, କାନରେ ଜ୍ୱଳନ କାରଣରୁ କାନରେ ଯନ୍ତ୍ରଣା ହୋଇପାରେ। ଦାନ୍ତରେ ଯନ୍ତ୍ରଣା କାରଣରୁ ମଧ କାନରେ କଷ୍ଟ ଅନୁଭବ ହୁଏ । ଇନଫେକ୍ସନ କାରଣରୁ କାନ ଭିତରୁ ଯନ୍ତ୍ରଣା ହୋଇଥାଏ । ଇନଫେକ୍ସନ ସୁଇମିଂ ହେଡ୍‌ଫୋନ୍, ତୁଳା ଓ ଆଙ୍ଗୁଠି ପୂରାଇବା ଦ୍ୱାରା ବାହାରୁ ସଂକ୍ରମଣ ହୋଇପାରେ ।

**କାନ ଯନ୍ତ୍ରଣା ଅନ୍ୟ କାରଣ:** ବାୟୁର ପ୍ରଭାବ, କାନରେ ମଇଳା, ଗଳା ଖରାପ ହେଲେ, ସାଇନସର ସଂକ୍ରମଣ, କାନରେ ପାଣି ବା ସାମ୍ଭୁ ପଶିଗଲେ, ଦାନ୍ତରେ ସଂକ୍ରମଣ, କାନରେ ଏକଜିମା ହେବା କାରଣରୁ ମଧ ଯନ୍ତ୍ରଣା ହୋଇଥାଏ ।

**ଘରେ କେମିତି କରିବେ ଚିକିତ୍ସା:** କାନରେ ଯନ୍ତ୍ରଣା ହେଲେ ଏହାର ଚିକିତ୍ସା ଘରେ କରାଯାଇପାରିବ । କାନକୁ ଓଦା ହେବାକୁ ଦିଅନ୍ତୁ ନାହିଁ। କାନରୁ ଯନ୍ତ୍ରଣା ହ୍ରାସ କରିବା ପାଇଁ ସିଧା ହୋଇ ବସନ୍ତୁ । ଚୁଇଂଗମ୍ ଚୋବାଇବାରେ ମଧ କମ୍ ପ୍ରଭାବ ପଡ଼ିପାରେ । ନବଜାତ ଶିଶୁ କାନରେ ଯନ୍ତ୍ରଣା ଯଦି ହୁଏ ତାକୁ କ୍ଷୀର ପିଅନ୍ତୁ । ଏଥିରେ କାନରେ ଯନ୍ତ୍ରଣା ପ୍ରଭାବ କମିଯାଏ ।

## ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟରେ ପର୍ଯ୍ୟାବରଣ ପଠଶାଳା

ନିରାକାରପୁର,(ନିପ୍ର):ଶ୍ରୀଜଗନ୍ନାଥ ମହାବିଦ୍ୟାଳୟ କାଇପଦର ପରିସରରେ +୨ ବିଭାଗର ଜାତୀୟ ସେବା ଯୋଜନା ତରଫରୁ ଏକଦିବସୀୟ ପର୍ଯ୍ୟାବରଣ ପାଠଶାଳା ଅନୁଷ୍ଠିତ ହୋଇଯାଇଛି । ଉକ୍ତ ପାଠଶାଳାକୁ ମହାବିଦ୍ୟାୟର ଅଧ୍ୟକ୍ଷ ଉମେଶ ଚନ୍ଦ୍ର ସାହୁ ଆନୁଷ୍ଠାନିକ ଭାବେ ଉଦଘାଟନ କରି ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀ ଓ ସ୍ୱେଚ୍ଛାସେବୀନୀ ମାନଙ୍କୁ ପାଠଶାଳା ବିଷୟରେ ଦୃଷ୍ଟି ଆକର୍ଷଣ କରାଇଥିଲେ । ତତ୍ସଙ୍ଗେ ଏହି କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ମୁଖ୍ୟ ଅଧାପକ ପ୍ରତାପ କିଶୋର ଛୋଟରାୟ, ଇତିହାସ ବିଭାଗର ମୁଖ୍ୟ ଡକ୍ଟର ଜନ୍ମେଜୟ ଚୌଧୁରୀ, ଇଂରାଜୀ ବିଭାଗର ଅଧାପକ ମାନସ କୁମାର ଜୟସିଂହ, ଅଧାପିକା ସବିତା ବେହେରା, ଅଧାପିକା ଅଞ୍ଜଳୀ ସାହୁ ଯୋଗ ଦେଇ ପରିବେଶ ସୁରକ୍ଷା ଦିଗରେ ବକ୍ତବ୍ୟ ପ୍ରଦାନ କରିଥିଲେ ।

## ଆଚାର୍ଯ୍ୟଙ୍କ ଜୀବନ ସେବା, ସମର୍ପଣ ଓ ତ୍ୟାଗର ଶିକ୍ଷା ଦିଏ

ପୁରୀ(ନିପ୍ର): ଆଚାର୍ଯ୍ୟ ହରିହରଙ୍କ ଜୀବନୀ ଓ ଆଦର୍ଶ ସମସ୍ତଙ୍କ ପାଇଁ ସର୍ବଦା ପ୍ରେରଣାଦାୟୀ । ଆଚାର୍ଯ୍ୟଙ୍କ ଜୀବନ ସେବା, ସମର୍ପଣ ଓ ତ୍ୟାଗର ଶିକ୍ଷା ଦିଏ । ତାଙ୍କ ଭଲ ମଣିଷ ହୁଅର ଆହ୍ୱାନ ପ୍ରତ୍ୟେକ ମଣିଷ ଚରିତ୍ର କୁ ସବୁଦିନ ସଂସ୍କାରିତ କରି ଚାଲିଥିବ ବୋଲି ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା ମତବ୍ୟକ୍ତ କରିଛନ୍ତି । ଆଜି ପୂର୍ବାହ୍ନରେ ସଦଭାବନା ସଭାଗୃହରେ ଜିଲ୍ଲା ପ୍ରଶାସନ ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଆଚାର୍ଯ୍ୟ ହରିହର ସ୍ମୃତି ସଂସଦ, ସର୍ବୋଦୟ ମେଳା ସମିତି ପକ୍ଷରୁ ଆଚାର୍ଯ୍ୟ ହରିହର ଙ୍କ ୧୪୭ ତମ ଜୟନ୍ତୀ ପାଳିତ ହୋଇଥିଲା ।ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପୌର ନିର୍ବାହୀ ଅଧିକାରୀ ଶ୍ରୀ ବେହେରା ଆଚାର୍ଯ୍ୟ ହରିହର ଙ୍କ ବାଗ୍ମୀତା,ମେଧା ଓ ବୁଦ୍ଧିମତା ଅନନ୍ୟ ବୋଲି କହିବା ସହ ତାଙ୍କ ଆଦର୍ଶ ଓ ଜୀବନ ଦର୍ଶନ ସମଗ୍ର ମାନବ ଜାତିର ପ୍ରେରଣାର ଉତ୍ସ ବୋଲି କହିଥିଲେ । ଓଡିଆ ଭାଷା ପ୍ରତିଷ୍ଠାନ ର ପ୍ରାକ୍ତନ ଅଧ୍ୟକ୍ଷ କୈଳାସ ଚନ୍ଦ୍ର ଟୀକାୟତରାୟ ଆଚାର୍ଯ୍ୟ ହରିହର ଙ୍କ ଜୀବନ ଓ ଜୀବନ ଚର୍ଯ୍ୟା ଅତ୍ୟନ୍ତ ସରଳ ଓ ନିରାଡମ୍ବର ରହିଥିଲା ସତ ହେଲେ ତାଙ୍କ ଆଦର୍ଶ ଓ ଚରିତ୍ର ଉଚ୍ଚ ମୂଲ୍ୟବୋଧ ର ପ୍ରତୀକ ଥିଲା ବୋଲି କହିଥିଲେ । ଜଣେ ଜ୍ଞାନୀ, ଗୁଣୀ ହୋଇ ମଧ୍ୟ ସେ ଅତି ସାଧାରଣ ଜୀବନ ଯାପନ କରୁଥିଲେ । ତାଙ୍କ ଆଚରଣ ଓ ଉଚ୍ଚାରଣରେ ପ୍ରଭେଦ ନ ଥିଲା ବୋଲି ଶ୍ରୀ ଟୀକାୟତରାୟ କହିଥିଲେ ।

# ଦେଉଳିଆ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଜାତୀୟ ସ୍ତରୀୟ ସମୀକ୍ଷା ଦଳ




ବଡ଼ସାହି,(ନିପ୍ର): ବଡସାହି ବ୍ଲକ ଅଧିନ ଦେଉଳିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ରାଷ୍ଟ୍ରୀୟ ଗୁଣସ୍ତର ନିଶ୍ଚିତକରଣ ମାନଦଣ୍ଡ ସମୀକ୍ଷା ଦଳ ଆସି ପରିଭ୍ରମଣ କରି ଫେରିଛନ୍ତି । ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ କ୍ରିଷ୍ଣା ପ୍ରସାଦ ଲୀଳା (ଆନ୍ଧ୍ରପ୍ରଦେଶ) ଓ ଡ଼. ଅଜୟ ସିଂ (ଉତ୍ତର ପ୍ରଦେଶ) ନ୍ୟାସନାଲ ଆସେସର ତଥା ଅଜିତ କୁଅଁର (ଆସିଷ୍ଟାଣ୍ଟ ମ୍ୟାନେଜର କ୍ୱାଲିଟି) ଆସିଥିବାର ଜଣାଯାଇଛି । ସେମାନଙ୍କୁ ଦେଉଳିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଚିକିତ୍ସାଧିକାରୀ ଡା ସମ୍ପିତ ଦାସ ଏବଂ ଡା ଆହୁତି ଦାସ ଭବ୍ୟ ସ୍ୱାଗତ କରିଥିଲେ । ଏଥିରେ ଦେଉଳିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଅନ୍ୟ ସମସ୍ତ କର୍ମଚାରୀ ଓ ଆଶା ଦିଦି ମାନେ ଉପସ୍ଥିତ ଥିଲେ । ଜାତୀୟ ସ୍ତରରେ ଏହି ଦଳ ସ୍ୱାସ୍ଥ୍ୟ କେନ୍ଦ୍ରର ଦିଆଯାଉଥିବା ସ୍ୱାସ୍ଥ୍ୟ ସେବା ସମୀକ୍ଷା କରିଥିଲେ । ଏଥିରେ ନିରାମୟ ଯୋଜନାରେ ବିଭିନ୍ନ ଔଷଧର ଉପଲବ୍ଧତା, ମାନଦାଣ୍ଡ ହିସାବରେ ପରୀକ୍ଷା ଗାରରେ କରାଯାଉଥିବା ବିଭିନ୍ନ ପରୀକ୍ଷା, ଟୀକା କରଣର ସୁବିଧା, ଜାତୀୟ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ, ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ, ଯକ୍ଷ୍ମା, କୁଷ୍ଠ, ମ୍ୟାଲେରିଆ ଆଦି କାର୍ଯ୍ୟକ୍ରମର, ଜନ ଆରୋଗ୍ୟ ସମିତି ଓ ବିଭିନ୍ନ ରେକର୍ଡର ଯାଞ୍ଚ କରିଥିଲେ । ବିଭିନ୍ନ ଆବଶ୍ୟକ ପରାମର୍ଶ ଆଦି ଦେଇଥିଲେ । ଦୁଇଦିନ ଧରି ଚାଲିଥିବା ସମୀକ୍ଷାରେ ସମୀକ୍ଷା ଦଳ ସନ୍ତୋଷ ପ୍ରକାଶ କରିବା ସହିତ ଦେଉଳିଆ ପ୍ରାଥମିକ ସ୍ୱାସ୍ଥ୍ୟସେବାର ସମସ୍ତ ବ୍ୟବସ୍ଥା ଏବଂ ସ୍ୱାସ୍ଥ୍ୟସେବା ପ୍ରଦାନ ପ୍ରତି ଆନ୍ତରିକତାକୁ ଭୁରି ଭୁରି ପ୍ରଶଂସା କରିଥିଲେ । ଶେଷରେ ସ୍ୱାସ୍ଥ୍ୟସେବା ରେ ନିଜର ସମର୍ପିତ ଭାବନା ସହିତ ଯଡିତ ଥିବା ଡାକ୍ତର ଏବଂ ଅନ୍ୟ କର୍ମଚାରୀ ମାନଙ୍କୁ ପୁରସ୍କାର ପ୍ରଦାନ ପୂର୍ବକ ସମୀକ୍ଷା ବୈଠକ ଉଦ୍‌ଯାପନ କରାଯାଇଥିଲା । ଏଭଳି ଜାତୀୟ ସମୀକ୍ଷା ଦଳ ବଡ଼ସାହି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିନସ୍ଥ ଦେଉଳିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ପ୍ରଥମ ଥର ସମସ୍ତ ନଥିପତ୍ର ଏବଂ ସ୍ୱାସ୍ଥ୍ୟସେବାକୁ ତଦାରଖ କରି ନିଜର ସକରାତ୍ମକ ମତାମତ ଦେବା ଅନ୍ୟ ସମସ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତି ନିଶ୍ଚିତ ଭାବରେ ଉଦାହରଣ ବୋଲି ବହୁ ସ୍ଥାନୀୟ ତଥା ବରିଷ୍ଠ ବ୍ୟକ୍ତି ମତାମତ ରଖିଥିଲେ । ଏହା ନିଶ୍ଚିତ ଭାବରେ ଅନ୍ୟ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ମାନଙ୍କୁ ଅନୁପ୍ରାଣିତ କରିବ ବୋଲି ଆଶା କରାଯାଏ ।

## କେନ୍ଦ୍ରମନ୍ତ୍ରୀ ଓ ରାଷ୍ଟ୍ର ମନ୍ତ୍ରୀଙ୍କୁ ଚିଠି ଲେଖିଲେ ସାଂସଦ ରୁଦ୍ର ନାରାୟଣ ପାଣି

ଅନୁଗୁଳ(ନିପ୍ର): ଢେଙ୍କାନାଳ ବନଖଣ୍ଡ ଅଞ୍ଚଳ ହାତୀ ଆକ୍ରମଣରେ ୩ ଜଣଙ୍କର ମୃତ୍ୟୁ ଘଟିଛି । ଏହାକୁ ନେଇ ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି ଉଦ୍‌ବେଗ ପ୍ରକାଶ କରିବା ସହ କେନ୍ଦ୍ର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ ଓ ରାଷ୍ଟ୍ରମନ୍ତ୍ରୀ କୀର୍ତ୍ତି ବର୍ଦ୍ଧନ ସିଂହଙ୍କୁ ଚିଠି ଲେଖି ଦୃଷ୍ଟି ଆକର୍ଷଣ କରିବା ସହ ଏ ଦିଗରେ ପଦକ୍ଷେପ ନେବା ପାଇଁ ଅନୁରୋଧ କରିଛନ୍ତି । ଉଭୟ ବିଭାଗୀୟ ମନ୍ତ୍ରୀଙ୍କୁ ଚିଠି ରେ ଉଲେଖ କରି ଭାରାକ୍ରାନ୍ତ ହୃଦୟରେ ମୁଁ ଏହି ଚିଠିଟି ଲେଖୁଛି । ହାତୀ ଦ୍ୱାରା ମଣିଷ ମୃତ୍ୟୁର ଦୁଃଖଦ ଘଟଣା ବିଷୟରେ ମୁଁ ଆପଣଙ୍କ ସହିତ ଅନେକ ଥର କଥା ହୋଇଛି । ଆପଣଙ୍କ ସହକର୍ମୀ, କେନ୍ଦ୍ର ମନ୍ତ୍ରୀ, ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ଥରେ ଏହି ଦୁଃଖଦ ବିଷୟଟି ମୋ ନିକଟରେ ଉଲ୍ଲେଖ କରିଥିଲେ । ଗତକାଲି, ୧୦.୦୨.୨୦୨୬ ରେ, ମଙ୍ଗଳବାର ଦିନ, ଢେଙ୍କାନାଳ ଜିଲ୍ଲାର ଢେଙ୍କାନାଳ ସଦରର କାଇମାଟି ପଞ୍ଚାୟତ ଏବଂ ଓଡ଼ିଶାର ଢେଙ୍କାନାଳ ବନଖଣ୍ଡ, ଢେଙ୍କାନାଳ ଲୋକସଭା ନିର୍ବାଚନ ମଣ୍ଡଳୀର ଢେଙ୍କାନାଳ ବନଖଣ୍ଡ ଅନ୍ତର୍ଗତ ଅଛଣ୍ଡା ଏବଂ ଲୋଚାପାଲି ଗ୍ରାମର ତିନି ଜଣ ଅନୁସୂଚିତ ଜନଜାତି ମହିଳାଙ୍କୁ ଏକ ହାତୀ ଦଳି ମାରି ଦେଇଥିଲା । ସେମାନେ ଜଙ୍ଗଲରୁ କାଠ ସଂଗ୍ରହ କରିବାକୁ ବାହାରକୁ ଯାଇଥିଲେ । ଅନ୍ୟ ତିନି ଜଣ ମହିଳା ମଧ୍ୟ ଗୁରୁତର ଆହତ ହୋଇଥିଲେ । ପୂର୍ବରୁ, ଢେଙ୍କାନାଳ ବନାଞ୍ଚଳର ହିନ୍ଦୋଳ ରେଞ୍ଜର ବାଘଧାରିଆ ଗ୍ରାମରେ ଗୋଟିଏ ସକାଳେ ହାତୀ ଆକ୍ରମଣରେ ତିନି ଜଣଙ୍କର ମୃତ୍ୟୁ ହୋଇଥିଲା । ମୁଁ ଲୋକସଭାରେ ଏହି ପ୍ରସଙ୍ଗ ଉଠାଇଥିଲି, ଏବଂ ଆପଣ ପ୍ରତିକ୍ରିୟା ଦେଇଥିଲେ । ହାତୀମାନେ ଗୋଟିଏ ସମୟରେ ଗୋଟିଏ କିମ୍ବା ଦୁଇଟି ଲୋକଙ୍କୁ ହତ୍ୟା କରିବା ଏକ ସାଧାରଣ ଘଟଣା, କିନ୍ତୁ ଏକାଥରେ ତିନି ଜଣଙ୍କୁ ହତ୍ୟା କରିବା ଅତ୍ୟନ୍ତ ଯନ୍ତ୍ରଣାଦାୟକ । ଏହି ପ୍ରକାରର ଘଟଣା ହୁଏତ ଓଡ଼ିଶାରେ ସବୁଠାରୁ ଅଧିକ ଦେଖାଯାଏ, ବିଶେଷକରି ଢେଙ୍କାନାଳ ଏବଂ ଅନୁଗୁଳ ଜିଲ୍ଲାରେ । ୨୦୨୩ ମସିହାରେ, ଅନୁଗୁଳ ଜିଲ୍ଲାରେ ଗୋଟିଏ ସକାଳେ ହାତୀ ଆକ୍ରମଣରେ ଚାରି ଜଣ ଲୋକ ପ୍ରାଣ ହରାଇଥିଲେ ।ମୁଁ ଆପଣଙ୍କୁ ଅନୁରୋଧ କରୁଛି ଯେ ଆପଣ ଏହି ବିଷୟ ପ୍ରତି ଧ୍ୟାନ ଦିଅନ୍ତୁ ଏବଂ ରାଜ୍ୟ ସହିତ ମିଶି ହାତୀ ଦ୍ୱାରା ଜୀବନ ଏବଂ ସମ୍ପତ୍ତିର କ୍ଷତି ରୋକିବା ପାଇଁ ପ୍ରଭାବଶାଳୀ, ବୈଜ୍ଞାନିକ ପଦକ୍ଷେପ ନିଅନ୍ତୁ ବୋଲି ସାଂସଦ ଶ୍ରୀ ପାଣି ଅନୁରୋଧ କରିଛନ୍ତି ।

## ମାଗଣା ଚକ୍ଷୁ ପରୀକ୍ଷା ଶିବିର

ବୁଗୁଡ଼ା(ନିପ୍ର): ବୁଗୁଡ଼ା ବ୍ଲକ୍, ଖୋଲଖାଲି ପଞ୍ଚାୟତ ଅନ୍ତର୍ଗତ ତାଳସାକର ଗ୍ରାମଠାରେ 'ଜଷ୍ଟ ଫର ୟୁ' ସେବାସଂଘ ଗଞ୍ଜାମ ଓ ରୁବି ଆଇ ହସ୍ପିଟାଲର ମିଳିତ ଆନୁକୁଲ୍ୟରେ ଏକ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ବହୁ ଲୋକ ନିଜର ମାଗଣା ଚକ୍ଷୁ ପରୀକ୍ଷା କରିଥିବାବେଳେ ଅନେକ ଲୋକଙ୍କୁ ପରଳ ଅସ୍ତ୍ରୋପଚାର ନିମନ୍ତେ ରୁବି ଆଇ ହସ୍ପିଟାଲ ବ୍ରହ୍ମପୁରକୁ ପଠାଯାଇଥିଲା । ଏହି କାର୍ଯ୍ୟକ୍ରମରେ 'ଜଷ୍ଟ ଫର ୟୁ' ସେବାସଂଘ ଗଞ୍ଜାମ ଶାଖାର ସଭାପତି ରାକେଶ ଜେନାଙ୍କ ପରିଚାଳନାରେ ହୋଇଥିବା ବେଳେ ଏହି ଶିବିରରେ ସମାଜ ସେବୀ ଓ ପୂର୍ବତନ କ୍ରୀଡା ଶିକ୍ଷକ ବି. ଗୋପାଳ ପାତ୍ର ଓ ସମାଜ ସେବୀ ଗୋପାଳ କୃଷ୍ଣ ଜେନା ଓ ବହୁ ଗ୍ରାମବାସି ସହଯୋଗ କରିଥିଲେ ।

## ବିଜେପି ପକ୍ଷରୁ 'ସମର୍ପଣ ଦିବସ'ପାଳନ

ବଣାଇ,(ନି ପ୍ର): ଭାରତୀୟ ଜନତା ପାର୍ଟି ପକ୍ଷରୁ ରାଜାମୁଣ୍ଡା କାର୍ଯ୍ୟାଳୟ ରେ ଭାରତୀୟ ଜନ ସଂଘ ର ପ୍ରତିଷ୍ଠାତା ସଦସ୍ୟ, ଏକାତ୍ମ ମାନବବାଦ ଅନ୍ତ୍ୟୋଦୟ ଦର୍ଶନର ପ୍ରବର୍ତ୍ତକ, ମହାନ ରାଷ୍ଟ୍ରନାୟକ ପଣ୍ଡିତତ ଦୀନ ଦୟାଲ ଉପାଧ୍ୟାୟଙ୍କ ପୁଣ୍ୟ ତିଥି କୁ ସମର୍ପଣ ଦିବସ ଭାବେ ପାଳନ କରାଯାଇଛି । ବିଜେପି ନେତୃମଣ୍ଡଳୀ ପଣ୍ଡିତ ଉପାଧ୍ୟାୟଙ୍କର ମହାନ୍ ଦର୍ଶନ ଓ ଜୀବନୀ ଉପରେ ସ୍ମୃତି ଚାରଣ ପୂର୍ବକ ତାଙ୍କ ଫୋଟୋ ଚିତ୍ର ରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

## ପବିତ୍ର ରମଜାନ ମାସ ଉପଲକ୍ଷେ ମେୟରଙ୍କ ଅଧ୍ୟକ୍ଷତାରେ ବୈଠକ

କଟକ,(ନିପ୍ର): କଟକ ମହାନଗର ନିଗମ ସମ୍ମିଳନୀ କକ୍ଷରେ କଟକ ମେୟର ସୁବାସ ସିଂହଙ୍କ ଅଧ୍ୟକ୍ଷତାରେ ଆସନ୍ତା ପବିତ୍ର ରମଜାନ ମାସ କିପରି ସୁରୁଖୁରୁରେ ସଂପାଦିତ ହେବ, ସେଥିପାଇଁ ଏକ ପ୍ରସ୍ତୁତି ବୈଠିକ ଅନୁଷ୍ଠିତ ହୋଇଯାଇଛି । କଟକ ସହରର ଭିନ୍ନ ଅଞ୍ଚଳରୁ ମୁସଲିମ ସଂପ୍ରଦାୟର ଲୋକମାନେ ଏହି ବୈଠକରେ ଯୋଗଦାନ କରିଥିଲେ । କଟକ ମହାନଗର ନିଗମ ଅଧୀନରେ ଥିବା ମୁସଲିମ ସଂପ୍ରଦାୟ ବସବାସ କରୁଥିବା ଅଞ୍ଚଳ, ମସଜିଦ ଆଖପାଖ ଅଞ୍ଚଳର ରାସ୍ତାଘାଟ ମରାମତି, ନାଳନର୍ଦ୍ଦମାର ସଫେଇ, ଆଲୋକୀକରଣ ଓ ୨୪ଘଣ୍ଟିଆ ପାନୀୟଜଳ ଯୋଗାଣ ପାଇଁ ଅନୁରୋଧ କରାଯାଇଥିଲା । ମେୟର ଶ୍ରୀ ସିଂହ ଅଧିକାରୀଙ୍କୁ ଯୁଦ୍ଧକାଳୀନ ଭିତ୍ତିରେ ସମସ୍ତ ବ୍ୟବସ୍ଥା ପୂରଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏହି ବୈଠକରେ ଡେପୁଟି ମେୟର ଦମୟନ୍ତୀ ମାଝୀ, ସିଏମସି କମିଶନର କିରଣଦୀପ କୌର ସହୋତାଙ୍କ ସମେତ ବହୁ କର୍ପୋରେଟରଙ୍କ ସମେତ ମୁସଲିମ ସଂପ୍ରଦାୟ ବହୁ ମୁରବୀ ଉପସ୍ଥିତ ଥିଲେ ।

## ବୃକ୍ଷ ରୋପଣ ଅଭିଯାନ ସହିତ ପୋଖରୀ ସଫେଇ କାର୍ଯ୍ୟକ୍ରମ

ନିରାକାରପୁର, (ନିପ୍ର): ଭାରତ ସରକାରଙ୍କ ତତ୍ତ୍ୱାବଧାନରେ ଓଡିଶା ସରକାରଙ୍କ ଦ୍ୱାରା ପରିବେଶ ସୁରକ୍ଷା କାର୍ଯ୍ୟକ୍ରମ ଓଡିଶା ସରକାରଙ୍କ' ଶକ୍ତି ସଂରକ୍ଷଣ ' ବିଭାଗ ଆନୁକୂଲ୍ୟରେ ଭାରତ ସରକାରଙ୍କ ପରିବେଶଗତ ଶିକ୍ଷା କାର୍ଯ୍ୟକ୍ରମ ଅଧୀନରେ ପରିବେଶଗତ ଅଧ୍ୟୟନ ଅଧୀନରେ ବୃକ୍ଷ ରୋପଣ ଅଭିଯାନ ସହିତ ପୋଖରୀ ସଫେଇ କାର୍ଯ୍ୟକ୍ରମ ରମାବିଲିର ରାମଚନ୍ଦ୍ର ବିଦ୍ୟାନିକେତନ ପ୍ରଧାନ ଶିକ୍ଷକଙ୍କ ପୌରହିତ୍ୟରେ ବିଦ୍ୟାଳୟ ପ୍ରାଙ୍ଗଣର ସଭାଗୃହରେ ପୁରସ୍କାର ବିତରଣ ସଭା ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ଛାତ୍ରଛାତ୍ରୀ ଓ ଶିକ୍ଷକ-ଶିକ୍ଷିକା ମାନଙ୍କର ଏକ ପଦ ଶୋଭା ଯାତ୍ରା ଓ ସ୍ଲୋଗାନ ଦ୍ୱାରା ରମାବିଲି ଅର୍ଜୁନ ପୋଖରୀର ପରିବେଶ ସୁରକ୍ଷା ସହିତ ପୋଖରୀ ପରିଷ୍କାର ପରିଚ୍ଛନ୍ନ, ଦଳ ନିଷ୍କାସନ ଓ ନଡ଼ିଆ ଗଛ ରୋପଣ କରାଯାଇ ଏକ ଜନ ସଚେତନତା ଶିବିର କରାଯାଇ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ' ମୋ ପୋଖରୀ ସୁରକ୍ଷା ' ଚିତ୍ରାଙ୍କନ ୫୦ ଜଣ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା କରାଯାଇଛି । ଦ୍ୱିତୀୟ ଅଧିବେଶନରେ ସଭାର ସଭାପତି ବଳରାମ ପାଇକରାୟ, ମୁଖ୍ୟବକ୍ତା ଶିକ୍ଷକ ନେତା ରମାକାନ୍ତ ମହାପାତ୍ର, ସମ୍ମାନିତ ଅତିଥି ଛଣଗିରି ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ପ୍ରଶାନ୍ତ ମହାପାତ୍ର, ସଂମ୍ମାନିତ ଅତିଥି ଟୁଲୁ ମାଝୀ, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରମାବିଲି ସମେତ ରାମଚନ୍ଦ୍ର ବିଦ୍ୟାନିକେତନ ଓ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ରମାବିଲିର ଶିକ୍ଷକ -ଶିକ୍ଷୟିତ୍ରୀ ମୁରଲୀଧର ହରିଚନ୍ଦନ, ନରେନ୍ଦ୍ର ପାଇକରାୟ, ସୁକାନ୍ତି ବିଶୋଇ, ଶରତ ଚନ୍ଦ୍ର ଛୋଟରାୟ, ମିନତୀ ଶ୍ରୀଚନ୍ଦନ, ନିରୁପମା ରାଉତରାୟ ସମେତ ସମସ୍ତ ଶିକ୍ଷା -କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ସମାପ୍ତ କରିଥିଲେ । ଶିକ୍ଷକ ଗୋଦାବରୀଶ ସାମନ୍ତସିଂହାର ଉକ୍ତ ପୁରସ୍କାର ବିତରଣ ସଭା ମଞ୍ଚରେ ସଂଯୋଜକ କାର୍ଯ୍ୟକ୍ରମ କରିବା ସହିତ ସମସ୍ତ ଅତିଥି ଓ ଶିକ୍ଷକ -ଶିକ୍ଷୟିତ୍ରୀ, ଗ୍ରାମବାସୀ ଓ ଛାତ୍ରଛାତ୍ରୀ ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ପିଏମଶ୍ରୀ ଯୋଜନା ଆଧାରିତ ସାଧାରଣ ଜ୍ଞାନ ପରୀକ୍ଷା ପ୍ରତିଯୋଗିତା

କାଶୀନଗର,(ନିପ୍ର): କାଶୀନଗର ଠାରେ ଥିବା ପି ଏମ ଶ୍ରୀ ବାରଣାସୀ ସରକାରୀ ଉଚ୍ଚ ବିଦ୍ୟାଳୟର ଶହେ ଜଣ ଛାତ୍ର ଛାତ୍ରୀଙ୍କୁ ନେଇ ପିଏମଶ୍ରୀ ଯୋଜନା ଅନ୍ତର୍ଗତ ସାଧାରଣ ଜ୍ଞାନ ପରୀକ୍ଷା ପ୍ରତିଯୋଗିତା ହୋଇଥିଲା । ପ୍ରଥମେ ଶହେ ଜଣ ଛାତ୍ରଛାତ୍ରୀଙ୍କୁ ଗଙ୍ଗା, ଯମୁନା, ବ୍ରହ୍ମପୁତ୍ର ଓ ମହାନଦୀ ନାମରେ ଚାରି ଭାଗ କରି ପ୍ରତିଯୋଗିତା ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଆର ଦିଲୀପ କୁମାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱଧାନରେ ହୋଇଥିବା ବେଳେ ବ୍ରହ୍ମପୁତ୍ର ଗୋଷ୍ଠୀର ଅର୍ପିତା ଭୂୟାଁଙ୍କୁ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜେ.ନର୍ମଦା ଦାଶ ଉପସ୍ଥିତ ରହି ପୁରସ୍କୃତ କରିଥିଲେ ।

## ହାତୀ ଆକ୍ରମଣରେ ଜଣେ ମୃତ

ରେଢ଼ାଖୋଲ,(ନିପ୍ର): ସମ୍ବଲପୁର ଜିଲ୍ଲା ଯୁଯୁମୁରା ବ୍ଲକ ଜୟନ୍ତପୁର ପଞ୍ଚାୟତ ଅନ୍ତର୍ଗତ ମହାଲିଙ୍ଗ ପଡ଼ାରେ ଶୈଚ ପାଇଁ ଯାଇଥିବା ବେଳେ ବୁଧବାର ଭୋର ସକାଳେ ହାତୀ ଆକ୍ରମଣରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି । ମୃତକ ହେଲେ ମହାଲିଂଙ୍ଗ ପଡ଼ା ହାପ୍ରିଆ ବାହାଳର ପ୍ରେମାନନ୍ଦ ଓରାମ । ସେ ଗୁରୁବାର ସକାଳୁ ଘର ନିକଟ ବିଲକୁ ଶୌଚ ହେବା ପାଇଁ ଯାଇଥିଲେ । ହେଲେ ହଠାତ୍ ଏକ ହାତୀ ଆସି ଆକ୍ରମଣ କରିଥିଲା । ଫଳରେ ଘଟଣାସ୍ଥଳରେ ହିଁ ତାଙ୍କ ମୃତ୍ୟୁ ହୋଇଥିଲା । ଖବରପାଇ ବନ ବିଭାଗର କର୍ମଚାରୀ ମାନେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ଏଥିସହ ବନବିଭାଗ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ।

## ବିଜେଡି ପକ୍ଷରୁ ବନ୍ଧୁମିଳନ

ପିପିଲି,(ନିପ୍ର): ପିପିଲିରେ ଆରମ୍ଭ ହେଲା ବିଜେଡି ତରଫରୁ ବନ୍ଧୁ ମିଳନ । ବିଜେଡି କର୍ମୀଙ୍କୁ ସକ୍ରିୟ କରାଇବା ପାଇଁ ଏହା ପ୍ରକ୍ରିୟା । ପିପିଲି ସ୍ଥିତ ବିଜୁ ଜନତା ଦଳ କାର୍ଯ୍ୟାଳୟ ଠାରେ ପିପିଲି-ଡେଲାଙ୍ଗ ବିଜୁ ଜନତା ଦଳ ପକ୍ଷରୁ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଦଳର ସଭାପତି ପ୍ରଫୁଲ ସ୍ୱାଇଁଙ୍କ ପୌରହିତ୍ୟରେ ଏକ ସଭା ଅନୁଷ୍ଠିତ



ହୋଇଥିଲା । ପୂର୍ବତନ ବିଧାୟକ ରୁଦ୍ର ପ୍ରତାପ ମହାରଥି ଏବଂ ଡକ୍ଟର ପ୍ରତିଭା ମହାରଥୀ ଏଥିରେ ଯୋଗଦେଇ ଶାସକ ବିଜେପିର ବିରୋଧରେ ବର୍ଷିବା ସହିତ ଉପସ୍ଥିତ କର୍ମୀଙ୍କୁ ସଂଗଠିତ ହୋଇ ଦଳକୁ ମଜଭୁତ କରିବା ଏବଂ ଲୋକଙ୍କ ସେବାରେ ବ୍ରତୀ ହେବା ପାଇଁ ପରାମର୍ଶ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ପିପିଲି ବ୍ଲକ ଅଧକ୍ଷା ଦେବସ୍ମିତା ନନ୍ଦ, ପୂର୍ବତନ ଅଧକ୍ଷ ଯୁଧିଷ୍ଠିର ସ୍ୱାଇଁ, ଡେଲାଙ୍ଗ ବ୍ଲକ ଅଧକ୍ଷ ବାସନ୍ତୀ ସାହୁ, ଉପାଧକ୍ଷ ଦୁର୍ବାସା ନିଶଙ୍କ ପ୍ରମୁଖ ଯୋଗଦେଇଥିଲେ ।

# ବିଭିନ୍ନ ସ୍ଥାନରେ 'ଭାରତ ବନ୍ଦ': ପଡ଼ିଲା ମିଶ୍ରିତ ପ୍ରଭାବ

**ଭାପୁର,(ନିପ୍ର):** ଦେଶର ୧୦ଟି ଶ୍ରମିକ ଓ ସ୍ୱାଧୀନ ଫେଡେରେସନ ପକ୍ଷରୁ ଗୁରୁବାର ଦିନ ୧୨ ଘଣ୍ଟିଆ ସର୍ବଭାରତୀୟ ଧର୍ମଘଟ ଡାକରାରେ ନୟାଗଡ଼ ଜିଲ୍ଲା ଭାପୁର ବ୍ଲକରେ ଏହାର ପ୍ରଭାବ ପଡିଥିଲା । ଜେନ୍ଦ୍ରୀୟ ଶ୍ରମ ଆଇନକୁ ବିରୋଧ କରି ସକାଳ ୬ ରୁ ସନ୍ଧ୍ୟା ୬ ପର୍ଯ୍ୟନ୍ତ ଦେଶବ୍ୟାପୀ ଧର୍ମଘଟ ଅନୁଷ୍ଠିତ ହୋଇଥିଲା । ଫଳରେ, ବାମପନ୍ଥୀ ଦଳ ପକ୍ଷରୁ ଭାପୁର ବ୍ଲକରେ ବିକ୍ଷୋଭ ପ୍ରଦର୍ଶନ




କରାଯାଇଥିଲା । ଶ୍ରମ ଆଇନ ର ସଂଶୋଧନ, ବିଦ୍ୟୁତ ସଂଶୋଧନ ବିଲ ୨୦୨୫କୁ ପ୍ରତ୍ୟାହାର,ଭିଭିଜି ରାମଜି ନାମ ବଦଳରେ ପୂର୍ବ ମନରେଗା ନାମକୁ ସ୍ଥଗିତ ରଖିବା, କୃଷି ଶ୍ରମିକଙ୍କୁ ସୁରକ୍ଷା ସହ ବିହନ ବିଲ ୨୦୨୫ ପ୍ରତ୍ୟାହାର, ସ୍ୱାମୀନାଥନ କମିଶନ ଅନୁସାରେ ଏମ.ଏସ.ପି ଲାଗୁ, ସମାନ କାମକୁ ସମାନ ଦରମା, ଅଣସଂଗଠିତ କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକଙ୍କୁ ଆଇନଗତ ସୁରକ୍ଷା ଆଦି ଦାବିରେ ଏହି ଧର୍ମଘଟ ଡାକରା ଦିଆଯାଇଛି । ଧର୍ମଘଟକୁ ବିଜେଡି ଓ କଂଗ୍ରେସ ଦଳ ସମର୍ଥନ ଜଣେଇ ଥିବାରୁ ଭାପୁର ବ୍ଲକରେ ବିଦ୍ୟାଳୟ, ମହାବିଦ୍ୟାଳୟ, ବ୍ୟାଙ୍କ,କୋର୍ଟ,ସମସ୍ତ ସରକାରୀ କାର୍ଯ୍ୟାଳୟ,ପେଟ୍ରୋଲ ପମ୍ପ,ଦୋକାନ ଏବଂ ପରିବହନ ବ୍ୟବସ୍ଥା ସମ୍ପୂର୍ଣରୂପେ ଠପ୍ ହୋଇଥିଲା । ଭାପୁର ବ୍ଲକ ବାମପନ୍ଥୀ ଦଳର ନେତା ତଥା ବରିଷ୍ଠ ଆଇନଜୀବୀ ଗଙ୍ଗାଧର ପଣ୍ଡାଙ୍କ ନେତୃତ୍ୱରେ ଆଶାକର୍ମୀମାନେ ମିଶି ଭାପୁର ବଜାର ପରିକ୍ରମା କରିଥିଲେ ।

**ଦାମନଯୋଡି :** ସିଟୁ ଆହ୍ୱାନ କ୍ରମେ ବିଭିନ୍ନ ଶ୍ରମିକ ସଂଗଠନ ଓ କୃଷକ ସଂଘ ଆଜି ୨୪ ଘଣ୍ଟିଆ ଭାରତ ବନ୍ଦ ଡାକରା ଦେଇଥିବା ବେଳେ ଏହାକୁ କଂଗ୍ରେସ ଦଳ ସମର୍ଥନ କରିଛି । କୋରାପୁଟ ଜିଲ୍ଲା ଶିଳ୍ପାଞ୍ଚଳ ଦାମନଯୋଡିରେ ଏହି ବନ୍ଦର ଆଂଶିକ ପ୍ରଭାବ ଦେଖିବାକୁ ମିଳିଛି । ଅତ୍ୟାବଶ୍ୟକ ସେବା ଗୁଡ଼ିକୁ ଛାଡ଼ି ଟ୍ରକ, ବସ୍ , ଦୋକାନ ବଜାର, ବିଦ୍ୟାଳୟରେ ଶ୍ରେଣୀ ଶିକ୍ଷାଦାନ ଆଦି ବନ୍ଦ ରହିଥିବା ଦେଖିବାକୁ ମିଳିଛି । ନାଲକୋ ଉଦ୍ୟୋଗ ମଧ୍ୟକୁ ଯାଇଥିବା ସମସ୍ତ ରାସ୍ତାରେ କଂଗେସ ଓ ସିଟୁ କର୍ମୀମାନେ ରହି ଯାତାୟାତ ବାରଣ କରିଥିଲେ । କାଁ ଭାଁ କେତେକ ସ୍ଥାନରେ ଛୋଟ ଛୋଟ ଦୋକାନ ମାନ ଖୋଲା ଥିବା ଦେଖାଯାଇଥିଲା । ଅଞ୍ଚଳରେ କୌଣସି ଅପ୍ରିତୀକର ପରିସ୍ଥିତି ଦେଖାଯାଇନଥିବା ବେଳେ ସୁରକ୍ଷା ଦୃଷ୍ଟିରୁ ଦାମନଯୋଡି ପୁଲିସ, କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବାହିନୀ, ଟାଉନସିପ ସୁରକ୍ଷା କର୍ମୀ ବିଭିନ୍ନ ସ୍ଥାନରେ ମୁତୟନ ରହି ପରିସ୍ଥିତି ଉପରେ ନଜର ରଖିଛନ୍ତି ।

**କାଶୀନଗର :** ବିଭିନ୍ନ ଦାବି ନେଇ ଗୁରୁବାର କେନ୍ଦ୍ରୀୟ ମିଳିତ ଶ୍ରମିକ ସଂଗଠନର ଭାରତବନ୍ଦର ପ୍ରଭାବ କାଶୀନଗରରେ ଦେଖିବାକୁ ମିଳିଛି ।ସିଆଟିୟୁର ସଦସ୍ୟ କାର୍ତ୍ତିକ ଶବର ଓ ଶ୍ରମିକ ସଂଗଠନର ନେତା କେଦାର ଶବରଙ୍କ ସହ କଂଗ୍ରେସ ଦଳର ପୁରୁଖା ନେତା ରାମପ୍ରସାଦ ପଟନାୟକଙ୍କ ନେତୃତ୍ୱରେ କାଶୀନଗର ସ୍ଥିତ ଏସ୍‌ବିଆଇ ଛକ ଓ ଅନ୍ୟ ପ୍ରମୁଖ ଛକରେ ପିକେଟିଂ କରି ଦୋକାନ ବଜାର ବନ୍ଦ କରିଥିଲେ ।

ଆନ୍ଦୋଳନରେ ସହରରେ ୮ ରୁ ଅଧିକ ଶ୍ରମିକ ସଂଗଠନ ଆନ୍ଦୋଳନରେ ସାମିଲ ହୋଇଛନ୍ତି । ବସଷ୍ଟାଣ୍ଡ, ମାର୍କେଟ ଛକ ଫୋରେଷ୍ଟ ଛକ ସବୁ ଅବରୋଧ କରିଛନ୍ତି । ଫଳରେ ରାସ୍ତାରେ ଟ୍ରକ ଓ ଏହି ରାସ୍ତାରେ ଯାତାୟାତ କରୁଥିବା ଯାତ୍ରୀବାହି ବସ ରାସ୍ତା କଡରେ ଅଟକି ରହିଛି । ବସ୍ ସେବା ବନ୍ଦ ରହିଥିବା ବେଳେ ଯାତ୍ରୀମାନେ ନାନା ଅସୁବିଧାର




ସମ୍ମୁଖୀନ ହେଉଛନ୍ତି । ସେହିପରି ସହରର ବିଭିନ୍ନ ଶିକ୍ଷାନୁଷ୍ଠାନ ବନ୍ଦ ରହିଥିବା ବେଳେ ବ୍ୟାଙ୍କ ପ୍ରତିଷ୍ଠାନ ମଧ୍ୟ ବନ୍ଦ ରହିଛି । ଶ୍ରମିକ ବିରୋଧୀ ୪ ଟି ଶ୍ରମ କୋଡ଼ ଓ ଆଇନର ପ୍ରତ୍ୟାହାର,ଶ୍ରମ ଶକ୍ତି ନିତୀ ୨୦୨୫ର ପ୍ରତ୍ୟାହାର,ବିଦ୍ୟୁତ୍ ସଂଶୋଧିତ ବିଲ୍ ବାତିଲ କରିବା ଓ ଅଙ୍ଗନୱାଡ଼ି ଆଶା କର୍ମୀ ଓ ପାଚିକା ମାନଙ୍କୁ ଶ୍ରମିକର ମାନ୍ୟତା ଦେବା ଆଦି ଦାବି କରାଯାଇଛି ବୋଲି ପ୍ରମୁଖ ନେତାମାନେ କହିଥିଲେ । କାଶୀନଗର ତହସିଲଦାର ତଥା ମାଜିଷ୍ଟ୍ରେଟ ଏହି ଆନ୍ଦୋଳନ କିପରି କାଶୀନଗର ଠାରେ ଶୃଙ୍ଖଳାର ସହ ହୋଇପାରିବ ସେଥିପାଇଁ ଆନ୍ଦୋଳନ ସ୍ଥଳକୁ ଯାଇ ନିଜେ ନେତାମାନଙ୍କୁ ଶୃଙ୍ଖଳା ରକ୍ଷା କରିବା ପାଇଁ ବୁଝେଇ ଥିବାବେଳେ କାଶୀନଗର ଥାନା




ଅଧିକାରୀ ମଧ୍ୟ ଆନ୍ଦୋଳନ ନିକଟରେ ରହି ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ସ୍ଥାନୀୟ ପୋଲିସମାନଙ୍କୁ ମୁତୟନ କରିଥିଲେ ।

**ରାୟଗଡା :** ରାୟଗଡାରେ ୧୨ ଘଣ୍ଟିଆ ବନ୍ଦ ସମ୍ପୂର୍ଣ ସଫଳ । ରାୟଗଡ଼ର କପିଳାସ ଛକ ଏବଂ ଶିରୀଗୁଡା ଛକରେ ଆନ୍ଦାଳନକାରୀ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଏହି ଆନ୍ଦୋଳନରେ କେନ୍ଦ୍ରୀୟ ଶ୍ରମିକ ସଂଗଠନ ମିଳିତ ମଞ୍ଚ ଏବଂ ସ୍ୱାଧୀନ ଫେଡେରେସନ ସହିତ ୧୦ ଗୋଟି ଟ୍ରେଡ଼ ୟୁନିଅନ, ଏ ଆଇ ଟି ୟୁ ସି, ଆଇ ଏନ ଟି ୟୁ ସି, ସି ଆଇ ଟି ୟୁ, ଏ ଆଇ ସି ଟି ୟୁ ଏଚ ଏମ ଏସ, ଏ ଆଇ ସି ସି ଟି ୟୁ, ଟି ୟୁ ସି ସି, ଏଲପିଏଫ ଏବଂ ସ୍ୱାଧୀନ ଫେଡେରେସନ ଆହ୍ୱାନରେ କେନ୍ଦ୍ର ସରକାରଙ୍କ ଶ୍ରମିକ ସ୍ୱାର୍ଥ ବିରୋଧୀ ୪ ଗୋଟି ଶ୍ରମକୋଡ଼ ବାତିଲ ଆଦି ସାମିଲ ହୋଇ ରାୟଗଡା ସହରର ଦୁଇ ପ୍ରମୁଖ ଛକରେ ଏକତ୍ର ହେବା ସହ ରାସ୍ତାରୋକ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ । କେନ୍ଦ୍ର ସରକାରଙ୍କ ବିରୋଧରେ ବିଭିନ୍ନ ପ୍ରକାର ନାରାବାଜି କରିଥିଲେ । ବନ୍ଦ ଡାକରାର ପ୍ରଭାବ ବ୍ୟାପକ ମାତ୍ରାରେ ଦେଖିବାକୁ ମିଳିଥିଲା । ବନ୍ଦ ଡାକରା ଯୋଗୁଁ ଜରୁରୀ କାଳୀନ ସେବା କ୍ଷେତ୍ରକୁ ବାଦ ଦେଇ ସହରର ଦୋକାନ ବଜାର, ବ୍ୟବସାୟିକ ପ୍ରତିଷ୍ଠାନ, ବ୍ୟାଙ୍କ ପ୍ରତିଷ୍ଠାନ,ବୀମା କମ୍ପାନୀ, ଶିକ୍ଷାନୁଷ୍ଠାନ, ଘରୋଇ ସଂସ୍ଥା ଆଦି ବିକ୍ଷୋବକାରୀମାନେ ପିକେଟିଙ୍ଗ କରି ବନ୍ଦ କରିଥିଲେ । ଭାରୀଯାନ ଚଳାଚଳ, ଏବଂ ବସ ସେବା ବନ୍ଦ ରହିଥିଲା । ଜାତୀୟ ରାଜ ପଥର ଉଭୟ ପାର୍ଶ୍ୱରେ ଟ୍ରକ, ଭ୍ୟାନ ଆଦି ଗାଡି ଅଟକି ରହିଥିଲା । ରାୟଗଡା ପ୍ରମୁଖ ସ୍ଥାନରେ ବିକ୍ଷୋଭକାରୀମାନେ ସରକାର ବିରୋଧୀ ନାରା ଦେଇ ସରକାରଙ୍କ ଏକ ଛତ୍ରବାଦୀ ନୀତି ଓ ଶାସନକୁ ବିରୋଧ କରି ପ୍ରବଳ ମାତ୍ରାରେ ବର୍ଷି ଥିଲେ । ବସ ସେବା ବନ୍ଦ ଯୋଗୁଁ ଯାତ୍ରୀମାନେ ହଇରାଣ ହୋଇଥିଲେ । ଏହି ସଂଗଠନ ସମୂହ ସରକାରଙ୍କ ଶ୍ରମିକ, କୃଷକ ମାରାଣ ନୀତି ବିରୋଧରେ ସ୍ୱର ଉତ୍ତୋଳନ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଶ୍ରମିକ ନେତା ଶ୍ରୀ ଭବାନୀ ଶଙ୍କର ପାତ୍ର କହିଥିଲେଯେ, ସରକାର ଶ୍ରମି ଆଇନ ବଦଳରେ ଶ୍ରମ କୋଡ ଲାଗୁ କରିଛନ୍ତି ଯାହାକି ଶ୍ରମିକ, କୃଷକ ବିରୋଧୀ, ଉକ୍ତ ଶ୍ରମିକ କୋଡ଼କୁ ଯଥାଶୀଘ୍ର ପ୍ରତ୍ୟାହାର କରିବା, ଶ୍ରମିକ ବିରୋଧୀ ୪ଟି ଶ୍ରମକୋଡ଼ ଓ ଆଇନର ପ୍ରତିବାଦ, ଅଙ୍ଗନୱାଡି, ଆଶାକର୍ମୀ, ପାଚିକା, ଉଦ୍ୟାନ ସାଥି ଓ ଗ୍ରାମ ପଞ୍ଚାୟତ କର୍ମଚାରୀଙ୍କୁ ଶ୍ରମିକ ମାନ୍ୟତା,ଯୁବ ବର୍ଗଙ୍କୁ ନିଯୁକ୍ତି, ଘରୋଇକରଣ ନୀତିକୁ ବନ୍ଦ କରିବା, ବିଦ୍ୟୁତ ଯୋଗାଣ ସଂସ୍ଥାକୁ ଘରୋଇକରଣ ନକରିବା, ସହ ଆଦି ୧୨ ଟି ଦାବି ନେଇ ରାୟଗଡା ବନ୍ଦ ଡାକରା ଦିଆଯାଇଥିଲା ବୋଲି ଶ୍ରୀ ପାତ୍ର କହିଥିଲେ ।

**ହିଞ୍ଜିଳିକାଟୁ :** ସରକାରଙ୍କ ଶ୍ରମିକ ବିରୋଧୀ ନୀତିକୁ ବିରୋଧ କରି ଟ୍ରେଡ ୟୁନିଅନ ସେଣ୍ଟର ଅଫ୍ ଇଣ୍ଡିଆ ପକ୍ଷରୁ ଗୁରୁବାର ଭାରତ ବନ୍ଦ ଡାକରା ଦିଆଯାଇଥିଲା । ଏହି ପରିପ୍ରେକ୍ଷୀରେ ଗୁରୁବାର ସକାଳୁ ଟ୍ରେଡ ୟୁନିଅନ ସେଣ୍ଟର ଅଫ୍ ଇଣ୍ଡିଆର ନେତ୍ରୀ ପି. ପାର୍ବତୀଙ୍କ ନେତୃତ୍ୱରେ ଓଡିଶା ନିର୍ମାଣ ଶ୍ରମିକ ୟୁନିଅନ, ମନରେଗା ଶ୍ରମିକ ୟୁନିଅନର ଶତାଧିକ ସଦସ୍ୟ ଓ ସଦସ୍ୟା ହିଞ୍ଜିଳିକାଟୁ ଆରଏମସି ଛକ ନିକଟରେ ପହଞ୍ଚି ୫୯ ନଂ ଜାତୀୟ ରାଜପଥକୁ ଅବରୋଧ କରିଥିଲେ । ପରେ ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟରେ ସମ୍ମୁଖରେ ଏକ ପଥପ୍ରାନ୍ତ ସଭାର ଆୟୋଜନ କରାଯାଇଥିଲା । ଦେଶର ଅଧିକାଂଶ ଅଞ୍ଚଳରେ



ଶ୍ରମିକମାନେ ସର୍ବନିମ୍ନ ମଜୁରୀ, ଚାକିରୀର ସୁରକ୍ଷା, ମର୍ଯ୍ୟାଦାଜନକ ଜୀବନ ପାଇଁ ଜୀବନ ମରଣ ସଂଗ୍ରାମ କରୁଛନ୍ତି । ଏଭଳି ସ୍ଥିତିରେ କେନ୍ଦ୍ର ସରକାର ୪ଟି ନୂତନ ଶ୍ରମ ଆଇନ ମାଧ୍ୟମରେ ଶ୍ରମିକ ଶ୍ରେଣୀ ଉପରେ ବଡ ଧରଣର ଆକ୍ରମଣ କରୁଛନ୍ତି । ଏପରିକି ମନରେଗାକୁ ଉଚ୍ଛେଦ କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି




ବୋଲି ମତବ୍ୟକ୍ତ କରିଥିଲେ । ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ବିକ୍ଷେଦଗାର କରିଥିଲେ । ସରକାର ଏଭଳି ଆଇନକୁ ପ୍ରଶମିତ ନକଲେ ଆଗାମୀ ଦିନରେ ବିରାଟ ଆନ୍ଦୋଳନ ଗଢି ଉଠିବ ବୋଲି ଦୃଢୋକ୍ତି ପ୍ରକାଶ କରିଥିଲେ । ସେଠାରୁ ପିକେଟିଂ କରିବା ସହ ସହରରେ ଅବସ୍ଥାପିତ ସମସ୍ତ ସରକାରୀ କାର୍ଯ୍ୟାଳୟ, ବିଦ୍ୟାଳୟ ଓ ବ୍ୟାଙ୍କ ଗୁଡିକୁ ବନ୍ଦ କରିଥିଲେ । ଭାରତ ବନ୍ଦ ଡାକରା ଯୋଗୁଁ ଯାନବାହାନ ଚଳାଚଳ ବନ୍ଦ ରହିଥିଲା । ମୋଟାମୋଟି ଭାବେ ହିଞ୍ଜିଳିକାଟୁରେ ଭାରତ ବନ୍ଦ ଡାକରା ଆଂଶିକ ସଫଳ ହୋଇଥିଲା । କାର୍ଯ୍ୟକ୍ରମରେ ଓଡିଶା ନିର୍ମାଣ ଶ୍ରମିକ ୟୁନିଅନ ନେତ୍ରୀ ଶାନ୍ତି ନାହାକ, ଓଡିଶା ମନରେଗା ଶ୍ରମିକ ୟୁନିଅନର ନେତ୍ରୀ ଯଶୋଦା ନାହାକ, ଶଙ୍କର ଇନକିଲାବ, ଜାମିନି ଦାସ, ରିତା ଦାସ, ବନିତା ଦାସ, ଲକ୍ଷ୍ମୀ ନାୟକ, ସରସ୍ୱତୀ ନାୟକ, ଏନ୍. ରାଜେଶ୍ୱରୀଙ୍କ ସମେତ ବିଭିନ୍ନ ଶ୍ରମିକ ସଂଗଠନର ଶତାଧିକ କର୍ମକର୍ତ୍ତା ଓ ସଦସ୍ୟ, ସଦସ୍ୟା ଅଂଶ ଗ୍ରହଣ କରିଥିଲେ ।

**ଧାମନଗର,:** କେନ୍ଦ୍ରୀୟ ଶ୍ରମିକ ସଂଗଠନ ପକ୍ଷରୁ ବିଭିନ୍ନ ଦାବିନେଇ କରା ଯାଇଥିବା ବନ୍ଦ ଧାମନଗର ରେ ଆଂଶିକ ସଫଳ ହୋଇଛି । ଧାମନଗର ବଜାରର ବିଜୁପଟ୍ଟନାୟକ ଛକ ଠାରେ ଜାତୀୟ କଂଗ୍ରେସ ଦଳ ଏବଂ ମାର୍କ୍ସବାଦୀ କମ୍ୟୁନିଷ୍ଟ ପାର୍ଟିର ନେତୃମଣ୍ଡଳୀ ଏବଂ ସମର୍ଥକ ମାନେ ରାସ୍ତା ଅବରୋଧ କରି ବସିଥିଲେ । ବ୍ଲକ କାର୍ଯ୍ୟାଳୟ, ତହସିଲ କାର୍ଯ୍ୟାଳୟ, କୃଷି କାର୍ଯ୍ୟାଳୟ, ଟ୍ରେଜେରି,ବ୍ୟାଙ୍କ ଏବଂ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ସମେତ ଅନ୍ୟ ସମସ୍ତ ସରକାରୀ ଏବଂ ବେସରକାରୀ କାର୍ଯ୍ୟାଳୟ ମାନ କର୍ମୀମାନଙ୍କ ଦ୍ୱାରା ବନ୍ଦ କରାଯାଇଥିଲା ।

ବନ୍ଦ ଡାକରାରେ ସାମିଲ ହୋଇଥିଲେ ଧାମନଗର ନିର୍ବାଚନ ମଣ୍ଡଳୀର କଂଗ୍ରେସ ଦଳର ପୂର୍ବତନ ନେତା ବାବା ହରେକୃଷ୍ଣ ସେଠୀ, ବ୍ଲକ କଂଗ୍ରେସର ସଭାପତି ରମେଶ ଚନ୍ଦ୍ର ବେହେରା, ଧାମନଗର ନଗର କଂଗ୍ରେସ କମିଟିର ସଭାପତି ପ୍ରମୋଦ କୁମାର ସ୍ୱାଇଁ, ସାମ୍ୟବାଦୀ ନେତା ମହମ୍ମଦ ଜୈନୁଲ ଆବେଦିନ, ଚିନ୍ତାମଣି ବାରିକ,ବିକ୍ରମ କୁମାର ମହାପାତ୍ର,ସେକ ମାମା, ଗୟାଧର ସାହୁ, ଜିଲ୍ଲାନି ଖାଁ, ମୁନ୍ନା ପରିଡା, ବିପ୍ଳବ ଜେନା, ପ୍ରତାପ କୁମାର ଦାସ, ଶାନ୍ତିଲତା ନାୟକ, ଖାଜେ ମେହେମୁଦ ଏବଂ ଜଲାଲୁଦ୍ଦିନ ଖାଁ ଙ୍କ ସମେତ ଶତାଧିକ କର୍ମୀ ମାନେ ।

ତିଥି : (ଏକାଦଶୀ) : (ମୂଳା ଧନୁ)
ଅମୃତବେଳା: ଦିବା ଘ.୭ ।୫୬ ମଧ୍ୟେ ୮ ।୪୪ ଗତେ

## ଆଜିର ଅନୁଚିନ୍ତନ

କର୍ମଯୋଗୀ ସାଧକ ସେ ସମସ୍ତ ଇନ୍ଦ୍ରିୟଙ୍କୁ ବଶୀଭୂତ କରି ମତ୍‌ପରାୟଣ ହୋଇ ବସିବା ଉଚିତ, କାରଣ ଯାହାର ଇନ୍ଦ୍ରିୟମାନେ ବଶୀଭୂତ, ତାହାର ବୁଦ୍ଧି ସ୍ଥିର ।। - ଶ୍ରୀମଦ୍ ଭଗବଦ୍ ଗୀତା

# ଶିକ୍ଷାର ମୂଳ ଜାଣିବାର ଆଗ୍ରହ

ପିଲାଏ କିଭଳି ପଢ଼ିବା ଆବଶ୍ୟକ ଓ ପିଲାଙ୍କ ମଧ୍ୟରେ କିଭଳି କୌତୂହଳ ରହିଛି ସେ ସଂପର୍କରେ ନିକଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କିଛି ପିଲାଙ୍କ ସହ 'ପରୀକ୍ଷା ପେ ଚର୍ଚ୍ଚା' ଅବସରରେ କଥାବାର୍ତ୍ତା କରିବା ବେଳେ ଯେଉଁ କେତେକ ପରାମର୍ଶ ଦେଇଛନ୍ତି ତାହା ଆଗାମୀ ମାଟ୍ରିକ ଓ ଅନ୍ୟାନ୍ୟ ପରୀକ୍ଷା ପରିପ୍ରେକ୍ଷୀରେ ଶିକ୍ଷାର୍ଥୀଙ୍କ ସମେତ ଅଭିଭାବକ ବା ପିତାମାତାଙ୍କ ପକ୍ଷେ ବିଶେଷ ଅନୁଧ୍ୟାନ କରିବାର ଆବଶ୍ୟକତା ରହିଛି । ଏହାଦ୍ୱାରା ପାଠପଢ଼ା ନେଇ ଭୟ ହେଉ କି ପରୀକ୍ଷାକୁ ସାମ୍ନା କରିବାର ଭୟ ନିଶ୍ଚୟ ହ୍ରାସ ପାଇବ। ପିଲାଙ୍କ ପାଠ ନେଇ ଶିକ୍ଷକମାନେ ଗୋଟିଏ ଅଧ୍ୟୟନ ଢାଞ୍ଚା ବିଷୟରେ ପରାମର୍ଶ ଦେଇଥାନ୍ତି ତ ପିତାମାତା ଆଉ ଗୋଟିଏ ଧାରା ନେଇ ଜିଦ୍ କରନ୍ତି । ପୁଣି ଛାତ୍ରଛାତ୍ରୀମାନେ ଭିନ୍ନ ଧାରା ଅନୁସରଣ କରନ୍ତି। ଏସବୁ ମଧ୍ୟରୁ କେଉଁଟି ଠିକ୍ ତାହା ସେମାନଙ୍କୁ ଦ୍ୱନ୍ଦ୍ୱରେ ପକାଇବା ସ୍ୱାଭାବିକ। ପୁଣି କେହି କେହି ରାତିରେ ପଢ଼ିବାକୁ ପସନ୍ଦ କରନ୍ତି, ଅନ୍ୟମାନେ ସକାଳେ ପଢ଼ିବାକୁ ପସନ୍ଦ କରନ୍ତି, ଏବଂ ପ୍ରତ୍ୟେକଙ୍କର ନିଜସ୍ୱ ଲୟ ଅଛି ।ତେବେ ଏନେଇ କେହି ଅସତ୍ୟ କହିବା ବିରୋଧରେ ନିକଟରେ ସତର୍କ କରାଇଛନ୍ତି ପ୍ରଧାନମନ୍ତ୍ରୀ ମୋଦି। ଅସଲରେ ଛାତ୍ରଛାତ୍ରୀମାନେ ବ୍ୟକ୍ତିଗତ ଅଭିଜ୍ଞତା ମାଧ୍ୟମରେ ସେମାନଙ୍କର ନିଜସ୍ୱ ଢାଞ୍ଚାରେ ବିଶ୍ୱାସ କରିବା ଉଚିତ। ପରାମର୍ଶଗୁଡ଼ିକୁ ଧ୍ୟାନ ଦେଇ ଶୁଣିବା ଉଚିତ ଏବଂ କେବଳ ବ୍ୟକ୍ତିଗତ ଅଭିଜ୍ଞତା ମାଧ୍ୟମରେ ଉନ୍ନତି ଆଣିବା ଆବଶ୍ୟକ। ସମସ୍ତେ ଭିନ୍ନ ଭିନ୍ନ ଢାଞ୍ଚା ଶୁଣିବା ଉଚିତ, ପ୍ରତ୍ୟେକଙ୍କଠାରୁ ଭଲ ଗୁଣ ଗ୍ରହଣ କରିବା ଉଚିତ, ନିଜ ଉପରେ ଧ୍ୟାନ ଦେବା ଉଚିତ ଏବଂ ଧୀରେ ଧୀରେ ଏହାକୁ ସୁଦୃଢ଼ କରିବା ଉଚିତ। କେତେକ ସମୟରେ ଶିକ୍ଷାର୍ଥୀମାନେ ସ୍କୁଲ କିମ୍ବା ଶିକ୍ଷକଙ୍କ ଗତି ସହିତ ମେଳ ଦେଇପାରନ୍ତି ନାହିଁ । ପରିଣାମରେ ଯାହା ଛାଡ଼ି ଯାଆନ୍ତି ତାହାକୁ ବୁଝିବାକୁ ଚେଷ୍ଟା କରି ସେମାନେ ଅନ୍ୟ ଅଧ୍ୟାୟଗୁଡ଼ିକୁ ଭୁଲି ଯାଆନ୍ତି ଏବଂ ପଛରେ ପଡ଼ିଯାଆନ୍ତି। ଏଭିଳି ସ୍ଥିତିରେ ଶିକ୍ଷକମାନେ ଅନୁଧ୍ୟାନ ପୂର୍ବକ ସେମାନଙ୍କର ନିଜ ଗତି ଛାତ୍ରଛାତ୍ରୀଙ୍କଠାରୁ କେବଳ ଗୋଟିଏ ପାଦ ଆଗରେ ରଖିବା ଉଚିତ, ଅତ୍ୟଧିକ ନୁହେଁ ।

ଏହା ସତ ଯେ ଶିକ୍ଷକମାନେ ପ୍ରତି ସପ୍ତାହରେ ପଢ଼ାଯିବାକୁ ଥିବା ଅଧ୍ୟାୟଗୁଡ଼ିକ ବିଷୟରେ ପୂର୍ବରୁ ଯଦି ସୂଚନା ଦିଅନ୍ତି ତାହା ଦ୍ୱାରା ଶିକ୍ଷାର୍ଥୀମାନଙ୍କ ପାଠ ପୂର୍ବରୁ ପଢ଼ିବା, ପଚାରିବା କିମ୍ବା ଅନ୍‌ଲାଇନରେ ଖୋଜିବା ଆରମ୍ଭ ନିଶ୍ଚେ ହୋଇପାରିବ। ବାସ୍ତବତା ଯେ ପ୍ରକୃତ ଶିକ୍ଷାଦାନ କୌତୂହଳ ସୃଷ୍ଟି କରେ । କୌତୂହଳର ଅର୍ଥ ଜାଣିବାର ଆଗ୍ରହ। ଏପରି ପ୍ରକ୍ରିୟା ହେତୁ ବୁଝାମଣା ଗଭୀର ହେବା ସହିତ ଧ୍ୟାନ ଉନ୍ନତ ହୁଏ। ଯଦି କୌଣସି ଅଧ୍ୟାୟ ବହୁତ ଆକର୍ଷଣୀୟ ହେବ, ତେବେ ଶିକ୍ଷାର୍ଥୀମାନେ ଅଧିକ ଅନୁସନ୍ଧାନ କରିବାକୁ ଇଚ୍ଛା କରିବା ସ୍ୱାଭାବିକ। କେବଳ ସେତିକି ନୁହେଁ ସଂଶୋଧନ ପ୍ରକ୍ରିୟା ମଧ୍ୟ ଏହାଦ୍ୱାରା ଅଧିକ ମଜଭୁତ ହୁଏ।

ଶିକ୍ଷା ଗ୍ରହଣ ପୂର୍ବରୁ ମନକୁ ପ୍ରସ୍ତୁତ କରିବା ଓ ମନ ସହ ଯୋଡ଼ି ହେବା ଏବଂ ଶେଷରେ ପାଠପଢ଼ା ବିଷୟ ପ୍ରତି ଧ୍ୟାନ ଦେବା ଦ୍ୱାରା ସଫଳତା ମିଳିବା ଆଉ କଷ୍ଟକର ହୁଏ ନାହିଁ। ଖାଇବା ଓ ଶୋଇବା, ପାଠପଢ଼ା ଓ ଖେଳିବା, କିମ୍ବା ଦକ୍ଷତା ଓ ମାର୍କ ମଧ୍ୟରେ ହେଉ, ଶିକ୍ଷାର୍ଥୀଙ୍କ ଜୀବନରେ ସନ୍ତୁଳନ ଅତ୍ୟନ୍ତ ଜରୁରୀ। ଗୋଟିଏ ପାର୍ଶ୍ୱକୁ ଅତ୍ୟଧିକ ଝୁଙ୍କି ପଡ଼ିବା ଅସନ୍ତୁଳନ ଆଡ଼କୁ ନେଇଥାଏ। ଅନ୍ୟପକ୍ଷେ ଉପଯୁକ୍ତ ସନ୍ତୁଳନ ସ୍ଥିରତା ସୁନିଶ୍ଚିତ କରେ ।ଶିକ୍ଷା ଏବଂ ଦକ୍ଷତା ଯମଜ ଭାଇଭଉଣୀ, ଅବିଚ୍ଛେଦ୍ୟ ।ସେହି ଦକ୍ଷତା ଜୀବନରେ ଅପରିହାର୍ଯ୍ୟ ।ଏସବୁ ହେଉଛି ଜୀବନ ଗଢ଼ିବାର ମନ୍ତ୍ର, ଏହା ନିଃସନ୍ଦେହ।

# 'ଭାଲେଣ୍ଟାଇନ୍ ଡେ' ମୋହରେ ଆମ ଯୁବପିଢ଼ି

**ବିଷ୍ଣୁ ପ୍ରସାଦ ଦାସ**

> 'ପ୍ରେମ ଦିବସ' ର ତାଳେ ତାଳେ ବିବାହ ବିଚ୍ଛେଦର କରୁଣ ପରିଣତି ମଧ୍ୟ ଆମ ସମାଜରେ ବହୁଳ ପରିମାଣରେ ଦେଖିବାକୁ ମିଳୁଛି । ଅଦାଲତରେ ହଜାର ହଜାର ଛାଡ଼ପତ୍ର ମାମଲା ବିଚାରାଧୀନ ଅବସ୍ଥାରେ ରହିଛି। ଏହାର କାରଣ କ'ଣ ? ଆଦରର ଯୁବପିଢ଼ି ଟିକେ ସୁସ୍ଥ ମନରେ ବିଚାର କରନ୍ତୁ ତ, ପ୍ରେମ ଯଦି ଶାଶ୍ୱତ ହୁଏ, ଭଲ ପାଇବାରେ ଯଦି କଳଙ୍କ ନ ଥାଏ , ପରସ୍ପର ଭିତରେ ଯଦି ମନକୁ ମନ ମିଶୁଥାଏ ତେବେ ଏଇ ଲୋକ ଦେଖାଣିଆ 'ପ୍ରେମ ଦିବସ'ର ଆବଶ୍ୟକତା ରହିଲା କେଉଁଠି ? ସନାତନ ଧର୍ମରେ ମଧ୍ୟ ଅନେକ ମୁନିରଷି ଅନେକ ଅଲୌକିକ କାର୍ଯ୍ୟକରି ଯାଇଛନ୍ତି କାହିଁ ତାଙ୍କ ପାଇଁ ତ ଦିନଟିଏ ଆମେ ଚିନ୍ତା କରୁନାହୁଁ ବା ତାଙ୍କ ନାମରେ ଦିନଟିଏ ପାଳନ କରୁନାହୁଁ ? ସନାତନ ଧର୍ମ ପାଇଁ ସ୍ୱାମୀ ବିବେକାନନ୍ଦଙ୍କ ଅବଦାନ କ'ଣ ଭୁଲି ହେବ ? ତେବେ ନିଜ ସଂସ୍କୃତିକୁ ଜଳାଞ୍ଜଳି ଦେଇ ସେଣ୍ଟ ଭାଲେଣ୍ଟାଇନ୍‌ଙ୍କ ପାଇଁ ବନ୍ଧୁଗଣ ଏତେ ପାଗଳ କାହିଁକି ହେଉଛ ?

ପ୍ରତିବର୍ଷ ଫେବୃଆରୀ ୧୪ ତାରିଖକୁ ଭାଲେଣ୍ଟାଇନ୍ ଡେ ବା 'ପ୍ରେମ ଦିବସ' ଭାବେ ପାଳନ କରାଯାଉଛି, ଯୁବକଯୁବତୀମାନେ ଏହି ଦିବସକୁ ମନଭରି ଉପଭୋଗ କରିବା ସହିତ କିଛି ଅନୈତିକ କାର୍ଯ୍ୟରେ ମଧ୍ୟ ନିଜକୁ ସାମିଲ କରି ଦେଇଥାନ୍ତି। ଯାହାକି ପରବର୍ତ୍ତୀ ସମୟରେ ଏକ ସମସ୍ୟା ହୋଇ ଠିଆ ହୁଏ। ଜୀବନକୁ ସରସ ସୁନ୍ଦର କରିବା ସହିତ କିଛି ନୂତନତ୍ୱକୁ ଆପଣେଇ ନେବାର ଅଭିଳାଷ ଯୁଗ ଯୁଗରୁ ଚଳି ଆସୁଛି । ହୁଏତ ଏହା ପ୍ରକୃତିର ଏକ ନିୟମ ବା ଆମର ଦୂର ଦିଗ୍‌ବଳୟକୁ ଛୁଇଁବାର ଏକ ବୃଥା ଚେଷ୍ଟା ତାହା ସମୟ ହିଁ କହିବ । ଭାଲେଣ୍ଟାଇନ୍ ଡେ ପରି ଏକ ପାଶ୍ଚାତ୍ୟ ସଂସ୍କୃତି / ପରମ୍ପରାକୁ ଆମ ଭାରତୀୟ ଯୁବପିଢ଼ି ଖୁବଶୀଘ୍ର ଆପଣେଇ ନେଇଛି ।

ଖାଲି ସେତିକି ନୁହେଁ , ଗତ ୧୫ / ୨୦ ବର୍ଷ ଭିତରେ ଏହା ଅନ୍ଧ ଭାବେ ଆଗକୁ ଆଗକୁ ମାଡି ଚାଲିଛି ଯାହାର ଆଦି ନାହିଁ କି ଅନ୍ତ ନାହିଁ କିମ୍ବା ଭାରତୀୟ ସଂସ୍କୃତି ସହିତ କୌଣସି ତାଳ ମେଳ ନାହିଁ । ସତ କହିବାକୁ ଗଲେ ୯୦ ପ୍ରତିଶତ ଯୁବକ, ଯୁବତୀ 'ଭାଲେଣ୍ଟାଇନ୍ ଡେ' ର ଇତିହାସ ବିଷୟରେ ସମ୍ପୂର୍ଣ୍ଣ ଜାଣି ନ'ଥିବେ ବା ଭୁଲ ତଥ୍ୟକୁ ଆଧାର କରି କୁହୁଡି ପହଁରି ଚାଲିଛନ୍ତି । କିଛି ବ୍ୟବସାୟୀ ମଧ୍ୟ ଏହି ସଂସ୍କୃତିକୁ ଆଖିରେ ରଖି ଖୁବ୍ ଲାଭବାନ ହେଉଛନ୍ତି, ଛାଡ଼ନ୍ତୁ ସେକଥା ଏବେ ଆମେ ଏଇ 'ପ୍ରେମ ଦିବସ' କଥା ଉପରକୁ ଆସିବା।

ଇତିହାସ କହେ ତୃତୀୟ ଶତାବ୍ଦୀରେ ରୋମ୍ ସମ୍ରାଟ ଦ୍ୱିତୀୟ କ୍ଲାଉଡିଆସ୍ ଏକ କ୍ରୋଧୀ ରାଜା ଥିଲେ । ସେହି ସମୟରେ ସେଣ୍ଟ ଭାଲେଣ୍ଟାଇନ୍ ନାମକ ଏକ ଧର୍ମଯାଜକ ରୋମ୍ ନଗରୀରେ ବାସ କରୁଥିଲେ । ସେଣ୍ଟ ଭାଲେଣ୍ଟାଇନ୍‌ଙ୍କ ବ୍ୟକ୍ତିତ୍ୱ ତଥା ଭଲ ପାଇବାରେ ଆକର୍ଷିତ ହୋଇ ଅନେକ ରୋମ୍ ନିବାସୀ ଖ୍ରୀଷ୍ଟଧର୍ମକୁ ଆପଣାଇ ନେଇଥିଲେ। ଏହି ଧର୍ମାନ୍ତରୀକରଣ ସମ୍ରାଟ କ୍ଲାଉଡିୟସ୍ ଦ୍ୱିତୀୟଙ୍କୁ ଖୁବ୍ କଷ୍ଟ ଦେଉ ଥିଲା ତାହାର କାରଣ , ସମ୍ରାଟ୍ କ୍ଲାଉଡିୟସ୍ ଦ୍ୱିତୀୟ ଜଣେ ପାଗନ୍ (ଯେଉଁମାନେ ଅନେକ ଦେବା ଦେବୀ ପୂଜା କରନ୍ତି ସେମାନଙ୍କୁ ପାଗନ୍ କୁହାଯାଏ) ଥିଲେ ଏବଂ ଖ୍ରୀଷ୍ଟିଆନ୍‌ମାନଙ୍କୁ ଯାହା କରିବାକୁ ଅନୁମତି ଦିଆ ଯାଇଥିଲା ସେହି ସମ୍ବନ୍ଧରେ ସେ କଠୋର ନିୟମ ତିଆରି କରିଥିଲେ । ସେଣ୍ଟ ଭାଲେଣ୍ଟାଇନ୍ ରୋମ୍ ରାଜାଙ୍କ ନିର୍ଦ୍ଦେଶକୁ ଖାତିର ନ କରି ନିଜ କାର୍ଯ୍ୟରେ ଅଟଳ ଥିଲେ, ଏହା ଖ୍ରୀଷ୍ଟ ପର ୨୭୧ ମସିହା କଥା । ସେତେବେଳେ ସମ୍ରାଟ୍ ନିଜ ସୈନ୍ୟମାନଙ୍କୁ ବିବାହ ପାଇଁ ଅନୁମତି ଦେଉ ନଥିଲେ । ସେ ଭାବୁଥିଲେ ବିବାହ ପରେ ସୈନ୍ୟମାନେ ନିଜ ସ୍ତ୍ରୀ ସହ ସହବାସଜନିତ ସେମାନଙ୍କର ଶରୀର ଦୁର୍ବଳ ହୋଇଯିବ ବା ସେମାନେ ପାରିବାରିକ ସମସ୍ୟା ଭିତରେ ବୁଡି ରହି ଯୁଦ୍ଧ ପାଇଁ ସେତେଟା ଉପଯୁକ୍ତ ସାବ୍ୟସ୍ତ ହେବେ ନାହିଁ। ସେଣ୍ଟ ଭାଲେଣ୍ଟାଇନ୍ ବିବାହ କରିବାକୁ ଇଚ୍ଛୁକ ଥିବା ବ୍ୟକ୍ତିମାନଙ୍କୁ ଯୋଗାଯୋଗ କରି ସେମାନଙ୍କ ବିବାହ କରାଇ ସେମାନଙ୍କୁ ଖ୍ରୀଷ୍ଟ ଧର୍ମରେ ସାମିଲ କରୁଥିଲେ । ଏସବୁ ଦେଖି ସମ୍ରାଟ କ୍ଲାଉଡିୟସ୍ ଦ୍ୱିତୀୟ ଉତ୍‌କ୍ଷିପ୍ତ ହୋଇ ସେଣ୍ଟ ଭାଲେଣ୍ଟାଇନ୍‌ଙ୍କୁ ରାଜଦ୍ରୋହ ଅଭିଯୋଗରେ ମୃତ୍ୟୁଦଣ୍ଡ ଘୋଷଣା କରି ତାଙ୍କୁ ବନ୍ଦୀ ଗୃହରେ ରଖି ଥିଲେ । ସେଣ୍ଟ ଭାଲେଣ୍ଟାଇନ୍ ସମ୍ରାଟଙ୍କ ଦ୍ୱାରା ନିଆ ଯାଇଥିବା ନିଷ୍ପତ୍ତିକୁ ଆଦୌ ପସନ୍ଦ କରୁ ନ ଥିଲେ । ସମ୍ରାଟଙ୍କ ଏକତରଫା ନିଷ୍ପତ୍ତି ବିରୋଧରେ ସେ ନିଜର ଅନୁଗାମୀମାନଙ୍କର ଦୃଷ୍ଟି ଆକର୍ଷଣ କରୁଥିଲେ । ସେଣ୍ଟ ଭାଲେଣ୍ଟାଇନ୍ ରହୁଥିବା କାରାଗାରର କାରାପାଳଙ୍କ ଦୃଷ୍ଟିହୀନଝିଅଙ୍କୁ ନିଜର ଐଶ୍ୱରିକ ଶକ୍ତି ଦ୍ୱାରା ଦୃଷ୍ଟିଶକ୍ତି ଫେରାଇ ପାରିଥିଲେ । କାରାପାଳଙ୍କ ଝିଅ ଦୃଷ୍ଟିଶକ୍ତି ଫେରି ପାଇବା ପରେ ସେଣ୍ଟ ଭାଲେଣ୍ଟାଇନ୍‌ଙ୍କୁ କାରାପାଳ ଅନେକ ସହାନୁଭୂତି ଦେଖାଇ ଥିଲେ । ଝିଅଟି ମଧ୍ୟ ନିଜକୁ ଜଣେ ଅନୁଗାମୀ ଭଳି ସେଣ୍ଟ ଭାଲେଣ୍ଟାଇନଙ୍କୁ ଭକ୍ତି କରିବା ସହିତ ଭଲପାଇ ବସିଥିଲେ । ସେହି ଭଲ ପାଇବାରେ ନା ଥିଲା କାମନା, ନା ଥିଲା ବାସନା, ଥିଲା କେବଳ ଶାଶ୍ୱତ ପ୍ରେମ । ଇତିହାସ କହେ ସେହି କାରାଗାରରେ ଆଉ ଜଣେ ଭାଲେଣ୍ଟାଇନ୍ ଥିଲେ ଫେବୃଆରୀ ୧୪ ସମ୍ରାଟ କ୍ଲାଉଡିୟସ୍ ଦ୍ୱିତୀୟ, ଦୁଇଜଣ ଭାଲେଣ୍ଟାଇନ୍‌ଙ୍କୁ ମୃତ୍ୟୁଦଣ୍ଡ ଦେଇଥିଲେ । ମୃତ୍ୟୁ ପୂର୍ବରୁ ଦୃଷ୍ଟିଶକ୍ତି ଫେରାଇ ଥିବା ଭାଲେଣ୍ଟାଇନ୍ କାରାପାଳଙ୍କ ଝିଅକୁ ଏକ ପତ୍ର ଲେଖି ନିଜେ ସ୍ୱାକ୍ଷର କରିଥିଲେ ପତ୍ର ଶେଷରେ 'ତୁମର ଭାଲେଣ୍ଟାଇନ୍' ଲେଖାଥିଲା । ତେବେ ପୂରା ଚିଠିରେ କ'ଣ ଲେଖାଥିଲା ଆଜି ପର୍ଯ୍ୟନ୍ତ ତାହା ଲୋକ ଲୋଚନକୁ ଆସିନାହିଁ । କାରାପାଳଙ୍କ ଝିଅକୁ ଏହା ତାଙ୍କର ଅନାବିଳ ପ୍ରେମର ନିଦର୍ଶନ କହିଲେ ଅତ୍ୟୁକ୍ତି ହେବ ନାହିଁ । ତେବେ ଭାରତ ବର୍ଷରେ ଭାଲେଣ୍ଟାଇନ୍‌ଙ୍କ ସ୍ମୃତି ଉଦ୍ଦେଶ୍ୟରେ ପାଳନ କରାଯାଉଥିବା ପ୍ରେମ ଦିବସରେ କିଏ କାହା ପାଇଁ ମୃତ୍ୟୁ ଦଣ୍ଡ ଭୋଗୁଛି ? କିଏ କାହାର ଦୃଷ୍ଟିଶକ୍ତି ଫେରାଇ ଦେଉଛି ? କାହା ସହିତ କାହାର ବିବାହ ବର୍ତ୍ତମାନର ଶାସକ / ସରକାରଙ୍କ ନିୟମ ଦ୍ୱାରା ହୋଇ ପାରୁନାହିଁ ? ଭାଲେଣ୍ଟାଇନ୍ କାରାପାଳଙ୍କ ଝିଅକୁ କି ପ୍ରକାର ପ୍ରେମ କରୁଥିଲେ କୁହନ୍ତୁ ତ ? ଏହି ବିଷୟରେ ପୁଙ୍ଖାନୁପୁଙ୍ଖ ନ ଜାଣି ଯୁବପିଢ଼ି କାହିଁକି ଯେ ମେଷ ପଲ ପଛରେ ଧାବମାନ ତାହା କେବଳ ସେମାନେ ହିଁ କହି ପାରିବେ ।



ଆଜିର ସମାଜରେ ଉନ୍ନତ ଯୁବକ ଯୁବତୀମାନେ ପ୍ରେମର ସଂଜ୍ଞା ନ' ଜାଣି କେବଳ କାମନା ବାସନାର ବଶବର୍ତ୍ତୀ ହେବା ସହିତ ନିଜର ସନାତନ ଧର୍ମ/ପରମ୍ପରାକୁ ଭୁଲିଯାଇ ପାଶ୍ଚାତ୍ୟ ପରମ୍ପରାକୁ ଖୁବ୍ ସହଜରେ ଆପଣେଇ ନେବାରେ କୌଣସି କାର୍ପଣ୍ୟତା ପ୍ରକାଶ କରୁ ନାହାନ୍ତି । 'ପ୍ରେମ ଦିବସ' ଏକ ପାଶ୍ଚାତ୍ୟ ପରମ୍ପରା ଏହା ସହିତ ମୁଷ୍ଟିମେୟ ବ୍ୟକ୍ତିଙ୍କ ବ୍ୟାବସାୟିକ ଉଦ୍ଦେଶ୍ୟ ଜଡିତ। ଅନେକ ପ୍ରେମ ସମ୍ବଳିତ ରଙ୍ଗବେରଙ୍ଗ ଉପହାର ସାମଗ୍ରୀ ବିକ୍ରି ହେବ ଏହାର ଲାଭ କିଏ ପାଇବେ ? ସେଇ ବ୍ୟବସାୟୀ ଯେଉଁମାନେ ପାଶ୍ଚାତ୍ୟ ପରମ୍ପରାକୁ ବିଭିନ୍ନ ଉପାୟରେ ଯୁବପିଢ଼ିଙ୍କ ଉପରେ ବିଜ୍ଞାପନ ମାଧ୍ୟମରେ ଲଦି ଦେଉଛନ୍ତି ତଥା ଭାରତୀୟ ବଜାରରେ ବହୁଳ ଭାବେ ବ୍ୟବସାୟ ବଢାଇ ଚାଲିଛନ୍ତି। "ପ୍ରେମ ଦିବସ" ର ତାଳେ ତାଳେ ବିବାହ ବିଚ୍ଛେଦର କରୁଣ ପରିଣତି ମଧ୍ୟ ଆମ ସମାଜରେ ବହୁଳ ପରିମାଣରେ ଦେଖିବାକୁ ମିଳୁଛି । ଅଦାଲତରେ ହଜାର ହଜାର ଛାଡ ପତ୍ର ମାମଲା ବିଚାରାଧୀନ ଅବସ୍ଥାରେ ରହିଛି। ଏହାର କାରଣ କ'ଣ ? ଆଦରର ଯୁବପିଢ଼ି ଟିକେ ସୁସ୍ଥ ମନରେ ବିଚାର କରନ୍ତୁ ତ, ପ୍ରେମ ଯଦି ଶାଶ୍ୱତ ହୁଏ, ଭଲ ପାଇବାରେ ଯଦି କଳଙ୍କ ନ ଥାଏ , ପରସ୍ପର ଭିତରେ ଯଦି ମନକୁ ମନ ମିଶୁଥାଏ ତେବେ ଏଇ ଲୋକ ଦେଖାଣିଆ 'ପ୍ରେମ ଦିବସ' ର ଆବଶ୍ୟକତା ରହିଲା କେଉଁଠି ? ସନାତନ ଧର୍ମରେ ମଧ୍ୟ ଅନେକ ମୁନିରଷି ଅନେକ ଅଲୌକିକ କାର୍ଯ୍ୟକରି ଯାଇଛନ୍ତି କାହିଁ ତାଙ୍କ ପାଇଁ ତ ଦିନଟିଏ ଆମେ ଚିନ୍ତା କରୁନାହୁଁ ବା ତାଙ୍କ ନାମରେ ଦିନଟିଏ ପାଳନ କରୁନାହୁଁ ? ସନାତନ ଧର୍ମ ପାଇଁ ସ୍ୱାମୀ ବିବେକାନନ୍ଦଙ୍କ ଅବଦାନ କ'ଣ ଭୁଲି ହେବ ? ତେବେ ନିଜ ସଂସ୍କୃତିକୁ ଜଳାଞ୍ଜଳି ଦେଇ ସେଣ୍ଟ ଭାଲେଣ୍ଟାଇନ୍‌ଙ୍କ ପାଇଁ ବନ୍ଧୁଗଣ ଏତେ ପାଗଳ କାହିଁକି ହେଉଛ ? ଭଲପାଇବା କିଛି ଖରାପ ନୁହେଁ, ପ୍ରେମ ପାପ ନୁହେଁ, ତାଜମହଲ ଗଢ଼ିଥିବା ସାହାଜାହାନ୍ ମଧ୍ୟ ପ୍ରେମର ପ୍ରତୀକ ଛାଡ଼ି ଯାଇଛନ୍ତି ଯାହାକି ଆଜି ବିଶ୍ୱରେ ସପ୍ତାଶ୍ଚର୍ଯ୍ୟ ଭିତରୁ ଏକ ସ୍ମାରକୀ ରୂପେ ଭାରତ ବର୍ଷର ଆଗ୍ରା ସହରରେ ସଗର୍ବେ ଦଣ୍ଡାୟମାନ । ଏହା ପଛର କରୁଣ କାହାଣୀ ଆଜି ମଧ୍ୟ ଅନେକ ଲୋକ ଜାଣି ନାହାନ୍ତି ଧଳା ଶଙ୍ଖ ମର୍ମର ପ୍ରସ୍ତରର ପଛପଟ କଳା ଇତିହାସ ଅତୀବ କରୁଣ ତଥା ହୃଦୟସ୍ପର୍ଶୀ । ଗଣତନ୍ତ୍ର ଶାସନରେ ସମସ୍ତେ ନିଜ ବୁଦ୍ଧି ବିବେକ ଖଟାଇ କାର୍ଯ୍ୟ କରିବା ଉଚିତ, ସମସ୍ତଙ୍କର ସାମ୍ବିଧାନିକ ଅଧିକାର ଅଛି ।

ଆମ ସମାଜରେ ବର୍ତ୍ତମାନ ଯୁବ ପିଢ଼ି କି ପ୍ରକାର ପ୍ରେମ କରୁଛନ୍ତି ତାହା ବ୍ୟାଖ୍ୟା କରିବାର ସମୟ ଉପନୀତ, ଅନ୍ୟଥା ଭବିଷ୍ୟତରେ ଏହାର ବିଷମ ପରିଣତି ନିମନ୍ତେ ପିତା ମାତା, ଗୁରୁଜନ, ସମାଜ ସୁଧାରକ ତଥା ଧର୍ମ ରକ୍ଷକମାନେ ହିଁ ଦାୟୀ ରହିବେ । ସମସ୍ତଙ୍କୁ ଏତିକି ଅନୁରୋଧ ଭାରତୀୟ ପରମ୍ପରା ଏବଂ ସଂସ୍କୃତିକୁ ଜଳାଞ୍ଜଳି ଦିଅନ୍ତୁ ନାହିଁ କିମ୍ବା ସନାତନ ଧର୍ମକୁ ହତାଦର କରନ୍ତୁ ନାହିଁ । ଛାଡ଼ନ୍ତୁ । ନାନା ମୁନିଙ୍କ ନାନା ମତ ।

କଟକ, ମୋ: ୯୯୩୭୧୭୪୦୯୭

# ଝିଅଙ୍କ ବିବାହରେ ନିଜର ମତ: ଏକ ସାମାଜିକ ଏବଂ ଆଇନଗତ ବିଶ୍ଳେଷଣ

**ବନ୍ଦନା ପଣ୍ଡା**

ଆମ ପରିବାରଗୁଡ଼ିକରେ ଝିଅମାନେ ଅମେରୁଦଣ୍ଡୀ ହୋଇପଡ଼ିବାର ମୂଳ କାରଣ ହେଉଛି, ସେମାନେ ପ୍ରାୟତଃ ଅଶିକ୍ଷିତ ରୁହନ୍ତି ଓ ସେମାନଙ୍କର ରୋଜଗାରର କ୍ଷମତା ନଥାଏ। ଝିଅଟିଏ ଆର୍ଥିକ ଭାବେ ନିର୍ଭରଶୀଳ ହୋଇପଡୁଥିବାରୁ, ତା ନିଜର ନିଷ୍ପତ୍ତି ନେବାର କ୍ଷମତା ପ୍ରାୟ ଅପହୃତ ହୋଇଯାଇଥାଏ। ବାପା ମାଆ ତାକୁ ଅନେକ କଷ୍ଟରେ ଲାଳନପାଳନ କରି ବଡ଼ କରିଛନ୍ତି ବୋଲି କହି ଝିଅଟିକୁ ମାନସିକ ଭାବେ ଦୁର୍ବଳ କରିଦିଅନ୍ତି। ଏଭଳି ସ୍ଥଳେ ଝିଅଙ୍କ ପାଇଁ ଥିବା ସରକାରୀ ଯୋଜନାଗୁଡ଼ିକ ବେଶ୍ ସହାୟକ ହୋଇପାରିବ। ଓଡ଼ିଶାରେ ଝିଅଙ୍କ ପାଇଁ ଥିବା ସରକାରୀ ଯୋଜନାଗୁଡ଼ିକ ତାଙ୍କୁ ଆର୍ଥିକ ଭାବେ ସୁଦୃଢ଼ କରିପାରିବ। ଫଳରେ ଏହାର ଉପଯୋଗ କରି ଝିଅମାନେ ସଶକ୍ତ ହୋଇପାରିବେ ଓ ନିଜ ଜୀବନସାଥୀ ବାଛିବାକୁ ନିଷ୍ପତ୍ତି ନେଇପାରିବେ।

ଝିଅର ମତ ନ ନେଇ (ଅର୍ଥାତ୍ ବାଧ୍ୟତାମୂଳକ ବା ଅବାଞ୍ଛିତ ଭାବରେ) ତାଙ୍କର ବାହାଘର କରିବା ଦ୍ୱାରା ଅନେକ ଗମ୍ଭୀର ଅସୁବିଧା ସୃଷ୍ଟି ହୋଇଥାଏ। ଏହା କେବଳ ଝିଅର ବ୍ୟକ୍ତିଗତ ଜୀବନକୁ ପ୍ରଭାବିତ କରେ ନାହିଁ, ବରଂ ତା'ର ମାନସିକ, ଶାରୀରିକ, ସାମାଜିକ ଏବଂ ଆର୍ଥିକ ସ୍ଥିତିକୁ ମଧ୍ୟ ଦୀର୍ଘକାଳୀନ ଭାବରେ କ୍ଷତି ପହଞ୍ଚାଇଥାଏ। ଭାରତ ଓ ଓଡ଼ିଶାରେ ଏହି ପ୍ରଥା ବହୁଳ ପରିମାଣରେ ଦେଖାଯାଏ, ଯାହା ଘରୋଇ ହିଂସା, ମାନସିକ ସ୍ୱାସ୍ଥ୍ୟ ସମସ୍ୟା ଏବଂ ଅନ୍ୟାନ୍ୟ ଜଟିଳତା ସୃଷ୍ଟି କରିଥାଏ। ନିମ୍ନରେ ଏହାର ପ୍ରମୁଖ ଅସୁବିଧାଗୁଡ଼ିକୁ ବିସ୍ତୃତ ଭାବରେ ବର୍ଣ୍ଣନା କରାଗଲା। ଅସହମତିରେ ବିବାହ ଦ୍ୱାରା ଝିଅମାନେ ପ୍ରାୟତଃ ଡିପ୍ରେସନ୍ ବା ଅବସାଦରେ ରହିଥାନ୍ତି। ସେମାନଙ୍କ ଭିତରେ ଉଦ୍‌ବେଳନ ଓ ଭୟମିଶ୍ରିତ ଚିନ୍ତା ବୃଦ୍ଧି ପାଇଥାଏ। ସେମାନେ ପୋଷ୍ଟ-ଟ୍ରମାଟିକ୍ ଷ୍ଟ୍ରେସ୍ ଡିସଅର୍ଡର ଭଳି ଗମ୍ଭୀର ମାନସିକ ସମସ୍ୟାରେ ପଡ଼ନ୍ତି। ଅନେକ ଅଧ୍ୟୟନରେ ଦେଖାଯାଇଛି ଯେ, ଅସହମତିରେ ବା ଇଚ୍ଛା ବିରୋଧରେ ବିବାହ କରିଥିବା ମହିଳାଙ୍କ ମଧ୍ୟରେ ଦୁଇ-ତୃତୀୟାଂଶରୁ ଅଧିକ ଅବସାଦ ଓ ଦୁଃଶ୍ଚିନ୍ତାରେ ପୀଡ଼ିତ ହୁଅନ୍ତି। ଅନେକ ଝିଅଙ୍କ ମନକୁ ଆତ୍ମହତ୍ୟା ପରି ଭୟଙ୍କର ଚିନ୍ତା ଆସିଥାଏ। କେତେକ ସ୍ଥଳରେ ସେମାନେ ନିଜକୁ ଆଘାତ ଦିଅନ୍ତି କିମ୍ବା ନିଶା ଆସକ୍ତିରେ ପଡ଼ନ୍ତି। ଭାରତର ଗ୍ରାମାଞ୍ଚଳରେ ଏଭଳି ମାନସିକ ଚାପ ଅଧିକ ଦେଖାଯାଏ, ଯେଉଁଠାରେ ସହାୟତା ପ୍ରାପ୍ତି କଷ୍ଟକର।

ଯେଉଁ ବିବାହରେ ଝିଅର ସମ୍ମତି ନ ଥାଏ, ସେଠାରେ ଘରୋଇ ହିଂସା (ଶାରୀରିକ, ମାନସିକ ଓ ଯୌନ ହିଂସା)ର ଆଶଙ୍କା ବହୁତ ଅଧିକ ହୁଏ। ଅଧ୍ୟୟନ କହୁଛି ଯେ, ଏଭଳି ବିବାହ କରିଥିବା ମହିଳାମାନେ ସାଧାରଣ ବିବାହ ଅପେକ୍ଷା ଦୁଇରୁ ଅଧିକ ଗୁଣ ଅଧିକ ହିଂସାର ଶିକାର ହୁଅନ୍ତି। ଓଡ଼ିଶାରେ ମଧ୍ୟ ଏହି ପ୍ରବଣତା ଦେଖାଯାଏ, ଯେଉଁଠାରେ ପାରମ୍ପରିକ ବିବାହ ପ୍ରଥା ହେତୁ ଝିଅର ମତାମତ ଉପେକ୍ଷା କରାଯାଏ। ଯୌନ ହିଂସା ମଧ୍ୟ ସାଧାରଣ ହୋଇଥାଏ, ଯାହା ଝିଅର ଶାରୀରିକ ସ୍ୱାସ୍ଥ୍ୟକୁ କ୍ଷତି ପହଞ୍ଚାଇଥାଏ।

ଅଳ୍ପ ବୟସରେ କିମ୍ବା ଅବାଞ୍ଛିତ ବିବାହରେ ଗର୍ଭବତୀ ହେବା ଦ୍ୱାରା ମାତୃମୃତ୍ୟୁ, ଅକାଳ ପ୍ରସବ, ଶିଶୁ ମୃତ୍ୟୁ ଏବଂ ଅନ୍ୟାନ୍ୟ ପ୍ରଜନନ ସମସ୍ୟା ବଢ଼ିଥାଏ। ଝିଅମାନେ ଗର୍ଭନିରୋଧକ ବ୍ୟବହାର କରିବାରେ ସକ୍ଷମ ହୁଅନ୍ତି ନାହିଁ, ଯାହା ଅଯାଚିତ ଗର୍ଭଧାରଣ ଏବଂ ଅସୁରକ୍ଷିତ ଗର୍ଭପାତର ଆଶଙ୍କା ବଢ଼ାଇଥାଏ। ଦୀର୍ଘକାଳୀନ ହିଂସା ଯୋଗୁଁ ଆଘାତ, ଦୀର୍ଘସ୍ଥାୟୀ ରୋଗ ଏବଂ ସାଧାରଣ ସ୍ୱାସ୍ଥ୍ୟ ଖରାପ ହୋଇଥାଏ। ଏଭଳି ବିବାହରେ ଝିଅ ନିଜର ନୂଆ ପରିବାରରେ ଅଭ୍ୟସ୍ତ ହୋଇପାରନ୍ତି ନାହିଁ, ଯାହା ଏକାକୀତ୍ୱ, ସାମାଜିକ ବିଚ୍ଛିନ୍ନତା ଏବଂ ଆତ୍ମସମ୍ମାନର ହ୍ରାସ ବଢ଼ାଇଥାଏ। ଅନେକ ସମୟରେ ବିବାହ ବିଚ୍ଛେଦ, ତଲାକ ହୋଇଥାଏ, ଯାହା ସମାଜରେ ଝିଅକୁ ଅଧିକ ସମସ୍ୟାରେ ପକାଇଥାଏ। ପିଲା ଜନ୍ମ ହେଲେ ତାର ଅଭିଭାବକତ୍ୱ ଏବଂ ଅଧିକାର ଉପରେ ବିବାଦ ସୃଷ୍ଟି କରିଥାଏ। ବାହାଘର ପରେ ଝିଅମାନେ ପ୍ରାୟତଃ ପଢ଼ାପଢ଼ି ଛାଡ଼ିଦିଅନ୍ତି, ଯାହା ସେମାନଙ୍କର ଆର୍ଥିକ ସ୍ୱାଧୀନତାକୁ କମାଇଥାଏ। ସେମାନେ ପରିବାର ଉପରେ ନିର୍ଭରଶୀଳ ହୋଇପଡ଼ନ୍ତି, ଯାହା ହିଂସାରୁ ମୁକ୍ତି ପାଇବାରେ କଷ୍ଟକର ହୋଇଥାଏ। ଏହା ଦୀର୍ଘକାଳୀନ ଭାବରେ ପରିବାର ଏବଂ ସମାଜର ବିକାଶକୁ ବାଧା ଦିଏ।

ଓଡ଼ିଶାରେ ଏହି ସମସ୍ୟା ବିଶେଷକରି ଗ୍ରାମାଞ୍ଚଳରେ ଅଧିକ, ଯେଉଁଠାରେ ଶିକ୍ଷାର ଅଭାବ ଏବଂ ପାରମ୍ପରିକ ମୂଲ୍ୟବୋଧ ଏହାକୁ ପ୍ରୋତ୍ସାହିତ କରିଥାଏ। ଆଇନଗତ ଭାବରେ ଏହା ଅପରାଧ। ଝିଅର ମତ ନ ନେଇ ବାହାଘର କରିବା ଦ୍ୱାରା ତାହା ପରୋକ୍ଷ ହିଂସା, ମାନସିକ ଯନ୍ତ୍ରଣା ଏବଂ ଅଧିକାର ହରଣର କାରଣ ହୋଇଥାଏ। ଏହାକୁ ରୋକିବା ପାଇଁ ଶିକ୍ଷା, ସଚେତନତା ଏବଂ ଝିଅଙ୍କର ସ୍ୱାଧୀନ ନିଷ୍ପତ୍ତିକୁ ସମ୍ମାନ ଦେବା ଅତ୍ୟନ୍ତ ଜରୁରୀ। ପରିବାର ଏବଂ ସମାଜ ଏହି ପରିବର୍ତ୍ତନରେ ମୁଖ୍ୟ ଭୂମିକା ନେବା ଆବଶ୍ୟକ। (ଶେଷ ଭାଗ)

ଭୁବନେଶ୍ୱର,ଲୁମ୍ବିନୀ ବିହାର

# 'କଳାହଂସ'ରେ ଅଦୃଶ୍ୟ କୃଷି ଓ ବୈଷୟିକ ଶିକ୍ଷା ଉତ୍କର୍ଷ

**ଡ.ବିମଳ ଷଡଙ୍ଗୀ**

> କନଫରେନ୍ସରେ କେବଳ କୃତ୍ରିମ ବୁଦ୍ଧିମତ୍ତା, ଇନସୁରଟେକ୍, ଓ ଡିଜିଟାଲ୍ ଫାଇନାନ୍ସ ଭଳି ନୂତନ ପ୍ରଯୁକ୍ତିଗୁଡ଼ିକ ଆଗାମୀ ଯୁଗରେ ବିକାଶରେ ଅପରିହାର୍ଯ୍ୟ ଭୂମିକା ନେଇପାରିବ ତା ବିଷୟରେ ଆଲୋଚନା ହୋଇଥିଲା । ଠିକ୍ ଯେପରି ୧୯୯୧ ମସିହାରେ କମ୍ପ୍ୟୁଟର ଯୁଗ ଆସିବା ପୂର୍ବରୁ ଦେଶର ବେକାରି , ବେରୋଜଗାରି ,ପୋଷଣଯୁକ୍ତ ଖାଦ୍ୟ ,ପରିବେଶ ,ଦେଶର ଆର୍ଥିକ ,ସାମାଜିକ ଆଦି ସମସ୍ତ ବ୍ୟବସ୍ଥା ସୁଧୁରିଯିବାର ବଡ ସ୍ୱପ୍ନ ଦେଖିବା କମ୍ପ୍ୟୁଟରୀକରଣ ସ୍ୱାଦ ଅତ୍ୟନ୍ତ ମଧୁର ବୋଲି ଦେଶବାସୀ ଭାବିଥିଲେ ଯାହା କେତେକାଂଶରେ ସତ୍ ହୋଇପାରେ।

ସାଧାରଣ ଜୀବନରେ ଅନେକ ଅଦେଖା ଘଟଣା ଦୈନନ୍ଦିନ ଜୀବନକୁ ଝଡପରି ପ୍ରବେଶ କରି ଆମକୁ ଅସ୍ତବ୍ୟସ୍ତ କରିପାରେ। ତେଣୁ ସବୁ ସମୟରେ ଅଜଣା ଦୁର୍ଘଟଣାଗୁଡିକୁ ବହୁପୂର୍ବରୁ ଅନୁମାନ କରି ସେଗୁଡିକୁ ଧୈର୍ଯ୍ୟର ସହକାର ସାମ୍ନା କରିବାକୁ ଆମକୁ ଆଗୁଆ ଉପାୟ ପ୍ରସ୍ତୁତ କରବାକୁ ପଡିବ । ୧୬୯୭ ମସିହାରେ ଡଚ୍ ନାବିକମାନେ ଅଷ୍ଟ୍ରେଲିଆରେ କଳା ହଂସ ବା 'ବ୍ଲାକ୍ ସ୍ୱାନ'କୁ ଆବିଷ୍କାର କରିବା ପୂର୍ବରୁ ତାର କୌଣସି ଅସ୍ତିତ୍ୱରେ ନ ଥିଲା କାରଣ,ସାଧାରଣତଃ ହଂସର ରଙ୍ଗ ଧଳା । ତେଣୁ ଗୋଟିଏ ସଂକେତ ଭାବରେ ପ୍ରସିଦ୍ଧ ଚିନ୍ତକ ଓ ଅର୍ଥନୀତିଜ୍ଞ ନାସିମ ନିକୋଲାସ ତାଲେବ ୨୦୦୭ ମସିହାରେ ନିଜ ପୁସ୍ତକ 'ଦି ବ୍ଲାକ୍ ସ୍ୱାନ' ରେ ଏହାର ଅର୍ଥକୁ ସଂପୂର୍ଣ୍ଣ ଭାବରେ ବ୍ୟାଖ୍ୟା କରିଥିଲେ।'ବ୍ଲାକ୍ ସ୍ୱାନ୍' ଅର୍ଥ ଏମିତି ଗୋଟିଏ ଘଟଣା ଯାହାକୁ ଅପେକ୍ଷା କରାଯାଏ ନାହିଁ ମାତ୍ର ତାହାର ପ୍ରଭାବ ଅତ୍ୟନ୍ତ ଗମ୍ଭୀର ଏବଂ ଘଟଣାଟି ସଂଘଟିତ ହେବାପରେ ଲୋକେ ତାହାକୁ ବ୍ୟାଖ୍ୟା କରିବାକୁ ଚେଷ୍ଟା କରନ୍ତି। ଉଦାହରଣ ସ୍ୱରୂପ କୋଭିଡ୍-୧୯ ମହାମାରୀ, ୨୦୦୮ ମସିହାର ଭାରତର ଆର୍ଥିକ ସଙ୍କଟ, ଆତଙ୍କବାଦୀ ଆକ୍ରମଣ, ଉତ୍କଟ ବେକାରି,ଖାଦ୍ୟାଭାବ,ଶିକ୍ଷା ଓ ବୈଷୟିକ ଶିକ୍ଷାର ଅଧୋପତନ ବା ମୁଦ୍ରାସ୍ଫୀତି ଭଳି ସମସ୍ୟା ଉତ୍କଟ ହେବାପରେ ଜନ ଆନ୍ଦୋଳନ ସୃଷ୍ଟି ହୋଇଥାଏ ଓ ପରେ ସେଗୁଡିକର କାରଣ ଖୋଜାହୁଏ ।

'ବ୍ଲାକ୍ ସ୍ୱାନ୍ କନଫରେନ୍ସ' ହେଉଛି ଏକ ବିଶେଷ ଆଲୋଚନା ମଞ୍ଚ, ଯେଉଁଠାରେ,ନୀତି ନିର୍ମାତା, ବୈଜ୍ଞାନିକ,ଅର୍ଥନୀତିଜ୍ଞ,ସୁରକ୍ଷା ବିଶେଷଜ୍ଞ, ବୈଷୟିକ ଜ୍ଞାନନିପୁଣ ବ୍ୟକ୍ତି ମିଳିତ ଭାବରେ ବର୍ତ୍ତମାନର ସାମାଜିକ,ଆର୍ଥିକ, ପରିବେଶୀୟ,ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ବେକାରି,ଦୁର୍ନୀତି, କୃତ୍ରିମ ବୁଦ୍ଧିମତ୍ତାର ପ୍ରଭାବ ଆଦିରୁ ଆଗତ ଅସ୍ଥିରତାକୁ ପ୍ରତିହତ କରିବା ସହିତ ଭବିଷ୍ୟତର ସାମ୍ଭାବ୍ୟ ପରିସ୍ଥିତିକୁ ସାମ୍ନା କରିବା ତଥା ଦେଶ ଓ ରାଜ୍ୟର ଭବିଷ୍ୟତବର୍ଗଙ୍କୁ ସୁରକ୍ଷିତ ରଖିବାର ପଥ ଉନ୍ମୋଚନ କରିବା ଉପରେ ଚର୍ଚ୍ଚା କରି ନୀତି ନିର୍ଦ୍ଧାରକ ଏବଂ ସରକାରଙ୍କୁ ସଚେତନ କରାନ୍ତି । ୨୦୨୬ ମସିହା ଫେବୃଆରୀ ୫ରୁ୬ତାରିଖ ଦୁଇଦିନ ଧରି ଓଡ଼ିଶା ସରକାର ଏବଂ ଗ୍ଲୋବାଲ୍ ଫାଇନାନ୍ସ ଆଣ୍ଡ୍ ଟେକ୍ନୋଲୋଜି ନେଟୱାର୍କ ମିଳିତ ସହାୟତାରେ ,ଏକ ତାରକା ହୋଟେଲରେ ଆୟୋଜିତ ଏହି ସମ୍ମିଳନୀ ୨୪ଟି ଦେଶରୁ୧୭୦୦ଜଣରୁ ଅଧିକ ପ୍ରତିନିଧି ଏବଂ ପାଞ୍ଚଟି ମହାଦେଶରୁ ପ୍ରାୟ ୧୦୦ଜଣ ବକ୍ତାଙ୍କୁ ଏକତ୍ରିତ କରିଥିଲା। ଏହାର ଲକ୍ଷ୍ୟ ଥିଲା ଓଡ଼ିଶାକୁ କୃତ୍ରିମ ବୁଦ୍ଧିମତ୍ତାର ପ୍ରୟୋଗ ଯୋଗୁଁ ଏକ ସକ୍ଷମ ଆର୍ଥିକ ବ୍ୟବସ୍ଥା, ଫିନଟେକ ଏବଂ ଇନସୁର ଟେକ,ଡିଜିଟାଲ୍ ପବ୍ଲିକ୍ ଭିତ୍ତିଭୂମି ଏବଂ ବୃହତ୍ ପରିମାଣର ନିଯୁକ୍ତି ସୃଷ୍ଟି ଉପରେ ଧ୍ୟାନ କେନ୍ଦ୍ରିତ କରିବା ସହିତ ନିୟନ୍ତ୍ରିତ ଡିଜିଟାଲ୍ ଆର୍ଥିକ ଏବଂ ସ୍ଥାୟୀ ନିଯୁକ୍ତି ସୃଷ୍ଟିର ଏକ କେନ୍ଦ୍ର ଭାବରେ ଓଡିଶାକୁ ସ୍ଥାନିତ କରିବା । ସମ୍ମିଳନୀର ଫଳାଫଳରେ ବଜାଜ ଜେନେରାଲ୍ ଇନ୍‌ସୁରାନ୍ସ, ଆଡଭାଞ୍ଚେ ଟେକ୍, ସ୍ୱାଇସ୍ ମନି, ସିମ୍ପୋ ଇନସୁର୍ଟେକ୍ ଏବଂ ଏନଟି ଇଣ୍ଟରନ୍ୟାସନାଲ୍ ଭଳି କମ୍ପାନୀଗୁଡ଼ିକ ସହିତ ଏମଓୟୁ ସ୍ୱାକ୍ଷରିତ ହୋଇଥିଲା, ଯାହା ନବସୃଜନ ଏବଂ ମହିଳା ଉଦ୍ୟୋଗ ପ୍ରତି ଓଡ଼ିଶାର ପ୍ରତିବଦ୍ଧତାକୁ ସୁଦୃଢ଼ କରିବାର ଆଶା ସୃଷ୍ଟି କରିଛି ବୋଲି ସେଠାରେ ପ୍ରକାଶ ପାଇଥିଲା । ସମ୍ମିଳନୀରେ ମୁଖ୍ୟ ଅତିଥି ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମାନବ ପୁଞ୍ଜିରେ ଗୁରୁତ୍ୱପୂର୍ଣ୍ଣ ନିବେଶ ଭାବରେ ଦକ୍ଷତା ବିକାଶ, ବିଶ୍ୱସ୍ତରୀୟ ଦକ୍ଷତା କେନ୍ଦ୍ର ପ୍ରତିଷ୍ଠା ଏବଂ ନବସୃଜନ କ୍ଷମତାକୁ ସୁଦୃଢ଼ କରିବାରେ ଗୁରୁତ୍ୱାରୋପ କରିଥିଲେ। ଶିଖର ସମ୍ମିଳନୀରୁ ଉପୁଜିଥିବା ଆଲୋଚନା ଏବଂ ସହଯୋଗ ଓଡ଼ିଶା, ଭାରତ ଏବଂ ବିଶ୍ୱ ଉପରେ ଏକ ପରିବର୍ତ୍ତନକାରୀ ପ୍ରଭାବ ପକାଇବ ବୋଲି ଆଶା କରାଯାଉଛି ବୋଲି ଆୟୋଜକ ଓ ସରକାର ଉଭୟ ମତବ୍ୟକ୍ତ କରିଛନ୍ତି ,ଯାହା ସ୍ୱାଗତଯୋଗ୍ୟ।

ସେହିପରି ସ୍ୱାଧୀନତା ସମୟରେ ଦେଶ ପାଖାପାଖି,(ଦୁଇହଜାର ତିନିଶହ ବତିଶ)୨୩୩୨.୦୦ କୋଟିର ଋଣଭାରରେ ଥିବା ବେଳେ ବର୍ତ୍ତମାନ ପାଖାପାଖି , (ଅଡଷଠିହଜାର ଲକ୍ଷ) ୬୮,୦୦,୦.୦୦ଲକ୍ଷ କୋଟି ଟଙ୍କା ବିଦେଶୀ ଋଣଭାରରେ ବୁଡିରହିଛି । ଦେଶର ଖଣିଜ ସମ୍ପଦର ଅତ୍ୟଧିକ କ୍ଷୟ,ଲୁପ୍ତପ୍ରାୟ ଦେଶୀୟ ଜ୍ଞାନକୌଶଳ, ଅସ୍ତବ୍ୟସ୍ତ ପରିବେଶ ଆଦି ଅନେକ ଘଟଣାରେ ବିକଶିତ । ଯାହା ଏହି ସମ୍ମଳନୀର ବିଷୟ ବସ୍ତୁରେ ମୁଖ୍ୟ ଆଲୋଚନା ଭାବରେ ସ୍ଥାନିତ ହୋଇଥିଲେ ଆଗାମୀ ପିଢିର ଜୀବନ ନିର୍ବାହ ଅଧିକ ସୁରକ୍ଷିତ ହୋଇପାରିଥାଆନ୍ତା ବୋଲି ଅନୁମେୟ । ବ୍ଲାକ୍ ସ୍ୱାନ୍ କନଫରେନ୍ସର ପ୍ରମୁଖ ଉଦ୍ଦେଶ୍ୟ, ଅପରିକଳ୍ପିତ ବିପଦଗୁଡିକର ପୂର୍ବାନୁମାନ କରିବା ସହିତ ଏହା ମାଧ୍ୟମରେ ଦେଶ ଓ ସଂସ୍ଥାମାନେ ଆଗରୁ ସତର୍କ ହୋଇ ସମାଜହିତ ପାଇଁ ନିଜକୁ ପ୍ରସ୍ତୁତ ରଖିବା ଏବଂ ସେଥିପାଇଁ ଯୋଜନା ତିଆରି କରିବା । ନୀତି ଗଠନରେ ସହାୟତା,ସରକାର ଓ ଅନ୍ତର୍ଜାତୀୟ ସଂଗଠନମାନେ ଏହି ଆଲୋଚନାରୁ ଶିକ୍ଷା ନେଇ ଆର୍ଥିକ, ସୁରକ୍ଷା, ପରିବେଶ, ସ୍ୱାସ୍ଥ୍ୟ,ଶିକ୍ଷା,ଗମନାଗମନ ,କୃଷି ଆଦିର ବିକାଶ ପାଇଁ ନୀତି ଗଠନ କରନ୍ତି। ଏହି କନଫରେନ୍ସ ମାଧ୍ୟମରେ ଦେଶମାନଙ୍କୁ ମିଳିମିଶି କାମ କରିବାକୁ ମଧ୍ୟ ପ୍ରେରଣା ମିଳିଥାଏ ।

କୃତ୍ରିମ ବୁଦ୍ଧିମତ୍ତାର କାୟା , ସାଇବର ଅପରାଧ ସହିତ ଓଡିଶାରେ ମୁଣ୍ଡ ଟେକିଥିବା ନଷ୍ଟ ପ୍ରାୟ ବୈଷୟିକ ଶିକ୍ଷାର କାୟା,ବିପର୍ଯ୍ୟସ୍ତ ସାଧାରଣ ଶିକ୍ଷା,ନଷ୍ଟ ପ୍ରାୟ ଦେଶୀୟ ଜୈବିକ କୃଷି ପଦ୍ଧତି,ସ୍ୱଚ୍ଛ ପାନୀୟ ଜଳର ଅଭାବ ,ଦୁଷ୍ପ୍ରାପ୍ୟ ସୁଷମ ଖାଦ୍ୟ, ଗୋପାଳନ, ଜୈବ ବିବିଧତା ,ସୁସ୍ଥ ପରିବେଶ ଭଳି କ୍ଷେତ୍ରରେ ସମ୍ଭାବ୍ୟ ବିପଦ ଓ ସୁଯୋଗ ଉପରେ ଆଲୋଚନାକୁ ବୃଦ୍ଧି କରିଥିଲେ କନଫରେନ୍ସଟି ଆହୁରି ଉପଯୋଗୀ ହୋଇପାରିଥାଆନ୍ତା । କାରଣ ବୈଷୟିକ ଶିକ୍ଷା ହେଉଛି ଯୁବକମାନଙ୍କୁ ନୂଆ ଜ୍ଞାନକୌଶଳ ଦ୍ୱାରା ସମୃଦ୍ଧ କରିବାର ଏକମାତ୍ର ମାଧ୍ୟମ । ମାତ୍ର ରାଜ୍ୟରେ ଛତୁ ଫୁଟିବାପରି ଘରୋଇ ବୈଷୟିକ ଅନୁଷ୍ଠାନ ଗୁଡିକରେ ବିନା ଭିତ୍ତିଭୂମି ଓ ଛଦ୍ମ ଶିକ୍ଷକ ତଥା ସେଗୁଡିକୁ ସୁରକ୍ଷା ଦେଉଥିବା ରାଜ୍ୟର ଏକମାତ୍ର ବିଶ୍ୱବିଦ୍ୟାଳୟର ତୁରନ୍ତ ପରୀକ୍ଷା ଫଳ ପ୍ରକାଶନ ମାଧ୍ୟମରେ ପ୍ରଚାର ସର୍ବସ୍ୱ ଚିନ୍ତାଧାରା ଦ୍ୱାରା କେବଳ ପ୍ରମାଣପତ୍ର ପ୍ରଦାନ ମାଧ୍ୟମରେ ରାଜ୍ୟର ବୈଷୟିକ ଶିକ୍ଷାର୍ଥୀ ଆଜି ନାସକମ ଦ୍ୱାରା ଅନୁପଯୁକ୍ତ ବୋଲି ବିବେଚନା ହେବାପରେ ମଧ୍ୟ ଆମର ବ୍ୟବସ୍ଥା ଏହି ସମସ୍ୟାକୁ ଅଣଦେଖା କରିବା ଘୋର ଅନୁତାପର ବିଷୟ । ସେହିପରି ସାଧାରଣ ଶିକ୍ଷା ବ୍ୟବସ୍ଥାର ଘରୋଇକରଣ ଆଜି ଶିକ୍ଷା ଅଧିକାରକୁ ଅପହରଣ କରିଥିବାର ମନେହୁଏ । ପାନୀୟ ଜଳର ଅଭାବ , ଭୂତଳ ଜଳ ସ୍ତରର ସୁରକ୍ଷା ,ଖଣ୍ଡାଧାର ପରି ପ୍ରାକୃତିକ ଓ କୃତ୍ରିମ ଜଳୀୟ ଉତ୍ସର ସୁରକ୍ଷା ସହିତ ନଦୀଜଳର ସୁରକ୍ଷା ଆଜି ଏକ ଗମ୍ଭୀର ସମସ୍ୟା ଭାବରେ ଉଭା । ସୌର,ଅଟୋମୋବାଇଲ,ବୈଦ୍ୟୁତିକ ,ଡିଜିଟାଲ ,ମେଡିକାଲ,ରାସାୟନିକ,ପ୍ଲାଷ୍ଟିକ ଆଦି ବର୍ଜ୍ୟ ବସ୍ତୁର ପରିଚାଳନା ଆଜି ବିଶ୍ୱ ଏବଂ ଓଡ଼ିଶା ଭବିଷ୍ୟତ ପାଇଁ ଆଉ ଗୋଟିଏ ଗମ୍ଭୀର ସମସ୍ୟା ଯାହାକୁ ଅଣଦେଖା କରିବା ,ଉତ୍କର୍ଷ ଓଡିଶା ନିର୍ମାଣରେ ବାଧକ ହୋଇପାରେ । ଜୈବିକ କୃଷି ,ଗୋପାଳନ ଆଦି ବୃତ୍ତିର ପୁନଃ ଉତ୍ଥାନ ସହିତ ରାସାୟନିକ ସାର ପୋକମରା ଔଷଧର ସ୍ୱଳ୍ପ ବ୍ୟବହାର ଓ ମୃତ୍ତିକାର ଗୁଣବତ୍ତା ବୃଦ୍ଧି ସହିତ ବଳଦଗାଡି ,ହଳଲଙ୍ଗଳରେ ବୈଷୟିକ ଜ୍ଞାନ କୌଶଳର ସହଭାଗିତା ଆଜିର କୃତ୍ରିମ ବୁଦ୍ଧିମତ୍ତା ଯୁଗରେ ଅଦୃଶ୍ୟ ,କାରଣ ଆମେ ଉପରେ ଭାସି କେବେଳ ବିଦେଶୀ ଦ୍ରବ୍ୟର ବହୁଳ ବିକ୍ରି ସହିତ ସେମାନଙ୍କୁ ତୁଷ୍ଟ କରିବାରେ ବ୍ୟସ୍ତହେଲେ ଓଡିଶାର ଭାଗ୍ୟର ବି ଅସ୍ତମିତ ହୋଇପାରେ। ଓଡିଶାର ବେକାରି ସମସ୍ୟା ଉତ୍କଟ ,ପୋଷଣ ଯୁକ୍ତ ଖାଦ୍ୟର ଅଭାବ ,ପରିବେଶ,ସ୍ୱାସ୍ଥ୍ୟ ସେବା ,ଗମନାଗମନ ଆଦି ସମସ୍ୟାର ଗମ୍ଭୀରତା ଆମକୁ ବିଚଳିତ କରିଥିଲେ ହୁଏତ ଏହି ବ୍ଲାକ୍ ସ୍ୱାନ୍ ସମ୍ମିଳନୀର ଆଲୋଚନା ଉତ୍ତମ ଭବିଷ୍ୟତ ନକ୍ସା ପ୍ରସ୍ତୁତି କରିବାରେ ସହାୟକ ହୋଇପାରିଥାଆନ୍ତା ।

କାରଣ କମ୍ପ୍ୟୁଟରୀ କରଣପରେ କୃତ୍ରିମ ବୁଦ୍ଧିମତ୍ତା ଓ ତା ପରେ ଆଉ କିଛି ପରିବର୍ତ୍ତନ ଆସିପାରେ ମାତ୍ର ଇତିହାସର ତଥ୍ୟ ଅନୁସାରେ ଭାରତ ତଥା ଓଡିଶାରେ କୃତ୍ରିମ ବୁଦ୍ଧିମତା ସହିତ ଦେଶୀୟ ଜ୍ଞାନକୌଶଳର ସଂଯୋଗୀକରଣ ଏବଂ କୃଷି ଓ ଉତ୍କର୍ଷ ବୈଷୟିକଶିକ୍ଷା,ପ୍ରାକୃତିକ ସଂସାଧନର ସୁରକ୍ଷା ,ସାଧାରଣ ଶିକ୍ଷାର ଉନ୍ନତିକରଣ ସହିତ ବୃହତ ମାନବ ସମ୍ବଳର ସଂପୂର୍ଣ୍ଣ ବିକାଶ ମାଧ୍ୟମରେ ଉନ୍ନତିର ଚରମ ସୀମାକୁ ନେଇପାରିବାରେ ସକ୍ଷମ ହୋଇପାରିବ ଏଥିରେ କୌଣସି ଦ୍ୱିମତ ନାହିଁ।

ମୋ-୯୪୩୭୧୨୩୮୯୨

13.02.2026.pmd 1 2/12/2026, 4:59 PM

# ୟୁଜିସି ରେଗୁଲେସନ୍ ପ୍ରତ୍ୟାହାର ଦାବିରେ ବିକ୍ଷୋଭ

ଭବାନୀପାଟଣା, ୧୧ /୨ (ନି.ପ୍ର)- ଭାରତର ଉଚ୍ଚ ଶିକ୍ଷା କ୍ଷେତ୍ରର ସର୍ବୋଚ୍ଚ ସଂସ୍ଥା ୟୁଜିସି ଦ୍ୱାରା ୨୦୨୬ ମସିହାରେ କରାଯାଇଥିବା ଅଧିନିୟମର ପ୍ରତ୍ୟାହାର ଦାବି କରି ଆଜି ବ୍ରାହ୍ମଣ ସମାଜ କଳାହାଣ୍ଡି ପକ୍ଷରୁ ଜିଲ୍ଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ଏହି ସବର୍ଣ୍ଣ ବିରୋଧୀ ତଥା ଦେଶ ବିରୋଧୀ ନିୟମାବଳି ସମ୍ପୂର୍ଣ୍ଣ ଉଚ୍ଛେଦ ନିମନ୍ତେ ଭାରତର ରାଷ୍ଟ୍ରପତି ତଥା ସୁପ୍ରିମକୋର୍ଟର ମୁଖ୍ୟ ନ୍ୟାୟାଧିଶଙ୍କ ଉଦ୍ଦେଶ୍ୟରେ ସ୍ମାରକ ପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି। ବ୍ରାହ୍ମଣ ସମାଜ କଳାହାଣ୍ଡିର ଜିଲ୍ଲା ଉପସଭାପତି ଗଜେନ୍ଦ୍ର ପାଢ଼ୀ, ବିନୋଦ ଶର୍ମା, ପର୍ଶୁରାମ ସେନାର ଜିଲ୍ଲା ସଂଯୋଜକ ପ୍ରଶାନ୍ତ ଠାକୁର ଓ ଜିଲ୍ଲା ସାଧାରଣ ସମ୍ପାଦକ ସତ୍ୟ ନାରାୟଣ ମହାପାତ୍ରଙ୍କ ନେତୃତ୍ୱରେ ଶତାଧିକ ବ୍ରାହ୍ମଣ ସମାଜ କଳାହାଣ୍ଡିର ସଦସ୍ୟମାନେ ଏଥିରେ ଅଂଶ ଗ୍ରହଣ କରି ଜିଲ୍ଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ। ଉଚ୍ଚଶିକ୍ଷା କ୍ୟାମ୍ପସରେ ସବର୍ଣ୍ଣ ଛାତ୍ରଛାତ୍ରୀମାନଙ୍କୁ ଅଣଦେଖା କରି ଏକ ପକ୍ଷପାତି ନିୟମ ୟୁଜିସି ରେଗୁଲସନ୍ ୨୦୨୬ ଦେଶ ବିରୋଧୀ ତଥା ସମ୍ବିଧାନ ବିରୋଧୀ ରେଗୁଲେସନ୍ ବୋଲି ବ୍ରାହ୍ମଣ ସମାଜ ପକ୍ଷରୁ ଆପତ୍ତି ପ୍ରଦର୍ଶନ କରାଯିବା ସହ ସମଗ୍ର ଦେଶରେ ଛାତ୍ର ମାନଙ୍କ ଉଜ୍ଜ୍ୱଳମୟ ଭବିଷ୍ୟତ ନିମନ୍ତେ ନିରପେକ୍ଷ ଆଇନ ପ୍ରଚଳନ ପାଇଁ ଦାବି କରାଯାଇଥିଲା। କେନ୍ଦ୍ର ସରକାର ଓ ସୁପ୍ରିମ କୋର୍ଟ ଏଥି ପ୍ରତି ସମ୍ବେଦନଶୀଳ ହୋଇ ଭାରତର ଭାବି ବଂଶଧର ଛାତ୍ର ଛାତ୍ରୀଙ୍କ ନିମନ୍ତେ ନ୍ୟାୟ ପ୍ରଦାନ କରିବା ପାଇଁ ଦାବି କରିଥିଲେ। ଏହି ସବର୍ଣ୍ଣ ବିରୋଧୀ ୟୁଜିସି ରେଗୁଲେସନ୍ ସମ୍ପୂର୍ଣ୍ଣ ପ୍ରତ୍ୟାହାର କରିବା ପାଇଁ ବ୍ରାହ୍ମଣ ସମାଜ କଳାହାଣ୍ଡି ଦାବି କରିଥିଲା। ନଚେତ୍ ଆଗାମୀ ଦିନରେ ଖାଲି କଳାହାଣ୍ଡି ଜିଲ୍ଲା ନୁହଁ ସମଗ୍ର ଦେଶରେ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ବ୍ରାହ୍ମଣ ସମାଜ କଳାହାଣ୍ଡି ଚେତାବନୀ ଦେଇଥିଲା ।

# ରାଣୀ ଲକ୍ଷ୍ମୀବାଈ ଆତ୍ମ ସୁରକ୍ଷା ତାଲିମ ଶିବିର

କୃଷ୍ଣପ୍ରସାଦ,୧୨।୨ (ନିପ୍ର): ପୁରୀ ଜିଲ୍ଲା ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକର ଚିଲିକା ନୂଆପଡା ସ୍ଥିତ ନାରାୟଣ ବିଦ୍ୟାପୀଠ ପରିସରରେ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ପକ୍ଷରୁ ସିଡିପିଓ ମନୋରମା ମହାପାତ୍ରଙ୍କ ତତ୍ତ୍ୱାବଧାନରେ ପ୍ରକଳ୍ପ ସ୍ତରୀୟ କିଶୋରୀ ବାଳିକା ମାନଙ୍କ ପାଇଁ ରାଣୀ ଲକ୍ଷ୍ମୀବାଇ ଆତ୍ମ ସୁରକ୍ଷା ତାଲିମ ଶିବିର ଉଦଘାଟିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରବୀର ଚନ୍ଦ୍ର ଜେନା, ସମ୍ମାନିତ ଅତିଥି ଭାବେ ସୁପରଭାଇଜର ଦୀପ୍ତିରାଣୀ ଦଣ୍ଡପାଟ, ଲୀନା ମହାପାତ୍ର,ସହକାରୀ ଶିକ୍ଷୟତ୍ରୀ ଅମ୍ବିକା ନାୟକ, ଅଳକା ଆଚାରୀ ପ୍ରମୁଖ ଯୋଗଦେଇ ଛାତ୍ରୀମାନଙ୍କୁ ଆତ୍ମ ରକ୍ଷା ଦକ୍ଷତା, ଆତ୍ମ ବିଶ୍ୱାସ ଓ ନିଜ ସୁରକ୍ଷା ପ୍ରତି ସଚେତନ ରହିବାର ଆବଶ୍ୟକତା ବିଷୟରେ ଉଦ୍‌ବୋଧନ ଦେଇଥିଲେ। ଶିବିରରେ ବିଦ୍ୟାଳୟର ୫୦ ଜଣ ଛାତ୍ରୀ ଭାଗନେଇଥିବା ବେଳେ ବିଦ୍ୟାଳୟର ଶାରୀରିକ ଶିକ୍ଷକ ଅଶୋକ କୁମାର ସାମଲ ସେମାନଙ୍କୁ ବ୍ୟାବହାରିକ ଆତ୍ମରକ୍ଷା କୌଶଳର ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଏହି ତାଲିମ ଶିବିର ପର୍ଯ୍ୟାୟ କ୍ରମେ ବିଭିନ୍ନ ସ୍ଥାନରେ ଆୟୋଜନ କରାଯିବ ବୋଲି ସିଡିପିଓ ମନୋରମା ମହାପାତ୍ର ପ୍ରକାଶ କରିଛନ୍ତି ।

# ବନବିଭାଗ ଦ୍ୱାରା ଜଙ୍ଗଲ, ଅଗ୍ନି ନିବାରଣ ସମ୍ବନ୍ଧୀୟ ସଚେତନତା

ଭବାନୀପାଟଣା,୧୨।୨ (ନିପ୍ର): କଳାହାଣ୍ଡି ଦକ୍ଷିଣ ବନଖଣ୍ଡ ଅନ୍ତର୍ଗତ ଧର୍ମଗଡ ବନାଞ୍ଚଳର ବେହେରା ସେକ୍ସନ୍ ଦ୍ୱାରା ଡୋଙ୍ଗରିପଡା ବନସୁରକ୍ଷା ସମିତି ଠାରେ ଜଙ୍ଗଲ ଅଗ୍ନି ନିବାରଣ ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଅଛି। ଉକ୍ତ କାର୍ଯ୍ୟକ୍ରମରେ ନିକଟସ୍ଥ ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା ବିଷୟରେ ଗ୍ରାମବାସୀଙ୍କୁ ଏହାର ଅପକାରିତା ସମ୍ବନ୍ଧରେ ଆମ ଜଙ୍ଗଲ ଯୋଜନାର ଟିମ୍ ଲିଡର୍ ଦୁର୍ଗା ପ୍ରସାଦ ମିଶ୍ର ବିସ୍ତୃତ ଭାବରେ ବୁଝାଇଥିଲେ ଏବଂ ଉପସ୍ଥିତ ଗ୍ରାମବାସୀ, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସମୁହ ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା ସମ୍ବନ୍ଧରେ ଶପଥପାଠ କାର୍ଯ୍ୟକ୍ରମ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଏଜେଓ୍ୱାଇ ବିକାଶ କର୍ମୀ ତ୍ରିବିକ୍ରମ ନାଏକ, ରାହୁଲ କୁମାର ସେଠୀ, ଭିଏସ୍ଏସ୍‌ର ସଭ୍ୟ ଶ୍ରୀ ନାଥ ବାଗ ସହଯୋଗ କରିଥିଲେ।

# ଲୋକନାଥ ପୀଠ ପରିଦର୍ଶନ କରି ସମୀକ୍ଷା କଲେ ଜିଲ୍ଲାପାଳ

ପୁରୀ,୧୨।୨ (ନିପ୍ର); ଚଳିତ ମାସ ୧୫ ତାରିଖରେ ମହାଶିବରାତ୍ରି ଓ ୧୩ ତାରିଖରେ ପଙ୍କୋଦ୍ଧାର ଏକାଦଶୀ।ଉଭୟ ଦିନରେ ଶ୍ରୀଲୋକନାଥ ଙ୍କ ପୀଠରେ ଶ୍ରଦ୍ଧାଳୁ ଙ୍କର ପ୍ରବଳ ଗହଳିର ଆଶା କରାଯାଉ ଥିବାରୁ ଶୃଙ୍ଖଳିତ ଦର୍ଶନ, ଶୃଙ୍ଖଳା ରକ୍ଷା ପାଇଁ ଜିଲ୍ଲାପାଳ ଦିବ୍ୟା ଜ୍ୟୋତି ପରିଡା ସମୀକ୍ଷା କରିଛନ୍ତି।



ଜିଲ୍ଲାପାଳ ଶ୍ରୀ ପରିଡା ଶ୍ରୀ ଲୋକନାଥଙ୍କ ପୀଠରେ ପହଞ୍ଚି ଠାକୁରଙ୍କ ଦର୍ଶନ ସହ ମନ୍ଦିର ପରିସରକୁ ଅନୁଧ୍ୟାନ କରିଥିଲେ।ପରେ ମନ୍ଦିର ଚତୁଃପାର୍ଶ୍ୱ ପରିକ୍ରମା କରି ସମ୍ପୂର୍ଣ୍ଣ ବ୍ୟବସ୍ଥାକୁ ନିରୀକ୍ଷଣ କରିଥିଲେ ଜିଲ୍ଲାପାଳ। ଶ୍ରଦ୍ଧାଳୁ ମାନଙ୍କ ଦର୍ଶନ ପାଇଁ ବ୍ୟାରିକେଡ ବ୍ୟବସ୍ଥା, ଦୀପ ପଜ୍ଜ୍ୱଳନ ସ୍ଥାନ,ପାନୀୟ ଜଳ,ଅଗ୍ନି ନିର୍ବାପକ ବ୍ୟବସ୍ଥା, ସ୍ୱାସ୍ଥ୍ୟ ବ୍ୟବସ୍ଥା ଇତ୍ୟାଦି ସମ୍ପର୍କରେ ଅନୁଧ୍ୟାନ କରି ଥିଲେ।

ଏହି ସମୀକ୍ଷା ସମୟରେ ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଉପ ଜିଲ୍ଲାପାଳ ରାଜ କିଶୋର ଜେନା, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଶ୍ରୀଶ୍ରୀ ଲୋକନାଥ ଦେବ ମନ୍ଦିର ଟ୍ରଷ୍ଟର ସଦସ୍ୟ ରବି ନାରାୟଣ ପଣ୍ଡା ଓ ଅନ୍ୟାନ୍ୟ ସଦସ୍ୟ ମାନେ ଉପସ୍ଥିତ ଥିଲେ।

# ପୋଖରୀରେ ବୁଡି ଶ୍ରମିକ ମୃତ

ଭାପୁର,୧୨।୨ (ନିପ୍ର); ବୁଧବାର ବିଳମ୍ବିତ ରାତ୍ରିରେ ଭାପୁର ବ୍ଲକ ବିଜିପୁର ଗ୍ରାମ ପାଣ୍ଡେରୀ ସାହିର ଲିଙ୍ଗରାଜ ରାଉତଙ୍କ ମୃତ ଦେହ ଭାପୁର ଜଗନ୍ନାଥ ମନ୍ଦିର ନିକଟରେ ଅବସ୍ଥିତ ଏକ ପୋଖରୀରୁ ଉଦ୍ଧାର ହୋଇଛି। ଘଟଣାରୁ ପ୍ରକାଶ, ଲିଙ୍ଗରାଜ ଦିନ ମଜୁରିଆ ଭାବରେ ଭାପୁର ବ୍ଲକ କାର୍ଯ୍ୟାଳୟ ପଛପଟେ ରହି କାର୍ଯ୍ୟ କରେ। ବୁଧବାର ସନ୍ଧ୍ୟାରେ ସେ ପୋଖରୀକୁ ଗାଧୋଇ ବାକୁ ଯାଇଥିଲେ କିନ୍ତୁ ଫେରିବାରେ ବିଳମ୍ବ ଦେଖି ପରିବାର ପକ୍ଷରୁ ଖୋଜାଖୋଜି କରିବା ବେଳେ ଲିଙ୍ଗରାଜଙ୍କ ଲୁଗା ଓ ଚପଲ ପୋଖରୀ ତୁଠରେ ରହିଥିବା ଦେଖିବାକୁ ମିଳିଥିଲା। ଖବରପାଇ ଭାପୁର ଦମକଳ ବାହିନୀ ଘଟଣାସ୍ଥଳ ରେ ପହଞ୍ଚି ବିଳମ୍ବିତ ରାତ୍ରିରେ ପୋଖରୀରୁ ଲିଙ୍ଗରାଜକୁ ଉଦ୍ଧାର କରି ସ୍ୱାସ୍ଥ୍ୟକେନ୍ଦ୍ର କୁ ନେଇଥିଲେ ମଧ୍ୟ କାର୍ଯ୍ୟରତ ଡାକ୍ତର ମୃତ ଘୋଷଣା କରିଥିଲେ। ଭାପୁର ଆଉଟ ପୋଷ୍ଟ ଅଧିକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଶବ ଜବତ କରିବା ସହିତ ଏକ ଅପମୃତ ମାମଲା ରୁଜୁ କରିବା ସହିତ ଶବ ବ୍ୟବଚ୍ଛେଦ କରି ଗୁରୁବାର ପରିବାରକୁ ହସ୍ତାନ୍ତର କରିଥିବା ପୋଲିସ ସୂତ୍ରରୁ ପ୍ରକାଶ।

# ଜାତୀୟ କୃମି ନାଶକ ଦିବସ ଉଦ୍ଘାଟିତ

ପୁରୀ,୧୨।୨ (ନିପ୍ର); ପୁରୀ ଜିଲ୍ଲା ଦୋଳବେଦିକୋଣ ସହରାଂଚଳ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ଜିଲ୍ଲାସ୍ତରୀୟ ଜାତୀୟ କୃମି ନାଶକ ଦିବସର ଶୁଭାରମ୍ଭ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଅକ୍ଷୟ କୁମାର ଶତପଥୀ ଶୁଭ-ଉଦ୍ଘାଟନ କରିଥିଲେ । ପ୍ରତ୍ୟେକ ବର୍ଷ ପରି ଏ ବର୍ଷ ମଧ୍ୟ ୧ ରୁ ୧୯ ବର୍ଷର ସମସ୍ତ ପିଲା ଓ ୨୦ ରୁ ୨୪ ବର୍ଷ ପର୍ଯ୍ୟନ୍ତ ଯୋଗ୍ୟ ଦମ୍ପତିଙ୍କୁ ଏହି ଔଷଧ ପ୍ରଦାନର କାର୍ଯ୍ୟକ୍ରମ ରହିଛି । ବିଶେଷ କରି ସରକାରୀ ଓ ସରକାରୀ ଅନୁଦାନ ପ୍ରାପ୍ତ ୨୨୦୫ଟି ଶିକ୍ଷାନୁଷ୍ଠାନର ୨୦୧୩୪୮ ଛାତ୍ର ଛାତ୍ରୀ ଏବଂ ୨୫୪ଟି ବେସରକାରୀ ଶିକ୍ଷାନୁଷ୍ଠାନର ୫୬୫୬୩ ଛାତ୍ର ଛାତ୍ରୀ ଓ ୨୫୬୬ଟି ଅଙ୍ଗନବାଡି କେନ୍ଦ୍ର ର ୮୮୬୬୮ ପିଲାଙ୍କୁ ଓ ଜିଲ୍ଲାର ୬୨୨୬୦ ଯୋଗ୍ୟ ଦମ୍ପତି ଙ୍କୁ ଏହି ଔଷଧ ପ୍ରଦାନ କରାଯିବ । ଜିଲ୍ଲାର ସମସ୍ତ ବିଦ୍ୟାଳୟରେ ଫେବୃଆରୀ ୧୦ ତାରିଖରେ ଜାତୀୟ କୃମି ନାଶକ ଦିବସ ପାଳିତ ହୋଇଯାଇଛି। ସରକାରଙ୍କ ମାର୍ଗଦର୍ଶିକା ଆଧାରରେ ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ର,ସରକାରୀ ଓ ବେସରକାରୀ ବିଦ୍ୟାଳୟ ମାନଙ୍କ ରେ ଛାତ୍ରଛାତ୍ରୀମାନଙ୍କୁ କୃମି ନାଶକ ଆଲବେଣ୍ଡାଜୋଲ (କୃମି ନାଶକ) ବଟିକା ତଥା ସିରପ ପ୍ରଦାନ କରାଯାଇଛି । ଯେଉଁ ମାନେ ଫେବୃଆରୀ ୧୦ ତାରିଖରେ କୃମି ନାଶକ ବଟିକା ବା ସିରପ୍ ସେବନ କରିନଥିବେ ଅଥବା ଅସୁସ୍ଥ ଥିବେ ସେମାନେ ଆସନ୍ତା ଫେବୃଆରୀ ୧୭ ତାରିଖରେ କୃମି ନାଶକ ଔଷଧ ସେବନ କରିବେ । ପିଲାମାନଙ୍କ ଠାରେ ପ୍ରାୟ କୃମି ଦେଖାଯାଏ ଓ ଏହା ଦ୍ୱାରା ପିଲା ମାନେ ରୁଗ୍ଣ ଓ ଦୁର୍ବଳ ହୋଇ ଥାନ୍ତି ।ତେଣୁ ପିଲାମାନଙ୍କ ସ୍ୱାସ୍ଥ୍ୟ ପାଇଁ କୃମି ନାଶନ ଜରୁରୀ ହୋଇଥାଏ। ତେଣୁ ବର୍ଷକୁ ଦୁଇ ଥର ଯଥା ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ଓ ଅଗଷ୍ଟ ମାସରେ ଏହି କୃମି ନାଶକ ଦିବସ ପାଳନ କରାଯାଇଥାଏ ।

# ବନାଞ୍ଚଳସ୍ତରୀୟ ଜଙ୍ଗଲ ନିଆଁ ନିୟନ୍ତ୍ରଣ ଓ ନିରାକରଣ ସଚେତନତା

କେନ୍ଦୁଝର,୧୨।୨(ନିପ୍ର): ଭୂୟାଁ ଜୁଆଙ୍ଗ ପୀଢ ରେଞ୍ଜ ପକ୍ଷରୁ ବନ ସୁରକ୍ଷା ଫୋରମସ୍ତରୀୟ ଜଙ୍ଗଲ ନିଆଁ/ଅଗ୍ନି ନିୟନ୍ତ୍ରଣ ଓ ନିରାକରଣ ସଚେତନତା କାର୍ଯ୍ୟକ୍ରମ ବିଜେପି ରେଞ୍ଜ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ସ୍କୁଲ ଛାତ୍ରଛାତ୍ରୀ,ବନ ସୁରକ୍ଷା ସମିତିର ସଦସ୍ୟ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା,ବନ କର୍ମଚାରୀମାନେ ସଚେତନତା ରାଲିରେ ସାମିଲ ହୋଇ ଲୋକମାନଙ୍କୁ ସଚେତନ କରାଇଥିଲେ । ଭୂୟାଁ ଜୁଆଙ୍ଗ ପୀଢ ରେଞ୍ଜର ନୟନକାନ୍ତ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କେନ୍ଦୁଝର ଡିଏଫ୍‌ଓ ଧନରାଜ ଏଚ୍‌ଡି ଯୋଗଦେଇ ଜଙ୍ଗଲ ସୁରକ୍ଷା ସମସ୍ତଙ୍କର କର୍ତ୍ତବ୍ୟ ବୋଲି କହିଥିଲେ । ଅନ୍ୟତମ ଅତିଥି ଭାବେ ବାଂଶପାଳ ବ୍ଲକ ଅଧ୍ୟକ୍ଷ ମାନସ କୁମାର ଦେହୁରୀ, ୨୫ନଂ ଜୋନ ଜିଲ୍ଲା ପରିଷଦ ସଦସ୍ୟ ଅରୁଣ କୁମାର ବାରିକ,ବାଂଶପାଳ ଇଲେକ୍ଟ୍ରିକାଲ ଏସ୍‌ଡିଓ ପ୍ରତ୍ୟୁଷ କୁମାର ପୃଷ୍ଟି,ବାଂଶପାଳ ବ୍ଲକ ଭେଟନାରୀ ଅଫିସର ଅମ୍ରିତ ପ୍ରସାଦ ସାହୁ,ଫାୟାର ଫାଇଟର ଦିଗମ୍ବର ମହାନ୍ତ, ୨୧ଟି ପଂଚାୟତର ସରପଂଚ, ସମିତିସଭ୍ୟ,ଭୂୟାଁ ଜୁଆଙ୍ଗ ପୀଢ ସର୍ଦ୍ଦାର,ବିଭିନ୍ନ ପୀଢ ର ସଭାପତି, ପୀଢ ପତି, ଭିଏସ୍ଏସ୍ ସଭାପତି, ଆନିମେଟର, ଓ୍ୱାର୍ଡମେମ୍ବର, ବନବିଭାଗ କର୍ମଚାରୀ




ଏବଂ ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା ଯୋଗ ଦେଇଥିଲେ । ଜଙ୍ଗଲ ନିଆଁ ରୋକାଯାଇ ପାରିଲେ ପରିବେଶ ସୁରକ୍ଷା ସହ ବନ୍ୟପ୍ରାଣୀଙ୍କ ସୁରକ୍ଷା ହୋଇପାରିବ ବୋଲି ଅତିଥିମାନେ କହିଥିଲେ । ଜଙ୍ଗଲ ନିଆଁ ଯୋଗୁଁ ପ୍ରାକୃତିକ ସମ୍ପଦ ପୋଡି ପାଉଁଶ ହେବା ସହ ଜଳବାୟୁ ଉପରେ ଏହାର କୁପ୍ରଭାବ ପଡୁଛି ବୋଲି କହିଥିଲେ । ଭୂୟାଁ ଜୁଆଙ୍ଗ ପୀଢ ରେଞ୍ଜର ନୟନକାନ୍ତ ସାହୁ ଜଙ୍ଗଲ ସୁରକ୍ଷା ସମସ୍ତଙ୍କର କର୍ତ୍ତବ୍ୟ । ଜଙ୍ଗଲ ସୁରକ୍ଷିତ ରହିଲେ ମାନବ ସମାଜ ର ଉପକାର ସାଧିତ ହେବ ବୋଲି କହିଥିଲେ । ଏଥିରେ ଜଙ୍ଗଲ ନିଆଁକୁ କିପରି ନିୟନ୍ତ୍ରଣ କରାଯିବ,ହାତୀ ସୁରକ୍ଷା,ଜୈବିକ ଖତ ପ୍ରସ୍ତୁତ ପ୍ରଣାଳୀ,ବନ ବିଭାଗ ପକ୍ଷରୁ କର୍ମନିଯୁକ୍ତି ପାଇଁ ହୋଇଥିବା ନୂଆ ଯୋଜନା,ଖୋଲା ଥିବା କୂଆ,ଖୋଲାରେ ଥିବା ଟ୍ରାନ୍ସଫରମର ଏବଂ ଝୁଲା ବିଦ୍ୟୁତ୍ ତାର ଚିହ୍ନଟ କରି ସୂଚନା ଦେବା ଉପରେ ଆଲୋଚନା ହୋଇଥିଲା । ଜଙ୍ଗଲ ଏବଂ ଜଙ୍ଗଲ ଜୀବଜନ୍ତୁ ଆମର ସମ୍ପଦ ଏବଂ ଏହାର ସୁରକ୍ଷା ସମସ୍ତଙ୍କର କର୍ତ୍ତବ୍ୟ । ମାର୍ଚ୍ଚ ମାସଠାରୁ ଅପ୍ରିଲ ୧୪ ତାରିଖ ପର୍ଯ୍ୟନ୍ତ ଅଖଣ୍ଡ ଶୀକାର ଯେପରି ଲୋକମାନେ ନ କରିବେ ସେ ଉପରେ ଲୋକମାନଙ୍କୁ ସଚେତନ କରିବାକୁ ନିଷ୍ପତ୍ତି ହୋଇଥିଲା । ବନବିଭାଗ ପକ୍ଷରୁ ହାତୀ ଏବଂ ବାର୍‌ହା କ୍ଷୟକ୍ଷତି ଅଞ୍ଚଳରେ ଆବଶ୍ୟକ ପଦକ୍ଷେପ ନିଆଯାଉଥିବା ସହ ଆବେଦନ କଲେ ସଠିକ୍ ସମୟରେ କ୍ଷତିପୂରଣ ରାଶି ଦିଆଯାଉଥିବା ରେଞ୍ଜର କହିଥିଲେ । କେନ୍ଦୁଝର ଭୂୟାଁ ଜୁଆଙ୍ଗ ପୀଢ ରେଞ୍ଜ ଅଧିନ ୩୩ଟି ବନ ସୁରକ୍ଷା ସମିତିର ସଭାପତି, କୋଷାଧ୍ୟକ୍ଷ,ଆନିମେଟର,ମହିଳା ସ୍ୱୟଂ ସହାୟକ ଗୋଷ୍ଠିର ସଦସ୍ୟା ଏବଂ ଭିଏସ୍ଏସ୍ ଫୋରମ ପାର୍ଟନର ଏନଜିଓ ଟିମ ଲିଡର ସୁଶାନ୍ତ କୁମାର ବେହେରାଙ୍କ ସମେତ ୪୦୦ଜଣ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ୨୦୨୫-୨୬ ବର୍ଷ ପାଇଁ ଯୋଜନା ଏବଂ ବନୀକରଣ ପାଇଁ ଜାଗା ଚିହ୍ନଟକରଣ ଏବଂ ଅନ୍ୟାନ୍ୟ ସମସ୍ତ ଜଙ୍ଗଲ ସମସ୍ୟା ଓ ନିରାକରଣ ଉପରେ ଆଲୋଚନା କରାଯାଇଥିଲା ।

# ମଧୁମେହ ରୋଗ , ଜଟିଳତା ତଥା ଆଧୁନିକ ଚିକିତ୍ସା ପଦ୍ଧତି ସମ୍ବନ୍ଧରେ ଶିକ୍ଷା

ଭବାନୀପାଟଣା,୧୨।୨ (ନିପ୍ର); ରିସର୍ଚ୍ଚ ସୋସାଇଟି ଫର୍ ଷ୍ଟଡ଼ିଜ୍ ଅଫ୍ ଡାୟାବେଟିସ୍ ଇନ୍ ଇଣ୍ଡିଆ। - ଓଡ଼ିଶା ଷ୍ଟେଟ୍ ଚ୍ୟାପ୍ଟର୍ ତରଫରୁ ଭବାନୀପାଟଣା ସ୍ଥିତ ହୋଟେଲ ଶ୍ରୀଜା ସେଣ୍ଟ୍ରାଲ୍ ଠାରେ ପ୍ରଥମ ଥର ପାଇଁ ଆସନ୍ତା ୨୨ ଫେବୃଆରୀ ରବିବାର ସକାଳ ୯ ଘଣ୍ଟାରୁ ଅପରାହ୍ନ ଘ.୪.୩୦ମି. ପର୍ଯ୍ୟନ୍ତ 'ଡାୟାମିଟ୍' ଶୀର୍ଷକ ଏକ ମଧ୍ୟବର୍ତ୍ତୀକାଳୀନ ନିରନ୍ତର ଶିକ୍ଷା ସମାବେଶ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି । ଉକ୍ତ କାର୍ଯ୍ୟକ୍ରମରେ ରାଜ୍ୟ ଶାଖା ସଭାପତି ବିଶିଷ୍ଟ ଚିକିତ୍ସକ ପ୍ରଫେସର୍ ଆର.କେ.ଗୋୟେଙ୍କା, ପ୍ରଫେସର ଜୟନ୍ତ କୁମାର ପଣ୍ଡା, ପ୍ରଫେସର ଏସ୍.କେ.ବନ୍‌ସଲ୍, ଡା.ସଂଜୟ ଦାଶ, ପ୍ରଫେସର ଡା.ଦୀପକ ଦାସ, ଡା.ରାଜେଶ ମେହେର, ଡା.ସିଦ୍ଧାର୍ଥ ପାଣିଗ୍ରାହୀ, ଡା.ସନ୍ଦିପ ଦେବାଶିଷ ମିଶ୍ର, ପ୍ରଫେସର ଶ୍ରୀକାନ୍ତ ଧର, ପ୍ରଫେସର ଚନ୍ଦନ ଦାଶ ପ୍ରମୁଖ ସମେତ ରାଜ୍ୟର ବହୁ ଅଭିଜ୍ଞ ଭେଷଜ ତଥା ମଧୁମେହ ବିଶେଷଜ୍ଞ ବକ୍ତା ଭାବେ ଯୋଗଦେଇ ମଧୁମେହ ରୋଗ ଏବଂ ଏହାର ଜଟିଳତା ତଥା ଆଧୁନିକ ଚିକିତ୍ସା ପଦ୍ଧତି ସମ୍ବନ୍ଧରେ ଶିକ୍ଷା ପ୍ରଦାନ କରିବେ। ଏହି କାର୍ଯ୍ୟକ୍ରମଟି ଆଞ୍ଚଳିକ ଡାକ୍ତର ତଥା ପଡ଼ୋଶୀ ଜିଲ୍ଲାରେ କାର୍ଯ୍ୟରତ ଚିକିତ୍ସକମାନଙ୍କ ପାଇଁ ବିଶେଷ ଉପାଦେୟ ସାବ୍ୟସ୍ତ ହେବ ବୋଲି ସମ୍ମିଳନୀର କାର୍ଯ୍ୟକାରୀ ସମ୍ପାଦକ ତଥା ଜିଲ୍ଲା ମୁଖ୍ୟଚିକିତ୍ସାଳୟର ଭେଷଜ ବିଶେଷଜ୍ଞ ଡା.ଦୀନବନ୍ଧୁ ସାହୁ ପ୍ରକାଶ କରିଛନ୍ତି । ଏହି ମଧ୍ୟକାଳୀନ ନିରନ୍ତର ଶିକ୍ଷା ସମାବେଶ ବରିଷ୍ଠ ଭେଷଜ ବିଶେଷଜ୍ଞ ଡା.ଜଗୁଲାଲ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେଉଥିବା ବେଳେ କାର୍ଯ୍ୟକ୍ରମଟିର ବିଶେଷ ସଫଳତା ପାଇଁ ସହିଦ୍ ରେଣ୍ଡୋମାଝୀ ମେଡ଼ିକାଲ କଲେଜ ଭେଷଜ ବିଭାଗୀୟ ମୁଖ୍ୟ ପ୍ରଫେସର ଶରତ ଚନ୍ଦ୍ର ସିଂହ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା.ହରେକୃଷ୍ଣ ଶତପଥୀ, ଆଇ.ଏମ୍.ଏ., ସମ୍ପାଦକ ଡା.ରବିନାରାୟଣ ସେନାପତି, ସମ୍ମିଳନୀ ସମ୍ପାଦକ ଡା.ଦୀନବନ୍ଧୁ ସାହୁ ପ୍ରମୁଖ ଆଗ୍ରହୀ ଆଞ୍ଚଳିକ ଡାକ୍ତରମାନଙ୍କୁ ଯୋଗଦାନ ସକାଶେ ବିଶେଷ ଅନୁରୋଧ କରିଛନ୍ତି ।

# ସର୍ବଭାରତୀୟସ୍ତରରେ ୩ କୁନି ଛାତ୍ରଛାତ୍ରୀଙ୍କ ସଫଳତା

ଦାମନଯୋଡ଼ି,୧୨/୨(ନିପ୍ର): ମହାରାଷ୍ଟ୍ରର ଔରଙ୍ଗାବାଦ ସ୍ଥିତ ଅଖିଳ ଭାରତୀୟ ନାଗରିକ ବିକାଶ କେନ୍ଦ୍ର ପକ୍ଷରୁ ସର୍ବଭାରତୀୟ ସ୍ତରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚିତ୍ରକଳା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଗତ ନଭେମ୍ବର ମାସରେ ଏଥିପାଇଁ ବିଭିନ୍ନ ବିଦ୍ୟାଳୟରୁ ଛାତ୍ରଛାତ୍ରୀଙ୍କ ଚିତ୍ର ସବୁ ସଂଗ୍ରହ କରଯାଇଥିଲା । ଏବେ ଏହାର ଫଳାଫଳ ପ୍ରକାଶ ପାଇ କୃତୀ ପ୍ରତିଯୋଗୀଙ୍କ ପୁରସ୍କାର ଘୋଷଣା ହୋଇଛି । କନିଷ୍ଠ ବିଭାଗ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଦାମନଯୋଡ଼ି ସ୍ଥିତ ଦିଲ୍ଲୀ ପବ୍ଲିକ ସ୍କୁଲର ୩ ଛାତ୍ରଛାତ୍ରୀଙ୍କୁ କଳାରତ୍ନ ସମ୍ମାନ



ପ୍ରମାଣପତ୍ର ଓ ସ୍ୱର୍ଣ୍ଣ ପଦକ ମିଳିଛି । ଦ୍ୱିତୀୟ ଶ୍ରେଣୀ ଛାତ୍ରୀ ଆରାଧ୍ୟା ହାଁସଦା,୩ୟ ଶ୍ରେଣୀ ଛାତ୍ରୀ ଦେବାଂଶୀ ବେହେରା ଓ ୪ର୍ଥ ଶ୍ରେଣୀ ଛାତ୍ର ନିଶ୍ଚଳ କହ୍ନେଇଙ୍କୁ ଏହି ସଫଳତା ମିଳିଛି । କୃତୀ କୁନି ପିଲାଙ୍କୁ ଅଧ୍ୟକ୍ଷା ସୁଜାତା ପାଣି ପ୍ରମାଣପତ୍ର ଓ ପଦକ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ବିଦ୍ୟାଳୟର କଳା ଶିକ୍ଷକ ସମୀର କୁମାର ବାରିକ ଇତି ଅବସରରେ ଉପସ୍ଥିତ ଥିଲେ ।

# ବିପିୟୁଟିର ମହାନଦୀ ଛାତ୍ରାବାସ ଓ ଯାନ୍ତ୍ରିକ କାର୍ଯ୍ୟଶାଳାର ଉଦ୍ଘାଟନ

ରାଉରକେ,୧୨।୨ (ନିପ୍ର): ଗତକାଲି ରାଉରକେଲା ଠାରେ ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ (ବିପିୟୁଟି)ର ନୂତନ ଭାବରେ ନିର୍ମିତ ହୋଇଥିବା ମହାନଦୀ ଛାତ୍ରାବାସ ଓ ଯାନ୍ତ୍ରିକ କାର୍ଯ୍ୟଶାଳାର ଉଦ୍ଘାଟନ ହୋଇଯାଇଛି।

ବିପିୟୁଟିର କୁଳପତି ପ୍ରଫେସର ଅମିୟ କୁମାର ରଥ ରାଉରକେଲା ଛେଣ୍ଡସ୍ଥିତ ବିଶ୍ୱବିଦ୍ୟାଳୟ ପରିସରରେ ୬୦୦ ଶଯ୍ୟା ବିଶିଷ୍ଟ 'ମହାନଦୀ' ଛାତ୍ରାବାସ ଏବଂ ବିଶ୍ୱବିଦ୍ୟାଳୟ ଅନ୍ତର୍ଗତ ସ୍ନାତକ ଓ ସ୍ନାତକୋତ୍ତର ଶିକ୍ଷା କେନ୍ଦ୍ର ପାଇଁ ଯାନ୍ତ୍ରିକ କାର୍ଯ୍ୟଶାଳା ଗୃହର ଶୁଭ ଉଦ୍ଘାଟନ କରିଛନ୍ତି। ଏହି ଉଦ୍ଘାଟନୀ ଉତ୍ସବରେ କୁଳସଚିବ ନିଶି ପୁନମ ମିଞ୍ଜ, ଅର୍ଥ ଅଧିକାରୀ ସେବତୀ ଦାନସେନା, ସିୟୁପିଜିଏସ୍ ନିର୍ଦ୍ଦେଶକ ପ୍ରଫେସର ଶିବକୁମାର ମିଶ୍ର, ପାଠ୍ୟକ୍ରମ ବିକାଶ ନିର୍ଦ୍ଦେଶକ ପ୍ରଫେସର ସୁଜିତ କୁମାର ଖୁଣ୍ଟିଆଙ୍କ ସହ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ବୃନ୍ଦ ଏବଂ ଇଡକୋର ପଦାଧିକାରୀମାନେ ଏହି ଉଦ୍ଘାଟନୀ ଉତ୍ସବରେ ଉପସ୍ଥିତ ଥିଲେ। ମହାନଦୀ ଛାତ୍ରାବାସ ଦ୍ୱାରା ଛାତ୍ରମାନଙ୍କର ରହିବା ସୁବିଧାରେ ଉଲ୍ଲେଖନୀୟ ଉନ୍ନତି ଆସିବା ସହ ନୂତନ ଯାନ୍ତ୍ରିକ କାର୍ଯ୍ୟଶାଳା ଇଞ୍ଜିନିୟରିଂ ଛାତ୍ରଛାତ୍ରୀଙ୍କ ପ୍ରାୟୋଗିକ ଶିକ୍ଷା, ଦକ୍ଷତା ବିକାଶ ଏବଂ ବୈଷୟିକ ପ୍ରଶିକ୍ଷଣକୁ ଅଧିକ ସୁଦୃଢ଼ କରିବ ବୋଲି ଆଶା କରାଯାଉଛି।

ବିଶ୍ୱବିଦ୍ୟାଳୟର ଶୈକ୍ଷିକ ଭିତ୍ତିଭୂମିକୁ ମଜଭୁତ କରିବା ଏବଂ ଛାତ୍ରଛାତ୍ରୀ ଓ ଅଧ୍ୟାପକମାନଙ୍କ ପାଇଁ ଏକ ସହାୟକ ତଥା ଆଧୁନିକ ଶିକ୍ଷାଦାନ ପରିବେଶ ସୃଷ୍ଟି କରିବା ଦିଗରେ ଏହା ସହାୟକ ହେବ।

# ପଣ୍ଡିତ ଦୀନଦୟାଲଙ୍କ ୫୮ ତମ ପୁଣ୍ୟତିଥି

ଦାମନଯୋଡି,୧୨/୨(ନିପ୍ର): ଭାରତୀୟ ଜନତା ଦଳ ର ମାଥାଲପୁଟ ମଣ୍ଡଳ ପ୍ରତିନିଧି କିରଣ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ବୁଧବାର ସନ୍ଧ୍ୟାରେ ନାଲକୋ କମ୍ୟୁନିଟୀ ସେଣ୍ଟର ପରିସରରେ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ୫୮ ତମ ପୁଣ୍ୟତିଥି ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ ବରିଷ୍ଠ ଶିକ୍ଷକ ଅମୂଲ୍ୟ କୁମାର ସାହୁ ମୁଖ୍ୟ ଅତିଥି ଓ ଅବସର ପ୍ରାପ୍ତ ଶିକ୍ଷକ ଅଶୋକ କୁମାର ମହାନ୍ତି ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇଥିଲେ । ସେ ଥିଲେ ଭାରତର ମହାନ୍ ଦାର୍ଶନିକ, ରାଜନୀତିଜ୍ଞ, ଅର୍ଥଶାସ୍ତ୍ର, ସାମ୍ବାଦିକ , ଲେଖକ ଆଦି ବହୁ ଗୁଣର ଅଧିକାରୀ । ପୂର୍ବର ଭାରତୀୟ ଜନସଂଘ ଓ ଆଜିର ଭାରତୀୟ ଜନତା ଦଳର ପ୍ରତିଷ୍ଠାତା ସଦସ୍ୟ ଥିଲେ ସ୍ୱର୍ଗୀୟ ପଣ୍ଡିତ ଦିନଦୟାଲ ଉପାଧ୍ୟାୟ । ମୁଖ୍ୟ ବକ୍ତା ଓ ମୁଖ୍ୟ ଅତିଥି ଗୃହଙ୍କ ସମସ୍ତ ଉପସ୍ଥିତ ବ୍ୟକ୍ତି ସ୍ୱର୍ଗତ ଦିନଦୟାଲଙ୍କ ସ୍ମୃତି ଚାରଣ କରିଥିଲେ । ଶେଷରେ ମଣ୍ଡଳ ସଭାପତି ଦୀନବନ୍ଧୁ ମାଝି ଧନ୍ୟବାଦ ଅର୍ପଣ କରିଥିଲେ। ମାଥାଲପୁଟ ମଣ୍ଡଳର ବହୁ ବିଜେପି କାର୍ଯ୍ୟକର୍ତ୍ତା କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

# ଫସଲ ଉତ୍ପାଦନ ବୃଦ୍ଧି ପାଇଁ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ଏବଂ ଜଳବାୟୁ ସ୍ମାର୍ଟ କୃଷି ଉପରେ ଗୁରୁତ୍ୱାରୋପ

ପାରଳାଖେମୁଣ୍ଡି,୧୨।୨ (ନିପ୍ର): ଗଜପତି ଜିଲ୍ଲା ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟ, ପାରଳାଖେମୁଣ୍ଡି କ୍ୟାମ୍ପସରେ ଦୁଇଦିନିଆ ଉତ୍କଳ କୃଷି ମେଳାର ଚତୁର୍ଥ ସଂସ୍କରଣର ଉଦ୍‌ଘାଟିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଓଡ଼ିଶା ସରକାରଙ୍କ ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ଏବଂ ଏସ୍ଏସ୍ଏମ୍‌ର ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଏହି କାର୍ଯ୍ୟକ୍ରମର ଉଦଘାଟନ କରିଥିଲେ। ଏହାପରେ ସମ୍ମାନିତ ଅତିଥି ଭାବରେ ପାରଳାଖେମୁଣ୍ଡିର ବିଧାୟକ ରୂପେଶ କୁମାର ପାଣିଗ୍ରାହି, ଗଜପତି ଜିଲ୍ଲା ପରିଷଦ ଅଧ୍ୟକ୍ଷ ଗଭାରା ତିରୁପତି ରାଓ ଯୋଗ ଦେଇଥିଲେ। ଉଦଘାଟନୀ ଉତ୍ସବ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ, ରାଜ୍ୟ ସଙ୍ଗୀତ ବନ୍ଦେ ଉତ୍କଳ ଜନନୀ ପରିବେଷଣ ଏବଂ ସୁଶ୍ରୀ ତାପସୀ କରଙ୍କ ଓଡ଼ିଶୀ ନୃତ୍ୟ ପରିବେଷଣ ସହିତ ଆରମ୍ଭ ହୋଇଥିଲା । ଉଦଘାଟନୀ ଉତ୍ସବରେ ବିଶ୍ୱବିଦ୍ୟାଳୟ ର ପ୍ରୋ-ଭାଇସ-ଚାନ୍ସଲର ପ୍ରଫେସର (ଡ଼.) ଅଜୟ କୁମାର ନାୟକ ଗତ ସମ୍ଭାଷଣ ପ୍ରଦାନ କରିଥିଲେ । ଏହି ଉତ୍ସବରେ ବିଶ୍ୱବିଦ୍ୟାଳୟ ର ଉପସଭାପତି ପ୍ରଫେସର ଡି. ଏନ. ରାଓ. ସମ୍ମାନିୟ କୁଳପତି ପ୍ରଫେସର (ଏ.) ସୁପ୍ରିୟା ପଟ୍ଟନାୟକ ଏବଂ କୁଳସଚିବ ପ୍ରଫେସର (ଡ.) ଅନିତା ପାତ୍ର ପ୍ରମୁଖ ଯୋଗ ଦେଇଥିଲେ।

ଏହି କାର୍ଯ୍ୟକ୍ରମ ଓଡ଼ିଶାର ତୃଣମୂଳ ସ୍ତରରେ କୃଷି ବିକାଶ ଏବଂ କୃଷକମାନଙ୍କ ଉନ୍ନତି ଉପରେ କେନ୍ଦ୍ରିତ ଥିଲା ମୁଖ୍ୟ ଅତିଥି ଦକ୍ଷତା ଆଧାରିତ କୃଷି ଶିକ୍ଷାକୁ ପ୍ରୋତ୍ସାହିତ କରିବା ଏବଂ କୃଷି, ମତ୍ସ୍ୟ ଏବଂ ପଶୁପାଳନ କ୍ଷେତ୍ରର ଚାଷୀମାନଙ୍କ ନିକଟରେ ବିଭିନ୍ନ କୃଷି ପ୍ରଯୁକ୍ତିବିଦ୍ୟା ପହଞ୍ଚାଇବାରେ ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟର ଭୂମିକାକୁ ଭୂୟସୀ ପ୍ରଶଂସା କରିଥିଲେ । ତତ୍ ସହିତ କୃଷିମେଳାରେ ଉପସ୍ଥିତ ସମସ୍ତ ଚାଷୀ ଭାଇଭଉଣୀ ମାନଙ୍କୁ ବିଭିନ୍ନ ସରକାରୀ ଯୋଜନାରେ ଲାଭାନ୍ୱିତ ହେବାପାଇଁ ପ୍ରେରିତ କରିଥିଲେ । ବିଧାୟକ, ପାରଳାଖେମୁଣ୍ଡି ଦକ୍ଷିଣ ଓଡ଼ିଶାର ମେରୁଦଣ୍ଡ




କୃଷିକୁ ସଂଗଠିତ କରିବାରେ ଚାଷୀମାନଙ୍କର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ ଓ ଫସଲ ଉତ୍ପାଦନ ବୃଦ୍ଧି ପାଇଁ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ଏବଂ ଜଳବାୟୁ ସ୍ମାର୍ଟ କୃଷି ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲ୍ଲା ପରିଷଦ ଅଧ୍ୟକ୍ଷ, କୃଷକ ସମାଜକୁ ସଶକ୍ତ କରିବାରେ ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟର ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ଯାହା ବିଶ୍ୱବିଦ୍ୟାଳୟର ମୁଖ୍ୟ ଉଦ୍ଦେଶ୍ୟ । ସମସ୍ତ ସମ୍ମାନିତ ଅତିଥିମାନେ ପ୍ରଥମ ପୁଷ୍ପ ପ୍ରଦର୍ଶନୀ ୨୦୨୬ ଉଦ୍‌ଘାଟନ କରିଥିଲେ। ଏବଂ ବିଭିନ୍ନ ରଙ୍ଗର ଫୁଲ ବ୍ୟବହାର କରି ବିଭିନ୍ନ ସାଜସଜ୍ଜା କରିବାରେ ଛାତ୍ରଛାତ୍ରୀମାନଙ୍କ ପ୍ରୟାସକୁ ପ୍ରଶଂସା କରିଥିଲେ ।

ଏହି କାର୍ଯ୍ୟକ୍ରମରେ ଅନେକ ପ୍ରତିଷ୍ଠିତ ପ୍ରତିଷ୍ଠାନ, ଏନଜିଓ, ଏଫପିଓ, ଛାତ୍ରଛାତ୍ରୀ ଏବଂ ବିଭିନ୍ନ ସରକାରୀ ବିଭାଗର ଗବେଷକ ଏବଂ ବୈଜ୍ଞାନିକମାନେ ଉପସ୍ଥିତ ଥିଲେ। କୃଷି ଏବଂ ଆନୁଷଙ୍ଗିକ ଉତ୍ପାଦ ପ୍ରଦର୍ଶନ ପାଇଁ ୭୦ ଟି ଷ୍ଟଲ ପ୍ରଦର୍ଶିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ବ୍ୟକ୍ତିବିଶେଷଙ୍କ ଦ୍ୱାରା ଭାଷଣ ପ୍ରଦାନ କରାଯାଇଥିଲା ଯେଉଁଥିରେ ସେମାନେ ସ୍ଥାୟୀ କୃଷି ଏବଂ କୃଷକ-କୈନ୍ଦ୍ରିକ ଗବେଷଣା ପ୍ରତି ବିଶ୍ୱବିଦ୍ୟାଳୟର ପ୍ରତିବଦ୍ଧତା ଉପରେ ଆଲୋକପାତ କରିଥିଲେ ଏବଂ ପରେ ପ୍ରଗତିଶୀଳ ଚାଷୀମାନଙ୍କୁ ପ୍ରମାଣପତ୍ର ବଣ୍ଟନ କରିଥିଲେ ।ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟର କୁଳସଚିବ ପ୍ରଫେସର (ଡ) ଅନିତା ପାତ୍ରଙ୍କ ଧନ୍ୟବାଦ ପ୍ରସ୍ତାବ ଦ୍ୱାରା କାର୍ଯ୍ୟକ୍ରମ ଶେଷ ହୋଇଥିଲା ଓ ଚତୁର୍ଥ ଉତ୍କଳ କୃଷି ମେଳା, ବିଜ୍ଞାନ ଏବଂ ଚାଷଜମି ମଧ୍ୟରେ ଥିବା ବ୍ୟବଧାନକୁ ଦୂର କରିବା ପାଇଁ ଏକ ଜୀବନ୍ତ ମଞ୍ଚ ଭାବରେ କାର୍ଯ୍ୟ କରିଥିଲା, ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ କୃଷକଙ୍କ ଜୀବିକା ଉନ୍ନତ କରିବା ଉପରେ ବିଶେଷ ଧ୍ୟାନ ଦିଆଯାଇଥିଲା

# ଭୂତକୋଠି ପାଲଟିଛି ବାହାଡାଝୋଲା ବଜାର ପ୍ରାଙ୍ଗଣ

ଭାପୁର,୧୨।୨ (ନିପ୍ର): ଗତ ୧୪ ବର୍ଷ ତଳେ ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ସଦର ମହକୁମା ଠାରୁ କଇଁଫୁଲିଆ ରାସ୍ତାର ଶ୍ମଶାନ ନିକଟରେ ନିର୍ମାଣ ହୋଇଥିବା ବିରାଟକାୟ କୃଷି ବଜାର ପ୍ରାଙ୍ଗଣ ଏବେ ଭୂତକୋଠି ରେ ପରିଣତ ହୋଇ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ଏହା ନିର୍ମାଣ ବେଳେ ଅଭିମୁଖ୍ୟ ରହିଥିଲା, ଭାପୁର ବ୍ଲକର କୃଷକମାନଙ୍କ ଠାରୁ ସରକାରଙ୍କ ଧାର୍ଯ୍ୟ ମୂଲ୍ୟରେ ଧାନକ୍ରୟ କରି ଗଚ୍ଛିତ ରଖିବା ପାଇଁ ଜିଲ୍ଲା ନିୟନ୍ତ୍ରିତ ବଜାର କମିଟି ବାହାଡାଝୋଲା ଦ୍ୱାରା ୪ ଏକରରୁ ଉର୍ଦ୍ଧ୍ୱ ଜମିରେ ୩୦ଲକ୍ଷ ଟଙ୍କା ଖର୍ଚ୍ଚରେ ଏହି ବଜାର ପ୍ରାଙ୍ଗଣ ନିର୍ମିତ ହୋଇଥିଲା। ଏହି ପ୍ରାଙ୍ଗଣରେ ୫୦୦ ମେଟ୍ରିକ ଟନ କ୍ଷମତା ବିଶିଷ୍ଟ ଗୋଦାମ ଗୃହ, ୨ଟି ସ୍ଥାନରେ ମଣ୍ଡି,ଖଳା ଏବଂ କାର୍ଯ୍ୟାଳୟ ଗୃହ ସହ ପାଚେରି ନିର୍ମାଣ କରାଯାଇଛି କିନ୍ତୁ ଆଜି ପର୍ଯ୍ୟନ୍ତ ତାହା ଚାଷୀ ଙ୍କ କାର୍ଯ୍ୟରେ ଲାଗିପାରିଲା ନାହିଁ ।ଗତ କିଛି ମାସ ତଳେ ବିଧାନସଭାର ଷ୍ଟାଣ୍ଡିଙ୍ଗ କମିଟି ଭାପୁର ଗସ୍ତ ସମୟରେ ଏଠାକାର ଚାଷୀମାନେ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା କୌଣସି ସୁଫଳ ମିଳିନାହିଁ। ଜିଲ୍ଲାର ଜିଲ୍ଲାପାଳ ବଦଳିବା ସହିତ ତିନି ତିନି ଥର ବିଧାୟକ ବଦଳିଲେଣି କିନ୍ତୁ ଭାପୁର ଅଂଚଳର ଜନସ୍ୱାର୍ଥ ଆଧାରିତ ବାହାଡାଝୋଲା ପ୍ରାଙ୍ଗଣ କାର୍ଯ୍ୟକ୍ଷମ କରିବା ପାଇଁ କାହାର ଇଚ୍ଛାଶକ୍ତି ନ ଥିବାଭଳି ମନେହୁଏ ।ବର୍ତ୍ତମାନ ଏହି ବଜାର ପ୍ରାଙ୍ଗଣର ମୁଖ୍ୟ ଫାଟକ ଭାଙ୍ଗିବା ସହିତ ଗୃହ ଗୁଡିକ ପରିତ୍ୟକ୍ତ ଅବସ୍ଥାରେ ପଡି ରହିଥିବାରୁ ବିଳମ୍ବିତ ରାତ୍ରୀ ପର୍ଯ୍ୟନ୍ତ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ଆଶା କରାଯାଏ ବର୍ତ୍ତମାନ ଯୋଗଦେଇଥିବା ନୂତନ ଜିଲ୍ଲାପାଳ ଏହି ସମସ୍ୟାକୁ ହୃଦୟଙ୍ଗମ କରି ବଜାର ପ୍ରାଙ୍ଗଣକୁ କାର୍ଯ୍ୟକ୍ଷମ କରିବା ଦିଗରେ ଚେଷ୍ଟା କରିବା ପାଇଁ ଭାପୁର ଅଞ୍ଚଳର ଚାଷୀମାନେ ଦାବି କରିଛନ୍ତି ।



## ‘ଘୁସଖୋର ପଣ୍ଡିତ’ର ମେକର୍ସଙ୍କୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

# କୌଣସି ବର୍ଗର ଲୋକଙ୍କୁ ଅପମାନିତ କରିବା ଭୁଲ୍’



ନୂଆଦିଲ୍ଲୀ,୧୨।୨: ମନୋଜ ବାଜପେୟୀଙ୍କ ଅଭିନୀତ ଫିଲ୍ମ ‘ଘୁସଖୋର ପଣ୍ଡିତ’ର ଟାଇଟଲକୁ ନେଇ ଜାରି ରହିଛି ବିବାଦ। ଗୁରୁବାରର ସୁପ୍ରିମକୋର୍ଟରେ ଏହାର ଶୁଣାଣି ହୋଇଥିଲା। ଏହି ଫିଲ୍ମକୁ ଓଟିଟି ପ୍ଲାଟଫର୍ମ ନେଟଫ୍ଲିକ୍ସରେ ରିଲିଜ୍ ଉପର ରୋକ ଲଗାଇବାର ଦାବି ହୋଇଛି। ଆବେଦନକାରୀଙ୍କ ପକ୍ଷରୁ କୁହାଯାଇଥିଲା ଯେ, ଏହି ଫିଲ୍ମ ପାଇଁ ସାମ୍ପ୍ରଦାୟିକ ସୌହାର୍ଦ୍ଦତା ଓ ସାମ୍ବିଧାନିକ ମୂଲ୍ୟ ବିପଦରେ ରହିଛି। ଏହା ବ୍ରାହ୍ମଣ ସମାଜକୁ ବଦନାମ କରୁଛି । ସୁପ୍ରିମକୋର୍ଟରେ ଶୁଣାଣି ବେଳେ ଫିଲ୍ମ ମେକର୍ସ ନୀରଜ ପାଣ୍ଡେ ଓ ନେଟଫ୍ଲିକ୍ସକୁ କଡ଼ା ଭର୍ତ୍ସନା କରିଛନ୍ତି। ସୁପ୍ରିମକୋର୍ଟ କହିଛନ୍ତି, ଏଭଳି ଟାଇଟଲ ବ୍ୟବହାର କରି ସମାଜର ଗୋଟିଏ ବର୍ଗକୁ ବଦନାମ କରିହେବନି। ଏଭଳି ନାଁ କେବଳ ପବ୍ଲିସିଟି ଷ୍ଟଣ୍ଟ ପାଇଁ ବଛାଯାଏ। ଯେପରି ବିବାଦ ହେବ। ଜଷ୍ଟିସ୍ ବିବି ନାଗରତ୍ନଙ୍କ ଖଣ୍ଡପୀଠ ‘ଘୁସଖୋର ପଣ୍ଡତ’ର ଫିଲ୍ମ ମେକରଙ୍କୁ କହିଛନ୍ତି, କୌଣସି ବର୍ଗକୁ ଅପମାନିତ କରିବା ଭୁଲ୍। ସମାଜରେ ପୂର୍ବରୁ ଅନେକ ଫାଟ ରହିଛି।ଏହାକୁ ଆହୁରି ବଢିବାକୁ ଦିଅନ୍ତୁ ନାହିଁ। କୋର୍ଟ ନୋଟିସ୍ ଜାରି କରିଛନ୍ତି ଓ କହିଛନ୍ତି, ଆପଣ ନାଁ ବଦଳିବା କଥା କହିଛନ୍ତି,ଆମକୁ କୁହନ୍ତୁ କ’ଣ ନାଁ ରଖିବାକୁ ଯାଉଛନ୍ତି ? ଏହା ବି କୁହନ୍ତୁ ଆପଣ କେଉଁ ଫିଲ୍ମରେ କେଉଁ ବର୍ଗ ବିଷୟରେ କୌଣସି ଆପତ୍ତିଜନକ କଥା ରଖିଛନ୍ତି କି ନାହିଁ। ଏହି ମାମଲାରେ ଆଗାମୀ ଶୁଣାଣି ୧୯ ଫେବୃଆରୀରେ ହେବ। ପୂର୍ବରୁ ମଙ୍ଗଳବାର ଦିଲ୍ଲୀ ହାଇକୋର୍ଟ ନେଟଫ୍ଲିକ୍ସର ଫିଲ୍ମ ‘ଘୁସଖୋର୍ ପଣ୍ଡିତ’ର ରିଲିଜ୍ ଏବଂ ଷ୍ଟ୍ରିମିଂ ଉପରେ ରୋକ ଲଗାଇବା ପାଇଁ ଏକ ଆବେଦନର ଶୁଣାଣି କରିଥିଲେ। ଆବେଦନରେ ଯୁକ୍ତି ଦିଆଯାଇଥିଲା ଯେ ଫିଲ୍ମର ଶୀର୍ଷକ ଏବଂ ପ୍ରସ୍ତାବିତ ବିଷୟବସ୍ତୁ ମାନହାନିକାରକ ଏବଂ ସାମ୍ପ୍ରଦାୟିକ ଭାବରେ ଆପତ୍ତିଜନକ। ଶୁଣାଣି ସମୟରେ, ନେଟଫ୍ଲିକ୍ସ କୋର୍ଟକୁ ଜଣାଇଥିଲା ଯେ ନିର୍ମାତାମାନେ ଫିଲ୍ମର ନାମ ପରିବର୍ତ୍ତନ କରିବାକୁ ପ୍ରସ୍ତୁତ। ପ୍ଲାଟଫର୍ମ ଖଣ୍ଡପୀଠକୁ ଆଶ୍ୱାସନା ଦେଇଥିଲା ଯେ ଶୀର୍ଷକ ପରିବର୍ତ୍ତନ କରାଯିବ। ଏହା ମଧ୍ୟ କହିଛି ଯେ ଫିଲ୍ମ ସହିତ ଜଡିତ ସମସ୍ତ ପ୍ରମୋସନାଲ ମ୍ୟାଟେରିଆଲ ପୂର୍ବରୁ ସୋସିଆଲ ମିଡିଆରୁ ହଟାଇ ଦିଆଯାଇଛି। ସୁପ୍ରିମକୋର୍ଟରେ ଏହି ଜନସ୍ୱାର୍ଥ ମାମଲା ବ୍ରାହ୍ମଣ ସମାଜ ଅଫ୍ ଇଣ୍ଡିଆର ଜାତୀୟ ସଂଗଠନ ସଚିବ ଅତୁଲ ମିଶ୍ରା ଦାୟର କରିଛନ୍ତି। ସେ ନେଟଫ୍ଲିକ୍ସ ରେ ରିଲିଜ୍ ହେବାକୁ ଥିବା ଏହି ଫିଲ୍ମ ଉପରେ ରୋକ ଲଗାଇବାର ଦାବି କରିଛନ୍ତି।

# ଜାନୁଆରୀରେ ୨.୭୫% ରହିଛି ଖୁଚୁରା ମୁଦ୍ରାସ୍ଫିତି



ନୂଆଦିଲ୍ଲୀ,୧୨।୨: ଭାରତରେ ଅଖିଳ ଭାରତୀୟ ଉପଭୋକ୍ତା ମୂଲ୍ୟ ସୂଚକାଙ୍କ (ସିପିଆଇ) ଉପରେ ଆଧାରିତ ଖୁଚୁରା ମୁଦ୍ରାସ୍ଫିତି ଜାନୁଆରୀ ୨୦୨୬ ରେ ବାର୍ଷିକ ଆଧାରରେ ୨.୭୫% ରହିଛି। ଏହି ସୂଚନା ପରିସଂଖ୍ୟାନ ଏବଂ କାର୍ଯ୍ୟକ୍ରମ କାର୍ଯ୍ୟାନ୍ୱୟନ ମନ୍ତ୍ରଣାଳୟ ପକ୍ଷରୁ ଗୁରୁବାର ଦିଆଯାଇଛି। ବେସ ଇୟରରେ ପରିବର୍ତ୍ତନ ପରେ ଏହା ପ୍ରଥମ ଖୁଚୁରା ମୁଦ୍ରାସ୍ଫୀତି ପରିସଂଖ୍ୟାନ। ସରକାର ୨୦୧୨ ରୁ ୨୦୨୪ କୁ ମୂଳ ବର୍ଷ ପରିବର୍ତ୍ତନ କରିଥିଲେ। ଡିସେମ୍ବରରେ ଖୁଚୁରା ମୁଦ୍ରାସ୍ଫୀତି ୧.୩୩ ପ୍ରତିଶତ ଥିଲା, କିନ୍ତୁ ଏହା ୨୦୧୨ ର ପୁରୁଣା ମୂଳ ବର୍ଷ ଉପରେ ଆଧାରିତ ଥିଲା। ପରିସଂଖ୍ୟାନ ଏବଂ କାର୍ଯ୍ୟକ୍ରମ କାର୍ଯ୍ୟାନ୍ୱୟନ ମନ୍ତ୍ରଣାଳୟର ତଥ୍ୟ ଅନୁଯାୟୀ, ଗ୍ରାମାଞ୍ଚଳରେ ଖୁଚୁରା ମୁଦ୍ରାସ୍ଫୀତି ୨.୭୩ ପ୍ରତିଶତ ଏବଂ ସହରାଞ୍ଚଳରେ ୨.୭୭ ପ୍ରତିଶତ ରହିଛି। ସେହିପରି ଜାନୁଆରୀରେ ଖାଦ୍ୟ ମୁଦ୍ରାସ୍ଫୀତି ୨.୨୩% ରହିଛି, ଯାହା ଗ୍ରାମାଞ୍ଚଳରେ ୧.୯୬ ପ୍ରତିଶତ ଏବଂ ସହରାଞ୍ଚଳରେ ୨.୨୪ % ଥିଲା। ସୂଚନା ଅନୁସାରେ, ଜାନୁଆରୀରେ ବାର୍ଷିକ ଆଧାରରେ ରସୁଣର ଦାମ୍ ୫୩.୦୫%,ପିଆଜର ଦାମ୍ ୨୯.୨୭%, ଆଳୁ ୨୮.୯୮% ଥିଲା। ସେଭଳି ହରଡର ଦାମ୍ ୨୪.୯୦ % ଏବଂ ମଟରର ଦାମ୍୧୫.୫୬% କମ୍ ହୋଇଛି। ଅନ୍ୟପକ୍ଷେ ଜାନୁଆରୀରେ ବାର୍ଷିକ ଆଧାରରେ ରୂପା ଅଳଙ୍କାର ୧୫୯.୬୭%,ଟମାଟର ୬୪.୮୦%, ସୁନା/ହୀରା/ପ୍ଲାଟିନମ୍ ଜୁଏଲାରୀ ୪୬.୭୭% ଓ ନଡିଆ ତେଲର ଦାମ୍ ୪୦.୪୪% ବଢିଛି। ମନ୍ତ୍ରଣାଳୟର ରିପୋର୍ଟ ଅନୁଯାୟୀ, ବାର୍ଷିକ ଆଧାରରେ ଜାନୁଆରୀରେ ପୋଷାକ ଏବଂ ଜୋତା ମୂଲ୍ୟରେ ୨.୯୮ ପ୍ରତିଶତ, ସ୍ୱାସ୍ଥ୍ୟସେବା ସେବାରେ ୨.୧୯ ପ୍ରତିଶତ, ପରିବହନରେ ୦.୦୯ ପ୍ରତିଶତ, ସୁପାରୀ/ତମାଖୁ ଭଳି ଉତ୍ପାଦରେ ୨.୮୬ ପ୍ରତିଶତ, ଗୃହ, ପାଣି, ବିଦ୍ୟୁତ୍ ଏବଂ ଅନ୍ୟାନ୍ୟ ଇନ୍ଧନରେ ୧.୫୩ ପ୍ରତିଶତ ବୃଦ୍ଧି ଘଟିଛି। ଜାନୁଆରୀରେ ସର୍ବାଧିକ ମୁଦ୍ରାସ୍ଫୀତି ହାର ଥିବା ପାଞ୍ଚଟି ରାଜ୍ୟ ହେଉଛି ତେଲେଙ୍ଗାନା (୪.୯୨ ପ୍ରତିଶତ), କେରଳ (୩.୬୭ ପ୍ରତିଶତ), ତାମିଲନାଡୁ (୩.୩୬ ପ୍ରତିଶତ), ରାଜସ୍ଥାନ (୩.୧୭ ପ୍ରତିଶତ) ଏବଂ କର୍ଣ୍ଣାଟକ (୨.୯୯ ପ୍ରତିଶତ)।

## ହ୍ୱାଟସଆପ ବ୍ୟାନ କଲା ଋଷିଆ

ନୂଆଦିଲ୍ଲୀ,୧୨।୨: ସୋସିଆଲ ମିଡିଆ ପ୍ଲାଟଫର୍ମ ହ୍ୱାଟସଆପକୁ ବ୍ୟାନ କଲା ଋଷିଆ । ୧୦ କୋଟି ୟୁଜର୍ସଙ୍କ ହ୍ୱାଟସଆପ ଆକାଉଣ୍ଟ ବ୍ୟାନ ନେଇ ସୂଚନା ଦିଆଯାଇଛି। ଏକ୍ସରେ ପୋଷ୍ଟ କରି ବ୍ୟାନ ସମ୍ପର୍କରେ ସୂଚନା ଦେଲା ମେଟା। ଆମେରିକାର ମେଟା ମାଲିକାନାରେ ଥିବା ଏହି ମେସେଜିଂ ପ୍ଲାଟଫର୍ମକୁ ଋଷରେ ୧୦ କୋଟିରୁ ଅଧିକ ଲୋକ ବ୍ୟବହାର କରନ୍ତି। ଏହାର ସମ୍ଭାବ୍ୟ ବନ୍ଦ ହେବା ଦ୍ୱାରା ୨୦୨୨ ମସିହାରେ ଫେସବୁକ୍ ଏବଂ ଇନଷ୍ଟାଗ୍ରାମ ଉପରେ ପୂର୍ବରୁ ନିଷେଧ ପରେ ପ୍ରମୁଖ ଆମେରିକୀୟ ଡିଜିଟାଲ୍ ଫାର୍ମଗୁଡ଼ିକ ସହିତ ମସ୍କୋର ମୁକାବିଲା ଆହୁରି ଘନିଷ୍ଠ ହେବ ।

## ପାସପୋର୍ଟ ତାଲିକାରେ ଭାରତୀୟ ପାସପୋର୍ଟ ୭୫ତମ ସ୍ଥାନରେ

ନୂଆଦିଲ୍ଲୀ,୧୨।୨: ବିଶ୍ୱର ପ୍ରଭାବଶାଳୀ ପାସପୋର୍ଟ ତାଲିକାରେ ଭାରତୀୟ ପାସପୋର୍ଟ ୭୫ତମ ସ୍ଥାନରେ ରହିଛି। ଚଳିତ ବର୍ଷ ଆରମ୍ଭ ବେଳକୁ ଏହି ତାଲିକାରେ ଭାରତ ୮୦ତମ ସ୍ଥାନରେ ଥିଲା। ମାସକ ଭିତରେ ସେଥିରେ ପାଞ୍ଚ ପାହାଚର ଉନ୍ନତି ଘଟିଥିବା ହେନଲି ପାସପୋର୍ଟ ଇଣ୍ଡେକ୍ସର ୨୦୨୬ ଫେବ୍ରୁଆରି ରିପୋର୍ଟରୁ ଜଣାପଡ଼ିଛି। ହେନଲି ଅନୁସାରେ ଯେଉଁ ଦେଶର ପାସପୋର୍ଟ ମାଧ୍ୟମରେ ଯେତେ ଅଧିକ ଦେଶକୁ ଭିସାମୁକ୍ତ ପ୍ରବେଶ ଅନୁମତି ମିଳିବ ତାହା ସେତେ ଶକ୍ତିଶାଳୀ। ତେବେ ଭାରତର ସର୍ବଶ୍ରେଷ୍ଠ ର୍ୟାଙ୍କ୍ ୨୦୦୬ରେ ୭୧ ଥିଲା। ତାପରଠାରୁ ଭାରତୀୟ ପାସପୋର୍ଟ ଏହି ତାଲିକାରେ ତଳକୁ ତଳକୁ ଖସିଥିଲା। ହେନଲି ତାଲିକା ଅନୁସାରେ ବିଶ୍ୱର ସବୁଠୁ ପ୍ରଭାବଶାଳୀ ପାସପୋର୍ଟ ହେଉଛନ୍ତି ସିଙ୍ଗାପୁରର ପାସପୋର୍ଟ। ସେଥିରେ ସର୍ବାଧିକ ୧୯୨ଟି ଦେଶକୁ ଭିସାମୁକ୍ତ ପ୍ରବେଶ ଅନୁମତି ରହିଛି। ତାଲିକାର ଦ୍ୱିତୀୟ ସ୍ଥାନରେ ଜାପାନ ଓ ଦକ୍ଷିଣ କୋରିଆ ରହିଥିବା ସହ ତୃତୀୟରେ ସ୍ୱିଡେନ, ୟୁଏଇ ରହିଛନ୍ତି। ଚତୁର୍ଥ ସ୍ଥାନରେ ବେଲଜିୟମ ଓ ସ୍ୱିଜରଲ୍ୟାଣ୍ଡ ଭଳି ୧୨ଟି ଦେଶର ନାମ ରହିଛି। ଆମେରିକା ପାସପୋର୍ଟ ଦଶମ ସ୍ଥାନରେ ରହିଛି। ତେବେ ମୋଟାମୋଟି ଭାବେ ଦେଖିଲେ ତାଲିକାରେ ଏସୀୟ ରାଷ୍ଟ୍ରଗୁଡ଼ିକର ଆଧିପତ୍ୟ ରହିଛି। ସିଙ୍ଗାପୁର, ଜାପାନ ଓ କୋରିଆ ପ୍ରଥମ ଦୁଇଟି ସ୍ଥାନ ଅକ୍ତିଆର କରିଛନ୍ତି। ଭିସାମୁକ୍ତ ପ୍ରବେଶର ଅର୍ଥ ହେଉଛି ଏହି ଦେଶଗୁଡ଼ିକର ବିଭିନ୍ନ ଦେଶ ସହ କୂଟନୈତିକ ସମ୍ପର୍କ ବହୁତ ଭଲ ରହିଛି। ବର୍ଷ ବର୍ଷ ଧରି ସେମାନଙ୍କ ର୍ୟାଙ୍କରେ ବିଶେଷ ପରିବର୍ତ୍ତନ ହେଉନାହିଁ। କିନ୍ତୁ କିଛି ବର୍ଷ ମଧ୍ୟରେ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକର ପାସପୋର୍ଟର ପ୍ରଭାବ କମ୍ ହେବାରେ ଲାଗିଛି। ୨୦୧୪ ବେଳକୁ ଆମେରିକା ଓ ବ୍ରିଟେନର ପାସପୋର୍ଟ ତାଲିକାର ଅଗ୍ରଣୀ ସ୍ଥାନରେ ଥିଲା। ଏବେ ସେମାନେ ଯଥେଷ୍ଟ ତଳକୁ ଖସିଆସିଛନ୍ତି।

## ରାଜପାଲ ଯାଦବଙ୍କୁ ମିଳିଲାନି ଜାମିନ ସୋମବାର ପର୍ଯ୍ୟନ୍ତ ଶୁଣାଣି ସ୍ଥଗିତ

ନୂଆଦିଲ୍ଲୀ,୧୨।୨: ବଲିଉଡ୍ ଅଭିନେତା ରାଜପାଲ ଯାଦବଙ୍କ ଜାମିନ ଆବେଦନ ମାମଲାରେ ଦିଲ୍ଲୀ ହାଇକୋର୍ଟ ସୋମବାର ପର୍ଯ୍ୟନ୍ତ ଶୁଣାଣିକୁ ସ୍ଥଗିତ କରିଛନ୍ତି। ଆଦାଲତ ଏହି ମାମଲାର ପରବର୍ତ୍ତୀ ଶୁଣାଣି ୧୬ ଫେବୃଆରୀରେ ନିର୍ଦ୍ଧାରଣ କରିଛନ୍ତି। ଶୁଣାଣି ସମୟରେ ଅଭିନେତାଙ୍କ ପକ୍ଷରେ ଉପସ୍ଥିତ ଓକିଲ କୋର୍ଟକୁ ଜଣାଇଥିଲେ ଯେ ସେ ତାଙ୍କ କ୍ଲାଏଣ୍ଟଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ କିନ୍ତୁ ତାଙ୍କ ସହ କଥା ହୋଇପାରିଲେ ନାହିଁ। ସେ କହିଥିଲେ ଯେ ଜାମିନ ଆବେଦନ ଦାଖଲ ହୋଇଛି ଏବଂ ପ୍ରତିପକ୍ଷକୁ ଉତ୍ତର ପ୍ରଦାନ ପାଇଁ ସମୟ ଦେବା ଆବଶ୍ୟକ।



ଏହାସହ ମାମଲାକୁ ସୋମବାର ପର୍ଯ୍ୟନ୍ତ ସ୍ଥଗିତ କରିବାକୁ ଅନୁରୋଧ କରାଯାଇଥିଲା। ଓକିଲ ଏହା କହିଥିଲେ କି ସେ ପରବର୍ତ୍ତୀ ତାରିଖରେ ବିସ୍ତୃତ ଦଲିଲ୍ ସହ ଆଦାଲତରେ ଉପସ୍ଥିତ ହେବେ। ଏହି ସମୟରେ ଦିଲ୍ଲୀ ହାଇକୋର୍ଟ କହିଥିଲେ, ଆମେ ଆପଣଙ୍କ ପ୍ରତି ସହାନୁଭୂତି ରଖିପାରୁ, କିନ୍ତୁ ଆଇନ୍ ତା ବାଟରେ ରହିବ। କୋର୍ଟର ପୂର୍ବ ଆଦେଶ ସତ୍ତ୍ୱେ ଆପଣ ସରେଣ୍ଡର କରିନଥିଲେ। ପରେ ପୁନର୍ବାର ଆଦେଶ ଜାରି ହେବା ପରେ ଆପଣ ସରେଣ୍ଡର କରିଥିଲେ।”ଉଲ୍ଲେଖଯୋଗ୍ୟ, ରାଜପାଲ ଯାଦବଙ୍କ ପକ୍ଷରୁ ତାଙ୍କ ବଡ଼ ଭାଇଙ୍କ ଝିଅର ବିବାହ ଅବସରରେ ଯୋଗଦେବା ପାଇଁ ଅନ୍ତରିଣ ଜାମିନ ଆବେଦନ କରାଯାଇଥିଲା। ଓକିଲ କୋର୍ଟକୁ ଏହା ମଧ୍ୟ ନିଶ୍ଚିତ କରିଥିଲେ ଯେ ଅବଶିଷ୍ଟ ରାଶି ଆଦାଲତରେ ଜମା କରିବାକୁ ସେମାନେ ପ୍ରସ୍ତୁତ ଅଛନ୍ତି। ଏହି ପରିସ୍ଥିତିରେ ବଲିଉଡ୍ ଇଣ୍ଡଷ୍ଟ୍ରି ସହିତ କିଛି ଅନ୍ୟ ଲୋକ ମଧ୍ୟ ସାହାଯ୍ୟର ହାତ ବଢ଼ାଇଥିବା ସୂଚନା ମିଳିଛି।

## ମୁର୍ଶିଦାବାଦରେ ବାବ୍ରି ମସଜିଦ ନିର୍ମାଣ ଆରମ୍ଭ

# ୨୨ କିମି ବାବ୍ରି ଯାତ୍ରାର ନେତୃତ୍ୱ ନେଲେ କବୀର



ନୂଆଦିଲ୍ଲୀ,୧୨।୨: ନିଲମ୍ବିତ ତୃଣମୂଳ କଂଗ୍ରେସ ବିଧାୟକ ହୁମାୟୁନ୍ କବୀର ମୁର୍ଶିଦାବାଦ ଜିଲ୍ଲାରେ ଏକ ମସଜିଦ ନିର୍ମାଣ କରୁଛନ୍ତି। ଏହି ମସଜିଦର ନାମ ବାବ୍ରୀ ମସଜିଦ ରଖାଯାଇଛି। ମସଜିଦ ନିର୍ମାଣ ଆରମ୍ଭ ହେବା ସହିତ, ପଶ୍ଚିମବଙ୍ଗରେ ଏକ ବାବ୍ରି ମସଜିଦ ରାଲି ମଧ୍ୟ ଆରମ୍ଭ ହୋଇଛି । ପୂର୍ବରୁ ନିଷ୍ପତ୍ତି ନିଆଯାଇଥିଲା ଯେ ରାଲି ଗୁରୁବାର ପୂର୍ବାହ୍ନ ୧୦ ଟାରେ ନଦିଆ ଜିଲ୍ଲାର ପଲାସିରୁ ଆରମ୍ଭ ହୋଇ ଉତ୍ତର ଦିନାଜପୁର ଜିଲ୍ଲାର ଇଟାହାରରେ ଶେଷ ହେବ। ବାବ୍ରି ରାଲି ୨୬୫ କିଲୋମିଟର ପରିବ୍ୟାପ୍ତ ହେବାର ଥିଲା। ତେବେ ପରେ ତାହାକୁ ୨୨ କିଲୋମିଟରକୁ ହ୍ରାସ କରାଯାଇଥିଲା। ରାଲିର ଫର୍ମାଟ ମଧ୍ୟ ପରିବର୍ତ୍ତନ କରାଯାଇଥିଲା। ପ୍ରାରମ୍ଭରେ, ପଲାସୀରୁ ଇଟାହାର ପର୍ଯ୍ୟନ୍ତ ରାଲିରେ ୧୦୦ଟି ଯାନ ରହିବାର ଯୋଜନା ଥିଲା, ପ୍ରତ୍ୟେକ ଯାନରେ ଡ୍ରାଇଭର ସମେତ ଛଅ ଜଣ ଲୋକ ଯାତ୍ରା କରିବେ। ଏହାର ଅର୍ଥ ହେଉଛି ମୋଟ ୬୦୦ ଲୋକ ଅଂଶଗ୍ରହଣ କରିବେ। ତେବେ ପରିବର୍ତ୍ତିତ କାର୍ଯ୍ୟସୂଚୀ ଅନୁଯାୟୀ, ବାବ୍ରି ଯାତ୍ରା ଏକ ସରଳ ଶୋଭାଯାତ୍ରାର ରୂପ ନେଇଥିଲା। ଗୁରୁବାର ରାଲି ପଲାସିରୁ ଆରମ୍ଭ ହୋଇ ମୁର୍ଶିଦାବାଦ ଜିଲ୍ଲାର ରେଜିନଗରରେ ଶେଷ ହୋଇଛି ।

## ପୁସ୍ତକ ଲେଖିବା ପୂର୍ବରୁ ଅନୁମତି ନେବେ ସେନା ଅଧିକାରୀ

ନୂଆଦିଲ୍ଲୀ,୧୨।୨ : ପୂର୍ବତନ ସେନା ମୁଖ୍ୟ ଜେନେରାଲ ମନୋଜ ମୁକୁନ୍ଦ ନରବାଣେଙ୍କ ଅପ୍ରକାଶିତ ପୁସ୍ତକ ‘ଫୋର୍ ଷ୍ଟାର୍ ଅଫ୍ ଡେଷ୍ଟିନି’କୁ ନେଇ ବିବାଦ ମଧ୍ୟରେ, ପ୍ରତିରକ୍ଷା ମନ୍ତ୍ରଣାଳୟ କଠୋର ନିୟମ ପ୍ରଣୟନ କରିବାକୁ ଯାଉଛି। ସେବାରତ କିମ୍ବା ଅବସରପ୍ରାପ୍ତ ପ୍ରତିରକ୍ଷା କର୍ମଚାରୀଙ୍କ ଦ୍ୱାରା ଲିଖିତ ପୁସ୍ତକ ପାଇଁ ମନ୍ତ୍ରଣାଳୟ ନୂତନ ନିର୍ଦ୍ଦେଶାବଳୀ ପ୍ରସ୍ତୁତ କରୁଛି। ପ୍ରସ୍ତାବିତ ନିୟମାବଳୀ ଅନୁଯାୟୀ, ବର୍ତ୍ତମାନ ସେବାରତ କିମ୍ବା ଅବସରପ୍ରାପ୍ତ ସୈନିକ ଓ ଅଧିକାରୀମାନଙ୍କୁ ପୁସ୍ତକ ଲେଖିବା ପୂର୍ବରୁ ମନ୍ତ୍ରଣାଳୟରୁ ଅନୁମତି ନେବାକୁ ପଡିବ। ଏହାର ଅର୍ଥ ହେଉଛି ଦେଶର ସୈନିକମାନେ ମନ୍ତ୍ରଣାଳୟରୁ ଅନୁମତି ପାଇବା ପରେ ହିଁ ଲେଖିପାରିବେ। ତଥାପି, ମନ୍ତ୍ରଣାଳୟ ଏପର୍ଯ୍ୟନ୍ତ ଏହି ବିଷୟରେ କୌଣସି ସରକାରୀ ବିବୃତ୍ତି ଜାରି କରିନାହିଁ। ତେବେ ଏହି ନିର୍ଦ୍ଦେଶାବଳୀ କାର୍ଯ୍ୟରତ ଓ ଅବସରପ୍ରାପ୍ତ କର୍ମଚାରୀ ଉଭୟଙ୍କ ପାଇଁ ପ୍ରଯୁଜ୍ୟ ହେବ। ପୁସ୍ତକ ପ୍ରକାଶ ପୂର୍ବରୁ ପାଣ୍ଡୁଲିପିର ଅନୁମୋଦନ ପାଇଁ ଏକ ସ୍ପଷ୍ଟ ପ୍ରକ୍ରିୟା ସ୍ଥିର କରାଯିବ, ଯେଉଁଥିରେ ପ୍ରତିରକ୍ଷା ମନ୍ତ୍ରଣାଳୟ କିମ୍ବା ସେନା ମୁଖ୍ୟାଳୟରୁ ଅନୁମତି ନେବା ଅନ୍ତର୍ଭୁକ୍ତ ହେବ। ଅବସରପ୍ରାପ୍ତ କର୍ମଚାରୀଙ୍କ ପାଇଁ ସମ୍ବେଦନଶୀଳ ସୂଚନା ସମ୍ବଳିତ ପୁସ୍ତକକୁ ‘ଏମ୍ଓଡି’ (ମେମୋରେଣ୍ଡମ୍ ଅଫ୍ ଡିପୋଜିଟ୍) ନିକଟରେ ଦାଖଲ କରିବା ବାଧ୍ୟତାମୂଳକ ହେବ।

## ‘ସ୍ୱଦେଶୀ ଏଆଇ’ ଶିକ୍ଷା କ୍ଷେତ୍ରରେ ବିପ୍ଳବ ଆଣିବ




ନୂଆଦିଲ୍ଲୀ,୧୨।୨: କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ଆଇଆଇଟି ଦିଲ୍ଲୀ ଗସ୍ତ କରି ଶିକ୍ଷା କ୍ଷେତ୍ରରେ ପରିବର୍ତ୍ତନ ଆଣୁଥିବା ଭାରତୀୟ ଏଆଇ ଷ୍ଟାର୍ଟ-ଅପ୍ ପ୍ରତିଷ୍ଠାତାମାନଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ଆଲୋଚନାରେ ସାମିଲ ହୋଇଛନ୍ତି । ଦେଶର ଶିକ୍ଷା ଓ ଦକ୍ଷତା ବିକାଶକୁ ଆଗକୁ ନେବାରେ ଏଆଇର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ଶ୍ରୀ ପ୍ରଧାନ ଏହି ଅବସରରେ କହିଛନ୍ତି । ‘ଭାରତରୁ ବିଶ୍ୱ ପାଇଁ’ ଆଭିମୁଖ୍ୟ ରଖି କାର୍ଯ୍ୟ କରୁଥିବା ଏହି ଷ୍ଟାର୍ଟ-ଅପ୍ ଗୁଡ଼ିକ ବିଶେଷ କରି ଶିକ୍ଷା ବ୍ୟବସ୍ଥାରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ର ପ୍ରୟୋଗ ଉପରେ ଦୃଷ୍ଟି ଦେଉଛନ୍ତି । ଏହି ଷ୍ଟାର୍ଟ-ଅପ୍ ପ୍ରତିଷ୍ଠାତାମାନେ ମଧ୍ୟବିତ୍ତ ପରିବାର ଏବଂ ଟିୟର-୩ ସହରରୁ ଆସିଥିବାରୁ ଶ୍ରୀ ପ୍ରଧାନ ଖୁସି ବ୍ୟକ୍ତ କରିଛନ୍ତି । ଭାରତର ବାସ୍ତବ ଶିକ୍ଷାଗତ ସମସ୍ୟା ସମାଧାନ କରିବାରେ ସେମାନଙ୍କର ବୁଝାମଣାକୁ ସେ ପ୍ରଶଂସା କରିଛନ୍ତି । ଭାରତୀୟ ସଂସ୍କୃତି, ଭାଷା ଏବଂ ପ୍ରସଙ୍ଗକୁ ଆଧାର କରି ନୂତନ ସମାଧାନ ପ୍ରସ୍ତୁତ କରିବାକୁ ସେ ଉଦ୍ୟୋଗୀମାନଙ୍କୁ ଉତ୍ସାହିତ କରିଛନ୍ତି । ଭାରତର ବୈଷୟିକ ସାର୍ବଭୌମତ୍ୱ ଏବଂ ଶିକ୍ଷା କ୍ଷେତ୍ରରେ ଡିଜିଟାଲ୍ ପବ୍ଲିକ୍ ଇନଫ୍ରାଷ୍ଟ୍ରକ୍ଚର (ଡିପିଆଇ) ଗଠନ ପାଇଁ ସରକାର ସମସ୍ତ ପ୍ରକାର ସହାୟତା ଯୋଗାଇଦେବେ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି । ‘ସ୍ୱଦେଶୀ ଏଆଇ’ ଶିକ୍ଷା କ୍ଷେତ୍ରରେ ବିପ୍ଳବ ଆଣିବ ବୋଲି ସେ କହିଛନ୍ତି ।

## ନାଟୋରେ ଚାଲିଛି ଆମେରିକାର ଦାଦାଗିରି: ଋଷ ବୈଦେଶିକ ମନ୍ତ୍ରୀ

ନୂଆଦିଲ୍ଲୀ,୧୨।୨: ଋଷର ବୈଦେଶିକ ମନ୍ତ୍ରୀ ସର୍ଗେଇ ଲାଭରୋଭ ସମ୍ପ୍ରତି ଆମେରିକା ଓ ପଶ୍ଚିମ ସାମରିକ ମେଣ୍ଟ ନାଟୋର କାର୍ଯ୍ୟକାରିତାକୁ ନେଇ କଡ଼ା ସମାଲୋଚନା କରିଛନ୍ତି। ସେ ଅଭିଯୋଗ କରିଛନ୍ତି, ନାଟୋରେ ନିଷ୍ପତ୍ତି ନେବା ପ୍ରକ୍ରିୟା ସ୍ୱାଧୀନ ନୁହେଁ। ଏହାର ଅଧିକାଂଶ ନିଷ୍ପତ୍ତି ଆମେରିକାର ପ୍ରଭାବରେ ନିଆଯାଇଥାଏ। ନାଟୋରେ ଆମେରିକାର ଦାଦାଗିରି ଚାଲିଛି। ଅପରପକ୍ଷରେ ଲାଭରୋଭ ବ୍ରିକ୍ସ ଓ ସାଂଘାଇ ସହଯୋଗ ସଂଗଠନ (ଏସସିଓ) ଭଳି ଗୋଷ୍ଠୀଗୁଡ଼ିକୁ ଅଧିକ ଗଣତାନ୍ତ୍ରିକ ଓ ସହମତି-ଭିତ୍ତିକ ଭାବରେ ବର୍ଣ୍ଣନା କରିଛନ୍ତି। ଏକ ଋଷୀୟ ୟୁଟ୍ୟୁବ୍ ଚ୍ୟାନେଲକୁ ସାକ୍ଷାତକାର ଦେଇ ଲାଭରୋଭ କହିଛନ୍ତି, ଅନ୍ତର୍ଜାତୀୟ ଚୁକ୍ତିନାମାଗୁଡ଼ିକୁ ପ୍ରାୟତଃ ବିଶ୍ୱବ୍ୟାପୀ ସଂଖ୍ୟାଗରିଷ୍ଠତା ବୋଲି କହୁଥିବା ଦେଶଗୁଡ଼ିକ ପାଳନ କରନ୍ତି। ତାଙ୍କ ଅନୁସାରେ,ବ୍ରିକ୍ସ, ଏସସିଓ ଏବଂ ସିଏସଟିଓ ଭଳି ସଂଗଠନଗୁଡ଼ିକରେ ଅଧିକାଂଶ ନିଷ୍ପତ୍ତି ସହମତି ଦ୍ୱାରା ନିଆଯାଇଥାଏ। ସେ କହିଛନ୍ତି, ଏହି ଫୋରମଗୁଡ଼ିକରେ କୌଣସି ଏକକ ଦେଶର ପ୍ରାଧାନ୍ୟରେ ନାହିଁ, ବରଂ ସଦସ୍ୟ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ଆଲୋଚନା ଓ ସହମତିକୁ ପ୍ରାଥମିକତା ଦିଆଯାଇଥାଏ । ଲାଭରୋଭ ନାଟୋକୁ ସମାଲୋଚନା କରି କହିଛନ୍ତି, ନାଟୋରେ ନିଷ୍ପତ୍ତି ନେବା ସହଜ କାରଣ ଆମେରିକାର ଶେଷ ମତ ଅଛି। ସେ ବ୍ୟଙ୍ଗାତ୍ମକ ଭାବରେ ମନ୍ତବ୍ୟ ଦେଇଛନ୍ତି, ନାଟୋରେ, ଆମେରିକା କୁହେ, ଚୁପ୍ ରୁହ। ଏଥିରୁ ସ୍ପଷ୍ଟ ଜଣାପଡୁଛି ବ୍ୟବସ୍ଥା କିପରି କାମ କରିଥାଏ।

## ସେନସେକ୍ସ ୪୦୦ ପଏଣ୍ଟକୁ ହ୍ରାସ

ନୂଆଦିଲ୍ଲୀ,୧୨।୨: ଭାରତୀୟ ଷ୍ଟକ ବଜାରରେ ଗୁରୁବାର ଏକ ବଡ ହ୍ରାସ ଦେଖିବାକୁ ମିଳିଥିଲା । ବିଏସଇ ସେନସେକ୍ସ ୪୬୫ ପଏଣ୍ଟ ହ୍ରାସ ପାଇଥିଲା । ଏନଏସଇ ନିଫ୍ଟି ୫୦ ୨୫,୮୨୧ ତଳେ କାରବାର କରିଥିଲା । ବାଣିଜ୍ୟ ଦିନ ସମୟରେ ଆଇଟି ଷ୍ଟକ ଗୁଡିକରେ ପ୍ରବଳ ବିକ୍ରୟ ଦେଖିବାକୁ ମିଳିଥିଲା । ନିଫ୍ଟିରେ ଇନଫୋସିସ, ଓ୍ୱିପ୍ରୋ ଏବଂ ଟେକ ମହିନ୍ଦ୍ରା ଭଳି ଆଇଟି ଷ୍ଟକ ୫ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ ପାଇଛି । ଏହା ବ୍ୟତୀତ , ବିଶ୍ୱ ସ୍ତରୀୟ ସଙ୍କେତ ନିବେଶକଙ୍କ ବିଶ୍ୱାସକୁ ଦୋହଲାଇ ଦେଇଛି । ଆଜି ଅନ୍ତର୍ଜାତୀୟ ବଜାରରେ ମନୋଭାବ ମଧ୍ୟ ଘରୋଇ ଷ୍ଟକ ବଜାରକୁ ସପକ୍ଷରେ ନଥିଲା । ଏସୀୟ ବଜାର ଗୁଡିକର ଚାପରେ ଥିଲା ଏବଂ ହଂକଂର ହ୍ୟାଙ୍ଗ ସେଙ୍ଗ ସୂଚକାଙ୍କ ଲାଲ ରଙ୍ଗରେ କାରବାର କରିଥିଲା । ଆମେରିକା ଏବଂ ଇରାନ ମଧ୍ୟରେ ଚାଲିଥିବା ଉତ୍ତେଜନା ଯୋଗୁଁ ତୈଳ ମୂଲ୍ୟ ବୃଦ୍ଧି ପାଇଛି । ବିଶ୍ୱ ସ୍ତରରେ ଗୁରୁବାର ବ୍ରେଣ୍ଟ ଅଶୋଧିତ ତୈଳ ମୂଲ୍ୟ ୦.୪୬ ପ୍ରତିଶତ ବୃଦ୍ଧି ପାଇ ବ୍ୟାରେଲ ପିଛା ୬୯.୭୨ରେ ପହଞ୍ଚିଛି । ଅଶୋଧିତ ତୈଳ ମୂଲ୍ୟ ବୃଦ୍ଧି ସେୟାର ବଜାର ଉପରେ ପ୍ରଭାବ ପକାଇଛି । ସକାଳ ପ୍ରାୟ ୧୧ଟା ୫୦ ସମୟରେ ଉଭୟ ପ୍ରମୁଖ ବେଞ୍ଚମାର୍କ ସୂଚକାଙ୍କ ଲାଲ ରଙ୍ଗରେ କାରବାର କରୁଥିଲେ । ବିଏସଇ ସେନସେକ୍ସ ୪୬୪.୫୪ ପଏଣ୍ଟ କିମ୍ବା ୦.୫୫ ପ୍ରତିଶତ ହ୍ରାସ ପାଇ ୮୩,୭୬୯.୧୦ରେ ପହଞ୍ଚିଥିଲା । ନିଫ୍ଟି ୫୦ ୧୨୯.୮୦ ପଏଣ୍ଟ କିମ୍ବା ୦.୫୦ ପ୍ରତିଶତ ହ୍ରାସ ପାଇ ୨୫,୮୨୪.୦୫ରେ ପହଞ୍ଚିଥିଲା ।

## ତଦନ୍ତକାରୀ ସଂସ୍ଥାର ରିପୋର୍ଟ

# ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣା ଉଦ୍ଦେଶ୍ୟମୂଳକ ଥିଲା



ନୂଆଦିଲ୍ଲୀ,୧୨।୨: ଅହମ୍ମଦାବାଦରେ ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣା ଯାନ୍ତ୍ରିକ ତ୍ରୁଟି ଯୋଗୁଁ ନୁହେଁ ବରଂ ଇଚ୍ଛାକୃତ ଥିଲା ବୋଲି ଏକ ରିପୋର୍ଟରେ ଦାବି କରାଯାଇଛି । ବିମାନ ଦୁର୍ଘଟଣା ଇତିହାସର ସବୁଠୁ ଭୟଙ୍କର ବିମାନ ଦୁର୍ଘଟଣା ଘଟଣା ମଧ୍ୟରୁ ଏହା ଗୋଟିଏ ଘଟଣା ଥିଲା । ଏହି ଦୁର୍ଘଟଣାର ତଦନ୍ତ କରୁଥିବା ଅଧିକାରୀମାନେ କହିଛନ୍ତି ଯେ, ବିମାନ ଇଞ୍ଜିନରେ ଇନ୍ଧନ ବନ୍ଦ ହେବା ଯାନ୍ତ୍ରିକ ତ୍ରୁଟି ଯୋଗୁଁ ନୁହେଁ ବରଂ ଏହା ଜାଣିଶୁଣି କରାଯାଇଥିଲା । ଇଟାଲୀୟ ଦୈନିକ ଖବରକାଗଜ ‘କୋରିଏର ଡେଲା ସେରା’ରେ ଏହି ରିପୋର୍ଟ ପ୍ରକାଶ ପାଇଛି। ନୂଆଦିଲ୍ଲୀ ଏବଂ ଓ୍ୱାସିଂଟନ ମଧ୍ୟରେ ହୋଇଥିବା ସଦ୍ୟତମ ଆଲୋଚନା ସମ୍ପର୍କିତ ଦୁଇଟି ସୂତ୍ରକୁ ଉଦ୍ଧୃତ କରି ଏହି ରିପୋର୍ଟ ଦେଇଛନ୍ତି । ତଥାପି ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ ପକ୍ଷରୁ ସରକାରୀ ରିପୋର୍ଟ ପ୍ରକାଶ ପାଇବା ପୂର୍ବରୁ କୌଣସି ନିଷ୍କର୍ଷରେ ପହଞ୍ଚିବା ତରବରିଆ ହେବ । ରିପୋର୍ଟ ଅନୁଯାୟୀ, ଭାରତୀୟ ତଦନ୍ତକାରୀ ନିଷ୍କର୍ଷରେ ପହଞ୍ଚିଛନ୍ତି ଯେ, ଗତବର୍ଷ ଜୁନରେ ହୋଇଥିବା ଏହି ଦୁର୍ଘଟଣା ଯାନ୍ତ୍ରିକ ତ୍ରୁଟି ଯୋଗୁ ହୋଇନଥିଲା। ତଦନ୍ତକାରୀ ଅଧିକାରୀ ସେମାନଙ୍କ ଚୂଡ଼ାନ୍ତ ରିପୋର୍ଟ ପ୍ରସ୍ତୁତ କରୁଛନ୍ତି। ତଦନ୍ତରେ ସହାୟତା କରୁଥିବା ଆମେରିକୀୟ ବିଶେଷଜ୍ଞମାନେ ଏହି ଫଳାଫଳକୁ ଏକ ସଫଳତା ଭାବେ ବର୍ଣ୍ଣନା କରିଛନ୍ତି ବୋଲି ଖବରକାଗଜରେ ରିପୋର୍ଟ ପ୍ରକାଶ ପାଇଛି । ଏୟାର ଇଣ୍ଡିଆ ଏୟାରଲାଇନ୍ସର ବୋଇଂ ୭୮୭ ଡ୍ରିମଲାଇନର୍ ୨୦୨୫ ଜୁନରେ ଅହମଦାବାଦ ବିମାନ ବନ୍ଦରରୁ ଉଡ଼ାଣ ଭରିବାର ମାତ୍ର କେଇ ସେକେଣ୍ଡ ଭିତରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ୨୬୦ ଜଣଙ୍କର ମୃତ୍ୟୁ ହୋଇଥିଲା। ମୃତକଙ୍କ ମଧ୍ୟରେ ବିମାନ ଯାତ୍ରୀ ଓ ବିମାନ ଧକ୍କା ଦେଇଥିବା ମେଡିକାଲ ହଷ୍ଟେଲର ଛାତ୍ର ଥିଲେ। ଜଣେ ମାତ୍ର ବିମାନ ଯାତ୍ରୀ ଏଥିରେ ବଞ୍ଚି ଯାଇଥିଲେ। ଜୁଲାଇ ୨୦୨୫ରେ ଭାରତର ବିମାନ ଦୁର୍ଘଟଣା ତଦନ୍ତ ବ୍ୟୁରୋ (ଏଏଆଇବି) ପକ୍ଷରୁ ଜାରି ପ୍ରାଥମିକ ରିପୋର୍ଟରେ କୁହାଯାଇଥିଲା ଯେ, କକ୍ପିଟ୍ରେ ଦୁଇ ପାଇଲଟଙ୍କ ମଧ୍ୟରେ ଅନ୍ତିମ ବାର୍ତ୍ତାରେ ଜଣେ ପାଇଲଟ ଅନ୍ୟ ଜଣଙ୍କୁ କାହିଁକି ଇନ୍ଧନ ସ୍ୱିଚ୍ ବନ୍ଦ କରିଦେଲ ବୋଲି ପଚାରୁଥିବାବେଳେ ସେହି ପାଇଲଟ ଜଣକ ମୁଁ ଏମିତି କରିନାହିଁ ବୋଲି କହୁଥିବା କକପିଟ୍ ଭଏସ୍ ରେକର୍ଡିଂରୁ ଜାଣିବାକୁ ମିଳିଥିଲା । ଇଟାଲୀୟ ଖବରକାଗଜ ରିପୋର୍ଟରେ କୁହାଯାଇଛି ଯେ, ଜଣେ ପାଇଲଟ ଇନ୍ଧନ ନିୟନ୍ତ୍ରଣ ସ୍ୱିଚ୍ ବନ୍ଦ କରିଦେଇଥିବାରୁ ବିମାନଟି ଶକ୍ତି ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା ବୋଲି ତଦନ୍ତକାରୀ ନିଷ୍କର୍ଷରେ ପହଞ୍ଚିଛନ୍ତି। କ୍ୟାପଟେନ୍ ସୁମିତ ସବରୱାଲ ଏହି ବିମାନର ମୁଖ୍ୟ ପାଇଲଟ ଥିବାବେଳେ ଫାଷ୍ଟ ଅଫିସର କ୍ଲାଇଭ୍ କୁନ୍ଦର ସହାୟକ ପାଇଲଟ ଥିଲେ। ତେବେ ଘଟଣା ଅସ୍ପଷ୍ଟ ଥିଲେ ମଧ୍ୟ କ୍ୟାପଟେନ ସୁମିତ ସବରୱାଲଙ୍କ ଉପରେ ସନ୍ଦେହ ପ୍ରକାଶ କରାଯାଇଛି। ଦୁର୍ଘଟଣାର ମାସକ ପରେ କ୍ୟାପଟେନ ସୁମିତ୍ ପତ୍ନୀଙ୍କ ସହିତ ଛାଡ଼ପତ୍ର ପରେ ମାନସିକ ଅବସାଦଗ୍ରସ୍ତ ଥିବା ଜଣାପଡ଼ିଥିଲା। ଏଏଆଇବି ରିପୋର୍ଟ ଆସିବା ପରେ ପାଇଲଟ ଆସୋସିଏସନ୍ ଓ ସୁମିତଙ୍କ ବାପା ଏହି ଅଭିଯୋଗକୁ ଖଣ୍ଡନ କରି ପୁଣି ଥରେ ତଦନ୍ତ କରିବାକୁ ଦାବି କରିଥିଲେ ।

## ଓଭରବ୍ରିଜ୍ କଡରୁ ଲୁହାରଡ୍ ଚୋରି, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର(ନିପ୍ର): ଓଭରବ୍ରିଜ କଡରେ ଲାଗିଥିବା ଲୁହା ରଡ ଚୋରି କରିବା ଅଭିଯୋଗରେ ଶହୀଦନଗର ଥାନା ପୁଲିସ ଦୁଇ ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ କୌଶିକ ନାୟକ ଓ ରବି ସାହୁ । ପୁଲିସ ଏନେଇ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି । ସୂଚ଼ନାଯୋଗ୍ୟ ଯେ, ବୁଧବାର ମଧ୍ୟରାତ୍ରି ପ୍ରାୟ ୨.୧୫ ଟା ସମୟରେ, ଏଏସଆଇ ପୁଷ୍ପଲତା ପାଇକରାୟ ଓ ତାଙ୍କ ସହ କର୍ମଚ଼ାରୀମାନେ ସହିଦନଗର ଥାନା ଅଞ୍ଚଳରେ ରାତ୍ରି ପାଟ୍ରୋଲିଂ ଡ୍ୟୁଟିରେ ଥିବା ସମୟରେ, ବିଶ୍ୱସ୍ତ ସୂତ୍ରରୁ ସୂଚ଼ନା ପାଇଥିଲେ ଯେ ଦୁଇଜଣ ବ୍ୟକ୍ତି ଭିଏସଏସ୍ ନଗର ଫ୍ଲାଏଓଭର ବ୍ରିଜ ତଳେ ଲାଗିଥିବା ଲୁହା ସୀମାକାନ୍ଥ ଗ୍ରୀଲ ଭାଙ୍ଗି ବାହାର କରି ଏକ ସ୍କୁଟିରେ ପରିବହନ କରିବାକୁ ଚେଷ୍ଟା କରୁଛନ୍ତି । ସୂଚ଼ନା ଉପରେ କାର୍ଯ୍ୟ କରି, ପାଟ୍ରୋଲିଂ ଦଳ ଘଟଣାସ୍ଥଳରେ ପହଞ୍ଚି ଏକ ସ୍କୁଟିରେ ଚୋରି ହୋଇଥିବା ଲୁହା ଗ୍ରୀଲ ନେଇ ଯାଉଥିବା ଦୁଇଜଣ ବ୍ୟକ୍ତିଙ୍କୁ ଦେଖିଥିଲେ । ପୋଲିସକୁ ଦେଖି ସେମାନେ ତାରିଣୀ ବସ୍ତି ଦିଗକୁ ଏକ ସଂକୀର୍ଣ୍ଣ ଗଳି ମାର୍ଗରେ ପଳାଇବାକୁ ଚେଷ୍ଟା କରିଥିଲେ, କିନ୍ତୁ ଜଣେ ଅଭିଯୁକ୍ତ କୌଶିକ ନାଏକ ସ୍କୁଟି ଏବଂ ଚୋରି ହୋଇଥିବା ଲୁହା ସାମଗ୍ରୀ ସହିତ ଧରାପଡ଼ିଥିଲେ । ପଚ଼ରାଉଚ଼ରା ସମୟରେ, ସେ ତାଙ୍କ ସହଯୋଗୀ ରବି ସାହୁଙ୍କ ସମ୍ପୃକ୍ତି ପ୍ରକାଶ କରିଥିଲେ, ଯାହାକୁ ପରେ ଭିଏସଏସ୍ ନଗର ଆଉଟ୍ ପୋଷ୍ଟ ନିକଟରୁ ଗିରଫ କରାଯାଇଥିଲା । ଜବତ ସ୍କୁଟି ଓ ଚୋରି ହୋଇଥିବା ସମ୍ପତ୍ତି ସହିତ ଉଭୟ ଅଭିଯୁକ୍ତଙ୍କୁ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଶହୀଦନଗର ଥାନାକୁ ଅଣାଯାଇଥିଲା । ତଦନ୍ତ ସମୟରେ, ସ୍କୁଟିର ମାଲିକାନା ଯାଞ୍ଚ କରାଯାଇଥିଲା ଏବଂ ଏହା ଅଭିଯୁକ୍ତ ରବି ସାହୁଙ୍କ ନାମରେ ପଞ୍ଜୀକୃତ ଥିବା ଜଣାପଡ଼ିଥିଲା । ପଚ଼ରାଉଚ଼ରା ସମୟରେ ଉଭୟ ଅଭିଯୁକ୍ତ ନିଜମାନଙ୍କ ସମ୍ପୃକ୍ତି ସ୍ୱୀକାର କରିଥିଲେ ।

## ବନ୍ଧୁକ ଦେଖାଇ ମହିଳାଙ୍କ ଠାରୁ ଲୁଟ୍, ଜଣେ ଗିରଫ

ଭୁବନେଶ୍ୱର(ନିପ୍ର): ଫୁଲ ତୋଳୁଥିବା ବେଳେ ମହିଳାଙ୍କୁ ବନ୍ଧୁକ ଦେଖାଇ ସୁନା ଚେନ ଲୁଟ କରିବା ଅଭିଯୋଗରେ ନୂଆପଲ୍ଲୀ ପୁଲିସ ଜଣକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ଅଶୋକ ବେହେରା । ପୁଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି । ଅଭିଯୋଗକାରୀ ମନୋରଞ୍ଜନ ବଳବନ୍ତରାୟ (୩୯)ଙ୍କ ରିପୋର୍ଟ ଆଧାରରେ ଉପରୋକ୍ତ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯାଇଥିଲା । ସୂଚ଼ନାଯୋଗ୍ୟ ଯେ, ଗତ ତା ୦୪.୦୨.୨୦୨୬ ସକାଳ ୦୫:୦୦ ରୁ ୦୫:୩୦ ମଧ୍ୟରେ, ଅଭିଯୋଗକାରୀ ମନୋରଞ୍ଜନ ବଳବନ୍ତରାୟଙ୍କ ମାଆ ତାଙ୍କ ଘର କମ୍ପାଉଣ୍ଡ ଭିତରେ ଫୁଲ ତୋଳୁଥିବା ବେଳେ ଜଣେ ଅଜଣା ଦୁର୍ବୃତ୍ତ କଳା ଜ୍ୟାକେଟ୍ ପିନ୍ଧି ଜୋରଜବରଦସ୍ତ ଭାବେ ପରିସରକୁ ପ୍ରବେଶ କରିଥିଲେ । ସେ ତାଙ୍କୁ ପିସ୍ତଲ ଦେଖାଇ ଭୟଭୀତ କରିବା ସହ ହତ୍ୟା ଧମକ ଦେଇଥିଲେ ଏବଂ ତାଙ୍କର ସୁନା କାନଫୁଲ ଓ ନକଲି ଚୁଡ଼ି ଜୋରଜବରଦସ୍ତ ଭାବେ ଛିନିନେଇ ଘର ପଛ ପାର୍ଶ୍ୱ ଦେଇ ପଳାଇଯାଇଥିଲେ । ଏହି ଘଟଣାରେ ପରିବାର ସଦସ୍ୟମାନଙ୍କ ମଧ୍ୟରେ ଭୟ ଓ ଆତଙ୍କ ସୃଷ୍ଟି ହୋଇଥିଲା । ତଦନ୍ତ ସମୟରେ, ନିକଟସ୍ଥ ଅଞ୍ଚଳର ସିସିଟିଭି ଫୁଟେଜ୍ ଯାଞ୍ଚ କରାଯାଇଥିଲା । ଏଥିରେ ଜଣେ ଲମ୍ବା ଓ ପତଳା ଦେହର ଦୁର୍ବୃତ୍ତ କଳା ହୁଡି ଓ ଜ୍ୟାକେଟ୍ ପିନ୍ଧି ବନ୍ଧୁକ ସଦୃଶ ବସ୍ତୁ ଧରି ଧଳା ରଙ୍ଗର ଆଭେନିସ୍ ସ୍କୁଟିରେ ପଳାଇଯାଉଥିବା ସ୍ପଷ୍ଟ ଦେଖାଯାଇଥିଲା । ଗୁରୁବାର ସକାଳ ପ୍ରାୟ ୦୪:୪୫ ସମୟରେ, ଭିଆଇପି କଲୋନି ନିକଟରେ ପାଟ୍ରୋଲିଂ କରୁଥିବା ବେଳେ, ସେହି ସ୍କୁଟିରେ ଡକାୟତି ଉଦ୍ଦେଶ୍ୟରେ ଜଣେ ସନ୍ଦିଗ୍ଧ ବ୍ୟକ୍ତି ଘୁରୁଥିବା ସମ୍ପର୍କରେ ନିର୍ଭରଯୋଗ୍ୟ ସୂଚ଼ନା ମିଳିଥିଲା । ସୂଚ଼ନା ଆଧାରରେ ପୋଲିସ ସିଆରପି ଛକ ନିକଟରେ ଅଭିଯୁକ୍ତ ଅଶୋକ କୁମାର ବେହେରାଙ୍କୁ ଗିରଫ କରିଥିଲେ ।

## ନାବାଳିକାକୁ ଅପହରଣ, ଅଭିଯୁକ୍ତ ଧରାପଡ଼ିଲା

ଭୁବନେଶ୍ୱର(ନିପ୍ର): ପ୍ରଲୋଭନ ଦେଖାଇ ନାବାଳିକାକୁ ଅପହରଣ କରିବା ଅଭିଯାଗରେ ଶ୍ରୀଲିଙ୍ଗରାଜ ଥାନା ପୁଲିସ ଅଭିଯୁକ୍ତକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ତପନ ଦାସ ଓରଫ ସିଲୁ । ପୁଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି । ଗତ ୧୦ ତାରିଖରେ ଭୀମଟାଙ୍ଗି ଅଞ୍ଚଳର ଅଭିଯୋଗକାରିଣୀଙ୍କ ପ୍ରାୟ ୧୪ ବର୍ଷ ବୟସର ନାବାଳିକା ଝିଅ, କେଦାର ଗୌରୀ ଅଞ୍ଚଳସ୍ଥ ଗୋଟିଏ ସ୍କୁଲକୁ ପାଠପଢ଼ା ପାଇଁ ଯାଇଥିଲେ, କିନ୍ତୁ ସେହି ଦିନ ଘରକୁ ଫେରିନଥିଲେ । ପରବର୍ତ୍ତୀ ଯାଞ୍ଚରେ ସ୍କୁଲ କର୍ତ୍ତୃପକ୍ଷ ନିଶ୍ଚିତ କରିଥିଲେ ଯେ ନାବାଳିକା ସେହି ଦିନ କ୍ଲାସରେ ଉପସ୍ଥିତ ହୋଇନଥିଲେ । ଅଭିଯୋଗକାରିଣୀ ସନ୍ଦେହ ପ୍ରକାଶ କରିଥିଲେ ଯେ ତପନ ଦାସ ଉର୍ଫ ସିଲୁ ତାଙ୍କ କନ୍ୟାଙ୍କୁ ଅପହରଣ କରିଥାଇପାରନ୍ତି, କାରଣ ସେ ପୂର୍ବରୁ ଏପରି କରିବାକୁ ଧମକ ଦେଇଥିଲେ । ତଦନ୍ତ କାଳରେ ନିଖୋଜ ନାବାଳିକାଙ୍କୁ ଖୋଜିବା ପାଇଁ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯାଇଥିଲା । ବିଶ୍ୱସ୍ତ ସୂଚ଼ନା ଆଧାରରେ ଏକ ପୋଲିସ ଦଳ ନାବାଳିକା ପୀଡିତାଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ ଏବଂ ଅଭିଯୁକ୍ତ ତପନ ଦାସ ଓରଫ ସିଲୁଙ୍କୁ କେଉଁଝର ଜିଲ୍ଲାର ଘସିପୁରା ଥାନା ଅଞ୍ଚଳରୁ ଗିରଫ କରାଯାଇଥିଲା । ପଚ଼ରାଉଚ଼ରା ସମୟରେ ଅଭିଯୁକ୍ତ ଘଟଣାରେ ନିଜ ସମ୍ପୃକ୍ତି ସ୍ୱୀକାର କରିଥିଲେ । ତଦନ୍ତରୁ ପ୍ରକାଶ ପାଇଛି ଯେ ଅଭିଯୁକ୍ତ ନାବାଳିକାଙ୍କୁ ପ୍ରଲୋଭନ ଦେଇ ନିଜ ସହିତ ନେଇଯାଇ ବିଭିନ୍ନ ସ୍ଥାନକୁ ବୁଲାଇନେଇଥିଲେ ଏବଂ ତାଙ୍କୁ ଅବୈଧ ଭାବେ ବନ୍ଦୀ କରିରଖିଥିଲେ । ଅଧିକ ତଦନ୍ତ ସମୟରେ ଅଭିଯୁକ୍ତଙ୍କ ହେପାଜତରୁ ଗୋଟିଏ ମୋଟରସାଇକେଲ ଏବଂ ଗୋଟିଏ ମୋବାଇଲ୍ ଫୋନ୍ ଜବତ କରାଯାଇଥିଲା ।

---

**ଜମି ଜାଲିଆତି ମାମଲା**

# ଗୟା ଜେନାଙ୍କୁ ୩ବର୍ଷ କାରାଦଣ୍ଡ

ଭୁବନେଶ୍ୱର(ନିପ୍ର): ଆଜି, ବିଚ଼ାରପତି ସୋମେଶ ସୌମ୍ୟଜିତ ପଣ୍ଡା, ଜେ.ଏମ.ଏଫ୍.ସି. (ଚ଼ତୁର୍ଥ), ଭୁବନେଶ୍ୱର, ଗତ ୨୦୨୧ ବର୍ଷ ନଭେମ୍ବର ମାସରେ ଭୁବନେଶ୍ୱର ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ହୋଇଥିବା ଜମି ଜାଲିଆତି ମାମଲାର ବିଚ଼ାର କରି ଆସାମୀ ଗୟାଧର ଜେନାଙ୍କୁ ୩ ବର୍ଷର ସଜା ଶୁଣାଇଛନ୍ତି । ଘଟଣାର ଅନ୍ତରାଳେ: ଜଗତସିଂହପୁର ଜିଲ୍ଲା କୁଜଙ୍ଗ ଥାନା ଅନ୍ତର୍ଗତ, ଜନାର୍ଦ୍ଦନପୁରର ଅଭିଯୋଗକାରୀ ଦୀପକ କୁମାର ମିଶ୍ର ଅଭିଯୋଗ କରିଥିଲେ ଯେ, ୨୦୧୦ ମସିହାରେ ସେ ସରଳା ରିଅଲକନ୍ ପ୍ରାଇଭେଟ୍ ଲିମିଟେଡର ଜଣେ ମାର୍କେଟିଂ କାର୍ଯ୍ୟନିର୍ବାହୀଙ୍କ ସହିତ ଯୋଗାଯୋଗ କରିଥିଲେ ଏବଂ ପରବର୍ତ୍ତୀ ସମୟରେ ଅଭିଯୁକ୍ତ ଗୟାଧର ଜେନାଙ୍କୁ ଭେଟିଥିଲେ । ବିସ୍ତୃତ ଆଲୋଚ଼ନା ପରେ, ସେ ପ୍ରତି ବର୍ଗଫୁଟ ୪୦୦ ଟଙ୍କା ମୂଲ୍ୟରେ ୧୫୦୦ ବର୍ଗଫୁଟ ଜମି କିଣିବାକୁ ରାଜି ହୋଇଥିଲେ ଏବଂ ସେହି ଅନୁସାରେ ସେ ସମ୍ପୂର୍ଣ୍ଣ ବିନିମୟ ରାଶି କିସ୍ତିରେ ପ୍ରଦାନ କରିଥିଲେ । ତଥାପି, ସମ୍ପୂର୍ଣ୍ଣ ଦେୟ ରାଶି ଗ୍ରହଣ କରିବା ସତ୍ତ୍ୱେ ଅଭିଯୁକ୍ତ ଅଭିଯୋଗକାରୀଙ୍କ ସପକ୍ଷରେ ବିକ୍ରୟ ପତ୍ର କାର୍ଯ୍ୟକାରୀ କିମ୍ବା ପଞ୍ଜୀକୃତ କରିନଥିଲେ । ବାରମ୍ବାର ଅନୁରୋଧ ଏବଂ ଦାବି ସତ୍ତ୍ୱେ, ଅଭିଯୁକ୍ତ ଜମି ପଞ୍ଜୀକୃତ କରିନଥିଲେ କିମ୍ବା ଦେୟ ରାଶି ଫେରସ୍ତ କରିନଥିଲେ । ଏହା ଫଳରେ ଅଭିଯୁକ୍ତ ଗୟାଧର ଜେନା ଅଭିଯୋଗକାରୀଙ୍କୁ ଠକିଥିବା ଜଣାପଡିଥିଲା । କୌଣସି ପ୍ରତିକାର ନମିଳିବାରୁ ଅଭିଯୋଗକାରୀ ଆଇନଗତ ପଦକ୍ଷେପ ନେବା ପାଇଁ ଥାନାରେ ମାମଲା ରିପୋର୍ଟ କରିଥିଲେ । ଅଭିଯୋଗକାରୀଙ୍କ ରିପୋର୍ଟ ଆଧାରରେ ଲକ୍ଷ୍ମୀସାଗର ଥାନା ଆଇ.ଆଇ.ସି.ଙ୍କ ଦ୍ୱାରା ଲକ୍ଷ୍ମୀସାଗର ଥାନା ମାମଲା ନଂ ୩୫୯, ତାରିଖ ୧୮.୧୧.୨୦୨୧ ରେ ଆଇପିସି ଧାରା ୪୬୭/୪୨୦ ଅନୁସାରେ ମାମଲା ରୁଜୁ କରାଯାଇଥିଲା । ମାମଲାର ପ୍ରାଥମିକ ତଦନ୍ତ ଭାର ଥାନାର ଏସ୍.ଆଇ. ଶ୍ରୀମତୀ ପ୍ରିୟଦର୍ଶିନୀ ବେହେରାଙ୍କୁ ଦିଆଯାଇଥିଲା । ତଦନ୍ତ କାଳରେ ଆସାମୀ ଗୟାଧର ଜେନାଙ୍କୁ ତା ୨୪.୧୧.୨୦୨୧ ରିଖରେ ଗିରଫ କରାଯାଇଥିଲା ଏବଂ ମାନ୍ୟବର ଅଦାଲତରେ ତା ୨୪.୧୨. ୨୦୨୧ ରିଖରେ ବିଚ଼ାର ପାଇଁ ଚ଼ାର୍ଜସିଟ୍ ଦାଖଲ କରାଯାଇଥିଲା । ଉପରୋକ୍ତ ମାମଲାର ବିଚ଼ାର କରି, ମାନ୍ୟବର ଅଦାଲତ ଘଟଣା ସହିତ ସଂପୃକ୍ତ ୫ ଜଣ ବିଭିନ୍ନ ସାକ୍ଷୀ ଓ ୧୪ ଟି ପ୍ରଯୁଜ୍ୟ ଦସ୍ତାବିଜ ଆଧାରରେ ଆସାମୀ ଗୟାଧର ଜେନାଙ୍କୁ ଆଇପିସିର ଧାରା ୪୨୦ ଅନୁଯାୟୀ ୩ ବର୍ଷ ସଶ୍ରମ କାରାଦଣ୍ଡ ସହିତ ୧୦,୦୦୦ ଟଙ୍କା ଜୋରିମନା ଆଦେଶ ଦେଇଛନ୍ତି ଏବଂ ଜୋରିମନା ଅନାଦେୟ କ୍ଷେତ୍ରରେ ଅତ୍ୟଧିକ ୪ ମାସର ସହଜ କାରାଦଣ୍ଡ ଲାଗି ମଧ୍ୟ ଆଦେଶ ଦେଇଛନ୍ତି । ଏହି ମାମଲାକୁ ସରକାରଙ୍କ ତରଫରୁ ଅତିରିକ୍ତ ପବ୍ଲିକ୍ ପ୍ରୋସିକ୍ୟୁଟର ଶ୍ରୀ ନିରଞ୍ଜନ ବେହେରା ପରିଚ଼ାଳନା କରିଥିଲେ । ଏଠାରେ ପ୍ରକାଶ ଥାଉକି, ଆସାମୀ ଗୟାଧର ଜେନା ଜଣେ କୁଖ୍ୟାତ ଜମି ମଫିଆ ଓ ଠକ ଭାବେ ପରିଚ଼ିତ । ତାଙ୍କ ନାମରେ ଭୁବନେଶ୍ୱରର ବିଭିନ୍ନ ଥାନା ଯଥା ସହୀଦନଗର, ଲକ୍ଷ୍ମୀସାଗର, ଏବଂ ବଡଗଡ ଥାନାରେ ୩୦ରୁ ଅଧିକ ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି । ସେହିପରି ନିକଟ ଅତୀତରେ ଲକ୍ଷ୍ମୀସାଗର ଥାନା ମାମଲା ନଂ ୪୦୯/୨୦୨୧ ରେ ତାଙ୍କ ବିରୋଧରେ ମାନ୍ୟବର ଅଦାଳତଙ୍କ ଦ୍ୱାରା ୩ (ତିନି) ବର୍ଷର ସଜା ଦଣ୍ଡାଦେଶ ଶୁଣାଣି ହୋଇସାରିଛି । ସୂଚ଼ନାଯୋଗ୍ୟ ଯେ, ଗତବର୍ଷ ୧୦୦ଟି ରୁ ଉର୍ଦ୍ଧ୍ୱ ମାମଲାରେ ଦୋଷୀ ମାନଙ୍କୁ ସଜା ଦିଆଯାଇ ପାରିଥିବା ବେଳେ, ଭୁବନେଶ୍ୱର ସହରାଞ୍ଚଳ ଜିଲ୍ଲା ତରଫରୁ ଦୋଷୀଙ୍କୁ ସଜା ହୋଇଥିବା ଚ଼ଳିତ ବର୍ଷର ଏହା ହେଉଛି ୧୯ ତମ ମାମଲା ।

---

# ରଣ ପରିଶୋଧ ପରେ ଗ୍ରାହକଙ୍କୁ ବ୍ୟାଙ୍କର ନୋଟିସ୍ !

## ଆଇନର ଆଶ୍ରୟ ନେବେ ଗ୍ରାହକ !

ଟାଙ୍ଗୀ(ନିପ୍ର): ଗ୍ରାମାଞ୍ଚଳରେ ସାଧାରଣ ଲୋକମାନେ ବ୍ୟାଙ୍କ ଓ ଡ଼ାକ ବିଭାଗ ବ୍ୟାଙ୍କ ଉପରେ ଆଶା ଓ ଭରସା କରି ଟଙ୍କା ଜମା କରିବା ସହ ରଣ ଆଣିଥାନ୍ତି ଓ ପରିଶୋଧ କରିଥାନ୍ତି । ହେଲେ ବ୍ୟାଙ୍କର ରଣ ପରିଶୋଧ ପରେ ବି କର୍ତ୍ତୃପକ୍ଷ ପଦକ୍ଷେପ ନେବା ନେଇ ଜଣେ ହିତାଧିକାରୀଙ୍କୁ ଦେଇଥିବା ନୋଟିସ ଘଟଣା ଏବେ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଯେତିକି ମହଙ୍ଗା ପଡିଛି ତାଠାରୁ ଅଧିକ ବ୍ୟାଙ୍କର ମନମୁଖୀ ତଥା ସ୍ୱଚ୍ଛତା ନେଇ ସନ୍ଦେହ ସୃଷ୍ଟି କରିଛି । ବ୍ୟାଙ୍କ ମ୍ୟାନେଜରଙ୍କ ବିରୁଦ୍ଧରେ ଖାଉଟି ଅଦାଲତରେ ଅଭିଯୋଗ ସହ ଘଟଣା ସଂପର୍କରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିବା ଜଣାପଡିଛି । ଚାନ୍ଦପୁରଠାରେ ଥିବା ଭାରତୀୟ ଷ୍ଟେଟ ବ୍ୟାଙ୍କ ମ୍ୟାନେଜର ଏଭଳି ସଙ୍ଗୀନ ଭୁଲ୍ କରିଥିବା ଘଟଣା ଏବେ ଲୋକଲୋଚନକୁ ଆସିବା ପରେ ବ୍ୟାଙ୍କ ପୁଣି ଏଭଳି ଭୁଲ କରିପାରେ ବୋଲି ବୁଦ୍ଧିଜୀବୀ ମହଲରେ ବିସ୍ମୟ ସୃଷ୍ଟି କରିଛି । ସୂଚନାଯୋଗ୍ୟ, ନୟାଗଡ଼ ଜିଲ୍ଲା ଚାନ୍ଦପୁର ଷ୍ଟେଟ ବ୍ୟାଙ୍କରୁ ଚାନ୍ଦପୁରର ଦର୍ଶନ କୁମାର ସାହୁ ଶ୍ରୀ ଦୁର୍ଗା ଏଣ୍ଟରପ୍ରାଇଜେସ ନାମରେ ରଣ ନେଇ ଥିଲେ । ତେବେ ଅଦାଲତର ଦ୍ୱାରସ୍ଥ ହେଲେ ରଣ ଗ୍ରହୀତା ଲୋନ ନମ୍ବର ୩୧୮୩୭୪୧୫୯୫୮ରେ ଗତ ଅଗଷ୍ଟ ମାସ ୩୧ ତାରିଖରେ ୧୧ ଲକ୍ଷ ୯୯ ହଜାର ୯୪୫ ଟଙ୍କା ୫୧ ପଇସା ରଣ ପରିଶୋଧ କରିବା ପରେ ରଣଗ୍ରହିତାଙ୍କୁ ବ୍ୟାଙ୍କ ରଣ ପରିଶୋଧ ପତ୍ର ମଧ୍ୟ ପ୍ରଦାନ କରିଥିଲେ । କିନ୍ତୁ ବ୍ୟାଙ୍କ କର୍ତ୍ତୃପକ୍ଷ ରଣ ପରଶୋଧର ୬ ମାସ ପରେ ଗତ ୫ ତାରିଖରେ ସେହି ଟଙ୍କା ପୁନର୍ବାର ପରିଶୋଧ କରିବା ଉଲ୍ଲେଖ କରି ଏକ ପତ୍ର ପଠାଇଥିବା ଜଣାପଡିଛି । ଏପରିକି ସମ୍ପତି ଜବତ, ସିଭିଲ୍ ଅଦାଲତର ପଦକ୍ଷେପ, ଆଇନ ଅନୁସାରେ କଡା ପଦକ୍ଷେପ ଉଲ୍ଲେଖ କରି ଏକ ପତ୍ର ପ୍ରଦାନ କରିଥିବା ଜଣାପଡିଛି । ଏଭଳି ସଙ୍ଗିନ ଭୁଲ ପତ୍ର ବିରୁଦ୍ଧରେ ହିତାକାରୀ ଷ୍ଟେଟ ବ୍ୟାଙ୍କ ରିଜୋନାଲ ମ୍ୟାନେଜର, ଡେପୁଟି ଜେନେରାଲ ମ୍ୟାନେଜର, ଜେନେରାଲ ମ୍ୟାନେଜର, ଚିଫ ଜେନେରାଲ ମ୍ୟାନେଜର ଏପରିକି ଚାନ୍ଦପୁର ଷ୍ଟେଟ ବ୍ୟାଙ୍କ ମ୍ୟାନେଜରଙ୍କୁ ଏହାର ଏକକିତା ନକଲ ପ୍ରଦାନ କରିଥିବା ବେଳେ ଶ୍ରୀ ସାହୁ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ବିରୁଦ୍ଧରେ ଖାଉଟି ଅଦାଲତରେ ଏକ ନୋଟିସ କରିଥିବା ଜଣାପଡିଛି । ଶ୍ରୀ ସାହୁ ବ୍ୟାଙ୍କ ବିରୁଦ୍ଧରେ ମାନହାନି ମକଦ୍ଦମା କରିବା, ବ୍ୟାଙ୍କ ମ୍ୟାନେଜର ପ୍ରଭୁ ପ୍ରସାଦ ବେହେରାଙ୍କ ନାମରେ ଥାନାରେ ଲିଖିତ ଅଭିଯୋଗ କରିବେ ବୋଲି ସୂଚନା ଦେଇଛନ୍ତି ।

---

# ୨୫୦କେଜି ଗଞ୍ଜେଇ ଜବତ, ଜଣେ ଗିରଫ



କଟକ(ନିପ୍ର): ଗଂଜେଇ ଚାଲାଣ ଓ ବେପାର କରିବା ଅଭିଯୋଗରେ ଗୁରୁବାର ସ୍ଥାନୀୟ ଟାଙ୍ଗୀ ଥାନା ଅନ୍ତର୍ଗତ ଭଟିମୁଣ୍ଡା (ସରଗାଁ) ଗ୍ରାମରେ କଟକ ଅବକାରୀ ଗୁଇନ୍ଦା ବିଭାଗ ଦ୍ୱାରା ଚଢ଼ାଉ କରାଯାଇ ଜଣକୁ ଗିରଫ କରାଯାଇଛି । ଗିରଫ ଅଭିଯୁକ୍ତ ହେଲେ ସରସ୍ୱତୀ ପରିଡ଼ା (୩୩) । ଗିରଫ ଅଭିଯୁକ୍ତଙ୍କ ନିକଟରୁ ଅବକାରୀ ବିଭାଗ ୨୫୦କିଲୋ ଗଂଜେଇ ଜବତ କରିଛି । ଜବତ ଗଂଜେଇର ଆନୁମାନିକ ମୂଲ୍ୟ ୨୫ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ତେବେ ମୁଖ୍ୟ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି । ଅବକାରୀ ଉପଅଧିକ୍ଷକ ବିକାଶ ନାୟକ ଓ ଇନ୍ସପେକ୍ଟର ଅବନୀ ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଚଢ଼ାଉ କରାଯାଇଥିଲା । ଏହି ଟିମରେ ଏଏସଆଇ କିଶୋର ଚନ୍ଦ୍ର ରାଉତ, କନେଷ୍ଟବଳ ଲକ୍ଷ୍ମୀଧର ଖୁଣ୍ଟିଆ, ସତ୍ୟବ୍ରତ ସାହୁ, ଦୀପକ ସାହୁ, ରଜନୀ ପଂଚଭାୟା ପ୍ରମୁଖ ସାମିଲ ଥିଲେ । ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି ।

## ଲୋକକଳା, ଦଣ୍ଡ ନାଚରେ ଝୁମିଲେ ଦର୍ଶକ

ରମ୍ଭା(ନିପ୍ର): ଗୁରୁବାର ଫାସୁଲାସ୍ଥିତ ପିଏମଶ୍ରୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷକ ସୁବାସ ଚନ୍ଦ୍ର ସ୍ୱାଇଁଙ୍କ ସଭାପତିତ୍ୱରେ ବିଦ୍ୟାଳୟ ସ୍ତରୀୟ ପିଏମଶ୍ରୀ ଉତ୍ସବ ଓ ଲୋକକଳା ଓ ଦଣ୍ଡନୃତ୍ୟରେ କୁନାକୁନି ଛାତ୍ରଛାତ୍ରୀଙ୍କ ଡ୍ୟାନ୍ସରେ ମସଗୁଲ ହୋଇଥିଲେ ଦର୍ଶକ । କାର୍ଯ୍ୟକ୍ରମରେ ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଜାତୀୟ ଶିକ୍ଷା ନୀତିର ଉଦ୍ଦେଶ୍ୟ ଶିକ୍ଷାନୁଷ୍ଠାନର ଭିତ୍ତିଭୂମିର ବିକାଶ ସହ ବିଦ୍ୟାର୍ଥୀମାନଙ୍କର ସର୍ବାଙ୍ଗୀନ ବିକାଶ ହେବ ବୋଲି କହିଥିଲେ । ମୁଖ୍ୟ ବକ୍ତା ଭାବରେ ଏବିଇଓ ରବି ନାରାୟଣ ସେଠୀ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବରେ ସାମ୍ବାଦିକ ତଥା ସମାଜସେବୀ ଅଶୋକ କୁମାର ତ୍ରିପାଠୀ, ସାଧନ କେନ୍ଦ୍ର ସଂଯୋଜକ କୃଷ୍ଣ ଚନ୍ଦ୍ର ପରିଡା, ଆଇନଜୀବୀ ପ୍ରଦୀପ୍ତ କୁମାର ପଟ୍ଟନାୟକ, ଅବସରପ୍ରାପ୍ତ ଶିକ୍ଷକ ଦଣ୍ଡପାଣି ବେହେରା ଓ ଏସଏମସି ସଭାପତି ଅରୁଣ କୁମାର ମହାରଣା ପ୍ରମୁଖ ଯୋଗ ଦେଇଥିଲେ । ଶିକ୍ଷକ ବିନାୟକ ପ୍ରଧାନ ମଞ୍ଚ ପରିଚାଳନା କରିଥିବା ବେଳେ ପ୍ରଧାନ ଶିକ୍ଷକ ସୁବାସ ଚନ୍ଦ୍ର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ । ଛାତ୍ର ଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଛାତ୍ରଛାତ୍ରୀ ମାନେ କେବଳ ଚାକିରୀ ପଛରେ ନଗୋଡାଇ କିପରି ଆତ୍ମ ନିର୍ଭରଶୀଳ ହେବେ ବକ୍ତା ମାନେ ବକ୍ତବ୍ୟରେ କହିଥିଲେ ଓ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଶିକ୍ଷା ଓ ସ୍ୱାବଲମ୍ବୀ ହେବା ସମ୍ବନ୍ଧୀୟ ବିଭିନ୍ନ ଷ୍ଟଲ ଲଗାଯାଇଥିବା ବେଳେ ଅତିଥି ମାନେ ବୁଲି ଦେଖିଥିଲେ ।

---

## କଟକରେ ଲେଜର ଲାଇଟ ବ୍ୟବହାର ନିଷିଦ୍ଧ

### ବିକଟାଳ ଶବ୍ଦ କରୁଥିବା ଡିଜେ ବନ୍ଦ ପାଇଁ ନିର୍ଦ୍ଦେଶ ଦେଲେ ହାଇକୋର୍ଟ

କଟକ(ନିପ୍ର): କଟକ କମିଶନରେଟ ପୋଲିସ ଅଂଚଳରେ ଲେଜର ଲାଇଟ ବ୍ୟବହାରକୁ ହାଇକୋର୍ଟ ନିଷିଧ କରିଛନ୍ତି । ବିକଟାଳ ଶବ୍ଦ କରୁଥିବା ଡିଜେ ବ୍ୟବହାରକୁ ସଂପୂର୍ଣ୍ଣ



ବନ୍ଦ କରିବା ଲାଗି ହାଇକୋର୍ଟ ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି । ରାତି ୧୦ ଟା ପରେ ଯେପରି କୌଣସି ବାଜା ବାଜିବ ନାହିଁ, ବାଣ ଫୁଟିବ ନାହିଁ ଏବଂ ରୋଷଣୀ ନହେବ ସେ ଦିଗରେ ପୋଲିସ ତୀକ୍ଷ୍ଣ ନଜର ରଖିବାକୁ କୋର୍ଟ କହିଛନ୍ତି । ଯଦି କୌଣସି ସ୍ଥାନରେ ଏସବୁର ଉଲଂଘନ ହେଉଥିବା, ତେବେ ପୋଲିସ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ହୋଇଛି । କଟକ ସହର ସମସ୍ୟା ସଂକ୍ରାନ୍ତୀୟ ଜନସ୍ୱାର୍ଥ ମାମଲାର ଶୁଣାଣି ବେଳେ ଗୁରୁବାର କିଛି ଏଭଳି ନିର୍ଦ୍ଦେଶ ହାଇକୋର୍ଟ ଦେଇଛନ୍ତି । ଶୁଣାଣି ସମୟରେ କଟକ ଡିସିପି ଆଭାଷୀ ଜରିଆରେ କୋର୍ଟରେ ଉପସ୍ଥିତ ରହି ନିଜର ପକ୍ଷ ରଖିଛନ୍ତି ।

---

ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ 'ଓଡ଼ିଆ ଅସ୍ମିତା ଶିବିର' ଉଦ୍‌ଘାଟିତ

# ଓଡ଼ିଆ ଅସ୍ମିତାକୁ ଯୁବପିଢ଼ି ଗୌରବ ଭାବେ ଗ୍ରହଣ କରନ୍ତୁ: କୁଳପତି

ଭୁବନେଶ୍ୱର(ନିପ୍ର): ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ଓ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଜାତୀୟ ସେବା ଯୋଜନା ପକ୍ଷରୁ ରାଜ୍ୟସ୍ତରୀୟ ସାଂସ୍କୃତିକ ମହୋତ୍ସବ 'ଓଡ଼ିଆ ଅସ୍ମିତା ଶିବିର -୨୦୨୬' ଉଦ୍‌ଘାଟିତ ହୋଇଯାଇଛି । କୁଳପତି ପ୍ରସନ୍ନ କୁମାର ସ୍ୱାଇଁ ଏହି ରାଜ୍ୟସ୍ତରୀୟ ଉତ୍ସବକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ଓଡ଼ିଆ ଅସ୍ମିତାକୁ ଆମର ସାଂସ୍କୃତିକ ପରିଚୟ ଓ ଗୌରବ ଭାବେ ସମସାମୟିକ ଯୁବପିଢ଼ି ଗ୍ରହଣ କରିବା ଉଚିତ । ଆମର ସାଂସ୍କୃତିକ ବିଭବର ସଂରକ୍ଷଣ ଓ ପ୍ରସାର ନିମନ୍ତେ ଆମ ଯୁବପିଢ଼ି ସଂକଳ୍ପବଦ୍ଧ ଭାବେ ଉଦ୍ୟମ କରିବାକୁ ଆଗଭର ହେବା ଉଚିତ ବୋଲି ସେ କହିଥିଲେ । ବିଶେଷକରି ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀମାନେ ନିଜର ସାମାଜିକ କର୍ତ୍ତବ୍ୟ ପ୍ରତି ସଚେତନ ହୋଇ




କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଥିଲେ । କୁଳସଚିବ ଶ୍ରୀମତୀ ଅନାମିକା ଅଧିକାରୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହି ଧରଣର ରାଜ୍ୟସ୍ତରୀୟ ଉତ୍ସବ ଜରିଆରେ ସ୍ୱେଚ୍ଛାସେବୀମାନଙ୍କ ମଧ୍ୟରେ ଉଭୟ ସାଂସ୍କୃତିକ ଓ ସାମାଜିକ ଭାବ ବିନିମୟର ସୁଯୋଗ ସୃଷ୍ଟି ହୋଇପାରିଛି । ସାମ୍ପ୍ରତିକ ସମୟରେ ଯୁବ ସ୍ୱେଚ୍ଛାସେବୀମାନଙ୍କ ଭୂମିକା ସମ୍ପର୍କରେ ସେ ତାଙ୍କ ବକ୍ତବ୍ୟରେ ଆଲୋକପାତ କରିଥିଲେ । ଜାତୀୟ ସେବା ଯୋଜନାର ରାଜ୍ୟ ମୁଖ୍ୟ ଡ. ରମେଶ ଚନ୍ଦ୍ର ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇ 'ଓଡ଼ିଆ ଅସ୍ମିତା ଶିବିର' ଆୟୋଜନର ଆଭିମୁଖ୍ୟ ସମ୍ପର୍କରେ ବିଶଦଭାବେ ଆଲୋଚନା କରିଥିଲେ । ରାଜ୍ୟର ୨୧ଟି ବିଶ୍ୱବିଦ୍ୟାଳୟର ସ୍ୱେଚ୍ଛାସେବୀ ଓ କାର୍ଯ୍ୟକ୍ରମ ସଂଯୋଜକମାନଙ୍କୁ ନେଇ ତିନିଦିନ ବ୍ୟାପି ଆୟୋଜିତ ହେବାକୁ ଥିବା ଏହି ସାଂସ୍କୃତିକ ମହୋତ୍ସବରେ ବିଭିନ୍ନ ପ୍ରତିଯୋଗିତା ମାଧ୍ୟମରେ ପ୍ରତିଭା ଅନ୍ୱେଷଣ ଏହି ଶିବିରର ଅନ୍ୟତମ ଆଭିମୁଖ୍ୟ । ଓଡ଼ିଶାର ସାଂସ୍କୃତିକ ପରମ୍ପରା ସମ୍ପର୍କରେ ୨୧ଟି ବିଶ୍ୱବିଦ୍ୟାଳୟର ସ୍ୱେଚ୍ଛାସେବୀମାନଙ୍କୁ ସଚେତନ କରିବା ସହ ସେମାନଙ୍କ ପ୍ରତିଭାକୁ ସ୍ୱୀକୃତି ଦେବା ନିମନ୍ତେ ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ଓ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ଏହି ମିଳିତ ପ୍ରୟାସ ବୋଲି କାର୍ଯ୍ୟକ୍ରମ ଅଧିକାରୀ ଡ. ସାରଦା ପ୍ରସନ୍ନ ଦାସ ତାଙ୍କ ସ୍ୱାଗତ ଭାଷଣରେ ସୂଚନା ଦେଇଥିଲେ । ସଂଯୋଜକ ଡ. ସନ୍ଦୀପ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିବାବେଳେ ଅଧ୍ୟାପକ ଜ୍ଞାନରଞ୍ଜନ ପଣ୍ଡା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ।

---

**ସର୍ବ ଭାରତୀୟ ୧୨ ଘଣ୍ଟିଆ ଭାରତ ବନ୍ଦ**

# କଟକ ସହରରେ ବନ୍ଦର ଆଂଶିକ ପ୍ରଭାବ





କଟକ(ନିପ୍ର): ଆଜି ଥିଲା ସର୍ବଭାରତୀୟ ୧୨ଘଣ୍ଟିଆ ଭାରତ ବନ୍ଦ । ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଦେଶବ୍ୟାପୀ ଧର୍ମଘଟ ଡାକରା ଦିଆଯାଇଥିଲା । କେନ୍ଦ୍ରୀୟ ଶ୍ରମ ଆଇନକୁ ବିରୋଧ କରି ୧୦ଟି ଶ୍ରମିକ ଓ ସ୍ୱାଧୀନ ଫେଡ଼େରେସନ ପକ୍ଷରୁ ଏହି ଧର୍ମଗତ ଡାକରା ଦଆିଯାଇଥିଲା । କଂଗ୍ରେସ ଓ ବିଜୁ ଶ୍ରମିକ ସାମକ୍ଷ ପକ୍ଷରୁ ଏହି ବନ୍ଦକୁ ସମର୍ଥନ ଦିଆଯାଇଥିଲା । ଗୁରୁବାର କଟକ ସହରରେ ବନ୍ଦର ଆଂଶିକ ପ୍ରଭାବ ଅନୁଭୂତ ହୋଇଥିଲା । ଦୋକାନ ବଜାର, ସ୍କୁଲ କଲେଜ, ପେଟ୍ରୋଲପମ୍ପ, ସରକାରୀ ଓ ବେସରକାରୀ ପ୍ରତିଷ୍ଠାନ ଆଦି ଖୋଲା ରହିଥିଲା । ସେହିପରି ରାସ୍ତାରେ ୨ଚକିଆ, ୪ ଚକିଆ ଓ ଅଟୋ ରିକ୍ସା ଚଳାଚଳ ଜାରି ରହିଥିଲା । ଅପର ପକ୍ଷରେ ବନ୍ଦ ଡାକରା ଯୋଗୁ ଘରୋଇ ବସ ଚଳାଚଳ ସଂପୂର୍ଣ୍ଣ ବନ୍ଦ ରହିଥିଲା । ଫଳରେ ଓଏମପି ଛକ, ଲିଙ୍କରୋଡ଼ ଓ ନେତାଜୀ ବସ ଟରମିନାଲରେ ଯାତ୍ରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ । ଅପର ପକ୍ଷରେ "ଆମ ବସ" ଚଳାଚଳ ସ୍ୱଭାବିକ ଥିଲା । ଏହାଛଡ଼ା କଟକ ରେଳ ଷ୍ଟେସନରେ ରେଳ ଚଳାଚଳ ସାମାନ୍ୟ ଥିଲା । ସହରର କିଛି ସ୍ଥାନରେ ବିଭିନ୍ନ ଶ୍ରମିକ ସଂଗଠନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ସ୍ଥାନୀୟ ଜଗତପୁରଠାରେ ସିଆଇଟିୟୁର କର୍ମୀମାନେ ପିକେଟିଙ୍ଗ କରିବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ତେବେ ଏହାର ବିଶେଷ ପ୍ରଭାବ ପରିଲକ୍ଷିତ ହୋଇନଥିଲା । ସହରର ବିଭିନ୍ନ ସ୍ଥାନରେ ଦିନ ମଜୁରିଆ ଓ ଶ୍ରମିକମାନେ ନିର୍ମାଣକାର୍ଯ୍ୟ କରୁଥିବା ପରିଲକ୍ଷିତ ହୋଇଥିଲା । ସହରର ଅଧିକାଂଶ ପେଟ୍ରୋଲପମ୍ପଗୁଡ଼ିକ ଖୋଲା ରହିଥିଲା । ସେହିପରି ସହରର ପ୍ରମୁଖ ପରିବା ମଣ୍ଡି ଛତ୍ରବଜାର ଓ ପ୍ରମୁଖ ବ୍ୟବସାୟିକ ପେଣ୍ଠସ୍ଥଳ ମାଲଗୋଦାମ ମଧ୍ୟ ଖୋଲା ରହିଥିଲା । ତେବେ ସହରର କେତେକ ବଡ଼ ବଡ଼ ମହଲଗୁଡ଼ିକ ବନ୍ଦ ରହିଥିଲା । ଅପର ପକ୍ଷରେ ଛୋଟ ଓ ମଧ୍ୟମ ବ୍ୟବସାୟ ପ୍ରତିଷ୍ଠାନ ଗୁଡ଼ିକ ଖୋଲା ରହିଥିଲା । ଏହାଛଡ଼ା ସହରର ବିଭିନ୍ନ ଅଂଚଳରେ ଥିବା ପରିବା ମାର୍କେଟ ଓ ତେଜରାତି ଦୋକାନ ଗୁଡ଼ିକରେ ଲୋକଙ୍କ ଗହଳି ପରିଲକ୍ଷିତ ହୋଇଥିଲା । ଏହାଛଡ଼ା ସହରର ଅଧିକାଂଶ ସ୍କୁଲ ଓ କଲେଜଗୁଡ଼ିକ ଖୋଲା ରହିଥିବା ପରିଲକ୍ଷିତ ହୋଇଥିଲା । ବନ୍ଦ ଡାକରାକୁ ଦୃଷ୍ଟିରେ ରଖି କମିଶନରେଟ ପୋଲିସ ପକ୍ଷରୁ ସହରର ସମସ୍ତ ଛକ ସ୍ଥାନରେ ବ୍ୟାପକ ପୋଲିସ ମୃତୟନ କରାଯାଇଥିଲା । ମୋଟାମୋଟି ଭାବରେ ସହରରେ ବନ୍ଦର ଆଂଶିକ ପ୍ରଭାବ ଦେଖିବାକୁ ମିଳିଥିଲା । ମନରେଗା ଉଚ୍ଛେଦ ସହ କେନ୍ଦ୍ର ସରକାରଙ୍କ ଶ୍ରମିକ ସ୍ୱାର୍ଥବିରୋଧୀ ୪ଟି ଶ୍ରମକୋଡ଼ ବାତିଲ ଓ ଅନ୍ୟାନ୍ୟ ଦାବି ନେଇ ଟ୍ରେଡ଼ ୟୁନିଅନ ପକ୍ଷରୁ ଦେଶବ୍ୟାପୀ ଗୁରୁବାର ୧୨ଘଣ୍ଟିଆ ଧର୍ମଘଟ ଡାକରା ଦିଆଯାଇଥିଲା । ବିଜୁ ଶ୍ରମିକ, କଂଗ୍ରେସ ଓ ବାମଦଳ ପକ୍ଷରୁ ବନ୍ଦକୁ ସମର୍ଥନ କରାଯାଇଥିଲା । ତେବେ ମୋଟାମୋଟି ଭାବେ କଟକ ସହରରେ ବନ୍ଦର ବିଶେଷ ପ୍ରଭାବ ପରିଲକ୍ଷିତ ହୋଇନଥିଲା । କଟକରେ ବନ୍ଦ ପାଳନ ଶାନ୍ତିପୂର୍ଣ୍ଣ ଥିଲା ।

---

## ପାଇପ୍ ଫାଟି ରାସ୍ତା ବୁଡ଼ିଲା ପାଣି: ଲୋକେ ହନ୍ତସନ୍ତ

ପିପିଲି(ନିପ୍ର): ବସୁଧା ଯୋଜନାରେ ସରକାରଙ୍କ ତରଫରୁ ଗାଁ ଗାଁରେ ଦାଣ୍ଡରେ ପାଣି ଟ୍ୟାପ ବସାଯାଇଛି । ରକ୍ଷଣାବେକ୍ଷଣା ଅଭାବରୁ ବଳଙ୍ଗା ବଜାରରେ ଥିବା ଓଡିଶା ଗ୍ରାମ୍ୟ ବ୍ୟାଙ୍କ ସମ୍ମୁଖରେ ପାଣି ପାଇପ ଫାଟି ଆଣ୍ଠୁଏ ପାଣି ଜମା ହୋଇ ଯାତାୟାତରେ ଛାତ୍ର ଛାତ୍ରୀ, ଜନସାଧାରଣ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବେଳେ ବେଳେ ଛାତ୍ରଛାତ୍ରୀମାନେ ସାଇକେଲରେ ସ୍କୁଲ ଯାଉଥିବାବେଳେ ଛୋଟମୋଟ ଦୁର୍ଘଟଣା ଘଟୁଛି । ଅପରପଟେ ବଳଙ୍ଗା ଗାଁର ଦକ୍ଷିଣ ପାର୍ଶ୍ୱରେ ଥିବା ପାଣି ଟ୍ୟାପରୁ ଦୁଇମାସ ହେଲା ପାଣି ଆସୁନାହିଁ । ଘରର ଲୋକମାନେ ପାଣି ପାଇପାରୁନାହାନ୍ତି । ଏ ସମ୍ପର୍କରେ ସରପଞ୍ଚଙ୍କ ନିକଟରେ ଅଭିଯୋଗ କଲେ, ଏପର୍ଯ୍ୟନ୍ତ ଗ୍ରାମୀଣ ଜଳ ଯୋଗାଣ ସଂସ୍ଥା ଆମକୁ ହସ୍ତାନ୍ତର କରିନାହାନ୍ତି ବୋଲି ସେ କହିଥିଲେ । ଗ୍ରାମୀଣ ଜଳଯୋଗାଣ ବିଭାଗର କନିଷ୍ଠଯନ୍ତ୍ରୀଙ୍କ ସହିତ ଯୋଗାଯୋଗ କରିବାରେ ଏ ବିଷୟରେ ଅବଗତ ଅଛୁ, ଖୁବଶିଘ୍ର କାମ କରାଯିବ ବୋଲି ପ୍ରକାଶ କରିଥିଲେ ।








■ ପ୍ରସିଦ୍ଧ ଶିଳ୍ପୀ ଜଗନ୍ନାଥ ପଣ୍ଡାଙ୍କ

# 'ଦି ଲଙ୍ଗ୍ ନାଓ ଅଫ ଅସ୍' ଉଦ୍‌ଘାଟନ ଆଜି

ଭୁବନେଶ୍ୱର,୧୨।୨:'ଦି ଲଙ୍ଗ୍ ନାଓ ଅଫ ଅସ୍' ଶିରୋନାମରେ ସମସାମୟିକ ପ୍ରସିଦ୍ଧ ଚିତ୍ରଶିଳ୍ପୀ ଜଗନ୍ନାଥ ପଣ୍ଡାଙ୍କ ଏକକ ଚିତ୍ରକୃତିର ପ୍ରଦର୍ଶନୀ ଶିବଦାସ ସେନଗୁପ୍ତଙ୍କ ଦ୍ୱାରା ସୁନିର୍ବାଚିତ ହୋଇ ଇଓ ଓଡ଼ିଶା ଦ୍ୱାରା ଉପସ୍ଥାପିତ ହେବାକୁ ଯାଉଛି। ଏହି ପ୍ରଦର୍ଶନୀ ଫେବୃଆରୀ ୧୩ ଅପରାହ୍ନ ୪ ଟାରେ ଅଗ୍ରିମ-ପ୍ରଦର୍ଶନ ତଥା ଉଦ୍‌ଘାଟନ ରାଜ୍ୟ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଦ୍ୱାରା ସଂପନ୍ନ ହେବ। ପ୍ରଦର୍ଶନୀର ସ୍ଥାନ: ଲଳିତ କଳା ଏକାଡେମୀ ଭୁବନେଶ୍ୱର,ରିଜିଓନାଲ ସେଣ୍ଟର। ପ୍ରଦର୍ଶନୀ ରୀତିମତ ଭାବରେ ପୂର୍ବାହ୍ନ ୧୧ଟାରୁ ସଂଧ୍ୟା ଛଅଟା ପର୍ଯ୍ୟନ୍ତ ଫେବୃଆରୀ ୧୪ରୁ ୨୭ ପର୍ଯ୍ୟନ୍ତ ଚାଲୁରହିବ ବୋଲି ସୂଚନା ମିଳିଛି। ଶିଳ୍ପୀଙ୍କ ଏହି ପ୍ରଦର୍ଶନୀ ଜନ୍ମିତ ସହର ଭୁବନେଶ୍ୱରରେ ପ୍ରଥମ ଥର ପାଇଁ ଆୟୋଜିତ ହେବାକୁ ଯାଉଛି। ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ପ୍ରଦର୍ଶନୀ ଆୟୋଜନ କରିଥିବା ଏହି ଶିଳ୍ପୀଙ୍କ ନିଜ ବାଲ୍ୟଜୀବନ ତଥା ସମ୍ବେଦନଶୀଳତାର ସାଂସ୍କୃତିକ ବିଭବ ଓ ଭୌଗୋଳିକତା ବିଷୟବସ୍ତୁର ଏହା ବିରଳ ଉପସ୍ଥାପନ ହେବ।

# ପୁରୀ ସମୁଦ୍ରରେ ଡଲଫିନ୍



ପୁରୀ,୧୨/୨(ନିପ୍ର): ପୁରୀ ସମୁଦ୍ରରେ ଦେଖିବାକୁ ମିଳିଛି ଡଲଫିନ। ସମୁଦ୍ର ଭିତରେ ଡଲଫିନ ଦେଖି ପର୍ଯ୍ୟଟକ ଉତ୍ସାହିତ ହୋଇପଡିଛନ୍ତି। ଗୁରୁବାର ସକାଳୁ ପୁରୀ ବ୍ଲୁ ଫ୍ଲାଗ ବିଚ୍‌ଠାରେ ଦେଖିବାକୁ ମିଳିଥିଲା ଏହି ଦୃଶ୍ୟ। ବିଶେଷ କରି ପୁରୀ ସମୁଦ୍ର କୂଳକୁ ବୁଲିବାକୁ ଆସିଥିବା ପର୍ଯ୍ୟଟକମାନେ ସମୁଦ୍ରରେ ଡଲଫିନ ଦେଖି ବେଶ୍ ଆନନ୍ଦ ଉପଭୋଗ କରିଥିଲେ। ସେପଟେ ସାତପଡ଼ା ଚିଲିକାରେ ପର୍ଯ୍ୟଟକମାନେ ଡଲଫିନ ଦେଖିବାକୁ ପାଇଥାନ୍ତି। କିନ୍ତୁ ଗୁରୁବାର ସକାଳୁ ପୁରୀ ସମୁଦ୍ରରେ ଡଲଫିନ୍ ଦୃଶ୍ୟ ସମସ୍ତଙ୍କୁ ବେଶ୍ ଆନନ୍ଦିତ କରିଛି। ସେହିପରି ଗତକାଲି ହଜାରହଜାର ଜୀବନ୍ତ ଶାମୁକା ପୁରୀ ସମୁଦ୍ର କୂଳରେ ଦେଖିବାକୁ ମିଳିଥିଲା। ଶତାଧିକ ଜୀବନ୍ତ ଶାମୁକା ପୁରୀ ବେଳାଭୂମିରେ ଦେଖିବାକୁ ମିଳିଛି। ବହୁ ମାତ୍ରାରେ ଜୀବନ୍ତ ଶାମୁକା ପୁରୀ ବେଳାଭୂମିକୁ ଆସି ବିଚରଣ କରି ସୂର୍ଯ୍ୟୋଦୟ ପରେ ପୁର୍ନବାର ସେମାନେ ସମୁଦ୍ର ଭିତରକୁ ଚାଲି ଯାଉଥିବା ଦେଖିବାକୁ ମିଳିଛି। ଏଭଳି ବିରଳ ଦୃଶ୍ୟ ଦେଖି ପର୍ଯ୍ୟଟକମାନେ ବେଶ୍ ଖୁସି ପ୍ରକଟ କରିଛନ୍ତି। ଏହି ସୁନ୍ଦର୍ ଦୃଶ୍ୟକୁ ବାଲୁକା ଚିତ୍ରଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ନିଜ ଏକ୍ସ ଆକାଉଣ୍ଟରେ ଏହି ସୁନ୍ଦର୍ ଭିଡିଓ ସେୟାର କରିଛନ୍ତି। ଯାହାକି ବହୁତ୍ ସୋସିଆଲ ମିଡ଼ିଆ ୟୁଜର ବେଶ୍ ପସନ୍ଦ କରିଛନ୍ତି। ପରିବେଶବିତ୍ ତଥା ପ୍ରାଣିପ୍ରେମି ସରୋଜ କୁମାର ଜେନା କୁହନ୍ତି, ଅଲିଭ ରିଡ଼ଲେ କଇଁଛଙ୍କ ସୁରକ୍ଷା ପାଇଁ ଏବେ ସମୁଦ୍ରରେ ଟ୍ରଲର ଚଳାଚଳ ବନ୍ଦ ରହିଛି। ଏଣୁ ଚିଲିକାରୁ ଡଲଫିନମାନେ ସମୁଦ୍ରରେ ପୁରୀ ଦେଇ କେଳୁଣି ମୁହାଣ ପର୍ଯ୍ୟନ୍ତ ଯାତାୟାତ କରୁଛନ୍ତି।

■ ଲହୁଣୀପଡ଼ାରେ ଦେଢ଼ବର୍ଷ ହେଲା ହାଇମାଷ୍ଟ ଲାଇଟ ଅଚଳ

# ଅନ୍ଧାରରେ ବଢୁଛି ରୋଡ୍ ରୋମିଓଙ୍କ ଉତ୍ପାତ

ବଣାଇ, ୧୨/୨(ନିପ୍ର): ଲହୁଣିପଡ଼ା ବସଷ୍ଟାଣ୍ଡସ୍ଥିତ ମୁଖ୍ୟଛକର ହାଇମାଷ୍ଟ ଲାଇଟ୍ ଦେଢ଼ ବର୍ଷ ହେବ ଅଚଳ ହୋଇ ରହିଛି । ସ୍ଥାନୀୟ ସରପଞ୍ଚଙ୍କୁ କିଛି ବୁଦ୍ଧିଜୀବୀ ବାରମ୍ବାର ଏ ବିଷୟରେ ଜଣାଇବା ସତ୍ତ୍ୱେ ସେ କୌଣସି ପଦକ୍ଷେପ ନେଇ ନଥିବା ଦେଖିବାକୁ ମିଳିଛି । ରାତି ହେଲେ ବସଷ୍ଟାଣ୍ଡ ଆଖପାଖ ଅଞ୍ଚଳରେ ଘନ ଅନ୍ଧକାର ଛାଇଯିବା ସହିତ ଅସାଧୁ ଲୋକଙ୍କ ଅସାମାଜିକ କାର୍ଯ୍ୟକଳାପ ବଢ଼ିବାରେ ଲାଗୁଛି । ଏହାଛଡ଼ା ଟିଉସନ୍ ଯିବାଆସିବା କରୁଥିବା ଛାତ୍ରଛାତ୍ରୀଙ୍କୁ ସବୁବେଳେ ଏକ ଭୟ ଲାଗି ରହୁଥିବା କଥା ଅଭିଭାବକ ମାନଙ୍କ ପାଖରୁ ଶୁଣିବାକୁ ମିଳୁଛି । ଏଠାରେ ସୂଚନା ଥାଉ କି, ରାତିରେ ଭୁବନେଶ୍ୱର, କଟକ ଯିବାପାଇଁ ରାତ୍ରିକାଳୀନ ବସ୍‌କୁ ରାତ୍ରି ପ୍ରାୟ ୯:୩୦ରୁ ୧୦:୦୦ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିଥାଏ । ଯେହେତୁ ଲହୁଣିପଡ଼ା ଅଞ୍ଚଳରେ ଆଜି ପର୍ଯ୍ୟନ୍ତ ଏକ ବସଷ୍ଟାଣ୍ଡ ନିର୍ମାଣ କରାଯାଇ ନାହିଁ, ତେଣୁ ବସକୁ ଅପେକ୍ଷା କରିବା ସମୟରେ ସାଧାରଣତଃ ମହିଳାମାନେ ବିଭିନ୍ନ ଅସୁବିଧା ଓ ଭୟର ବଶବର୍ତ୍ତୀ ହେଉଛନ୍ତି ଓ ଅନେକ ମହିଳା ଏହି ସମୟରେ ରୋଡ଼ ରୋମିଓଙ୍କ ଦ୍ୱାରା ନିଜର ସମ୍ମାନ ହାନି ହେଉଥିବାର ମଧ୍ୟ କହିଛନ୍ତି । ଏହାଛଡ଼ା ଘନ ଅନ୍ଧାର ଯୋଗୁଁ ଚୋରି, ସଡ଼କ ଦୁର୍ଘଟଣାର ଆଶଙ୍କା ମଧ୍ୟ ବଢ଼ିବାକୁ ଲାଗିଛି । ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ, ଛକରେ ଲାଗିଥିବା ହାଇମାଷ୍ଟ ଲାଇଟ୍ ଟି ଯେହେତୁ ଅନେକ ବର୍ଷ ପୂର୍ବେ ଲଗା ଯାଇଥିଲା ତେଣୁ ସେତେବେଳେ ଲଗା ଯାଉଥିବା ଅତ୍ୟନ୍ତ ଛୋଟ ଲାଇଟ୍ ଖୁଣ୍ଟ ବା ପୋଲ୍ ସେଠାରେ ଲଗା ଯାଇଥିଲା । ଯାହାକି, ଛକ ଆଖପାଖ ଅଞ୍ଚଳକୁ ପର୍ଯ୍ୟାପ୍ତ ପରିମାଣର ଆଲୋକ ପ୍ରଦାନ କରି ପାରୁ ନାହିଁ । ଏହାଛଡା ଉକ୍ତ ଖୁଣ୍ଟରେ ଖଞ୍ଜା ଯାଇଥିବା ଲାଇଟ୍ ଗୁଡ଼ିକ ମଧ୍ୟ ଅନେକ ଥର ଅଚଳ ହେବାପରେ ବାରମ୍ବାର ମରାମତି କରି କରି ଏବେ ସମ୍ପୂର୍ଣ୍ଣ ଭାବରେ ଅଚଳ ହୋଇ ପଡିଛି । ତେଣୁ କିଛି ସ୍ଥାନୀୟ ଯୁବଗୋଷ୍ଠୀ ଗୁରୁବାର ସକାଳେ ଏନେଇ ଲହୁଣିପଡ଼ା ସରପଞ୍ଚ ନେଲସନ୍ ହେମ୍ବ୍ରମ ଓ ଲହୁଣିପଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଅନୁପସ୍ଥିତି ଯୋଗୁଁ ସେଠାର ମୁଖ୍ୟ କିରାଣୀ ମନୋଜ ପଟେଲଙ୍କୁ ଏକ ଲିଖିତ ଅଭିଯୋଗ କରିଛନ୍ତି ଏବଂ ଅଚଳ ହୋଇଥିବା ପୁରୁଣା ହାଇମାଷ୍ଟ ଲାଇଟ୍ ସହିତ ପୁରୁଣା ଲାଇଟ୍ ଖୁଣ୍ଟକୁ ମଧ୍ୟ ପରିବର୍ତ୍ତନ କରି ସମଗ୍ର ବସଷ୍ଟାଣ୍ଡ ପରିସରକୁ ଆଲୋକିତ କରି ପାରୁଥିବା ଭଳିଆ ଏକ ନୂତନ ଖୁଣ୍ଟ ସହିତ ଆଲୋକିକରଣ କରାଯାଉ ବୋଲି ଲିଖିତ ଅଭିଯୋଗ କରିଛନ୍ତି । ତେବେ ଲହୁଣିପଡ଼ା ବ୍ଲକକୁ ସବୁ କ୍ଷେତ୍ରରେ ଅବହେଳା କରି ସେଠାକାର ଜନସାଧାରଣଙ୍କୁ ତାଙ୍କର ମୌଳିକ ଅଧିକାର ଉପଭୋଗ କରିବାରୁ ବାରମ୍ବାର ବଞ୍ଚିତ କରା ଯାଉଅଛି ବୋଲି ବୁଦ୍ଧିଜୀବୀମାନେ ଆଲୋଚନା କରୁଛନ୍ତି ।

# ଟି-୨୦ ବିଶ୍ୱକପରେ ସବୁଠାରୁ ବଡ଼ ବିଜୟ ହାସଲ କଲା ଭାରତ




ନୂଆଦିଲ୍ଲୀ, ୧୨/୨: ନାମିବ୍ୟାକୁ ୯୩ ରନରେ ପରାସ୍ତ କରିଛି ଭାରତ । ଟି-୨୦ ବିଶ୍ୱକପ୍ ଇତିହାସରେ ରନ ଦୃଷ୍ଟିରୁ ଏହା ଟିମ୍ ଇଣ୍ଡିଆର ସବୁଠାରୁ ବଡ଼ ବିଜୟ। ଦିଲ୍ଲୀର ଅରୁଣ ଜେଟଲି ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ଭାରତ ୨୦୯ ରନ କରିଥିଲା। ଜବାବରେ ନାମିବ୍ୟା କେବଳ ୧୧୬ ରନ୍ କରିପାରିଥିଲା । ଏହି ମ୍ୟାଚରେ ନାମିବ୍ୟା ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଭାରତ ବ୍ୟାଟିଂ କରିବାକୁ ଆସିବା ପରେ ସଞ୍ଜୁ ସାମସନ୍ ଏବଂ ଇଶାନ କିଶନ୍ ଦଳକୁ ଏକ ଦୃଢ଼ ଆରମ୍ଭ ଦେଇଥିଲେ। ସାମସନ୍ ୮ ବଲରୁ ୨୨ ରନ୍ କରିଥିଲେ । ଇଶାନ୍ କିଶନ୍ ୨୪ ବଲରୁ ୬୧ ରନ୍ କରିଥିଲେ। ହାର୍ଦ୍ଦିକ ପାଣ୍ଡ୍ୟା ୫୨ ରନର ଦ୍ରୁତ ଇନିଂସ ଖେଳି ଭାରତକୁ ୨୦୯ ରନରେ ପହଞ୍ଚାଇଥିଲେ। ଭାରତର ଶେଷ ପାଞ୍ଚଟି ୱିକେଟ୍ ମାତ୍ର ୧୧ ବଲ୍ ମଧ୍ୟରେ ପଡ଼ିଯାଇଥିଲା । ଆଜିର ମ୍ୟାଚ ଇଶାନ କିଶନ ୨୦ ବଲରୁ ଅର୍ଦ୍ଧଶତକ କରି ବଡ଼ ରେକର୍ଡ କରିଛନ୍ତି । ଟି-୨୦ ବିଶ୍ୱକପ୍ ଇତିହାସରେ ସବୁଠାରୁ ଦ୍ରୁତ ଅର୍ଦ୍ଧଶତକ କରିବାରେ ସେ ଦ୍ୱିତୀୟ କ୍ରିକେଟର ହୋଇଛନ୍ତି । ଟି-୨୦ ବିଶ୍ୱକପର ୧୮ତମ ମ୍ୟାଚ୍‌ରେ ଭାରତ ନାମିବ୍ୟାକୁ ୯୩ ରନ୍‌ରେ ପରାସ୍ତ କରିଛି। ଏହା ବିଶ୍ୱକପ୍‌ରେ ଟିମ୍ ଇଣ୍ଡିଆର ଲଗାତାର ଦ୍ୱିତୀୟ ବିଜୟ। ଟସ୍ ହାରିବା ପରେ ପ୍ରଥମେ ବ୍ୟାଟିଂ କରି ଟିମ୍ ଇଣ୍ଡିଆ ୯ ୱିକେଟ୍ ହରାଇ ୨୦୯ ରନ୍ କରିଥିଲା। ଶେଷ ୪ ରନ୍‌ରେ ଭାରତ ୫ ୱିକେଟ୍ ହରାଇଥିଲା। ୨୧୦ ରନର ଟାର୍ଗେଟକୁ ପିଛା କରି ନାମିବ୍ୟା ୧୮.୨ ଓଭରରେ ୧୧୬ ରନରେ ଅଲଆଉଟ୍ ହୋଇଥିଲା। ବରୁଣ ଚକ୍ରବର୍ତ୍ତୀ ୩ ୱିକେଟ୍ ନେଇଥିଲେ । ଅକ୍ଷର ପଟେଲ ଏବଂ ହାର୍ଦ୍ଦିକ ୨ଟି ଲେଖାଏଁ ୱିକେଟ୍ ନେଇଥିଲେ । ନାମିବ୍ୟା ପକ୍ଷରୁ ଲରେନ୍ ଷ୍ଟିନକାମ୍ପ ସର୍ବାଧିକ ୨୯ ରନ କରିଥିଲେ।

## ଛାତ୍ରୀଙ୍କୁ ଅସଦାଚରଣ ମାମଲା: ସାହିତ୍ୟ ଶିକ୍ଷକ ଗିରଫ

ବଣାଇ, ୧୨/୨(ନିପ୍ର): ସୁନ୍ଦରଗଡ଼ ଜିଲ୍ଲା ଲହୁଣୀପଡା ଥାନା ଅର୍ନ୍ତଗତ ହଳଦୀକୁଦର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଥିବା ତାପସ କୁମାର ବଡ଼େଇ ସାହିତ୍ୟ ଶିକ୍ଷକ ଉକ୍ତ ବିଦ୍ୟାଳୟରେ ପଢୁଥିବା ୧୪ ବର୍ଷର ଏକ ନାବାଳିକା ଛାତ୍ରୀଙ୍କୁ ଅସଦା ଆଚରଣ ଅଭିଯୋଗରେ ଲହୁଣୀପଡା ପୋଲିସ ଗିରଫ କରି ତଦନ୍ତ ଚଳାଇଥିବା ଜଣାପଡ଼ିଛି। ନାବାଳିକା ଛାତ୍ରୀଙ୍କ ଲିଖିତ ଅଭିଯୋଗ ଅନୁସାରେ ରୂପା ମୁଣ୍ଡା(ଛଦ୍ମନାମ) ବୟସ (୧୪) ପିତା ଜଗ ମୁଣ୍ଡା ଗ୍ରାମ ମୁକୁଳାପାଣି ଥାନା ଲହୁଣୀପଡ଼ା ଜିଲ୍ଲା ସୁନ୍ଦରଗଡ଼ ବାସିନ୍ଦା ଲହୁଣୀପଡ଼ା ଥାନାରେ ଏକ ଲିଖିତ ଅଭିଯୋଗ କଲେ ଯେ ଏକ ବର୍ଷ ହେବ ହଳଦୀକୁଦର ହାଇସ୍କୁଲରେ ଛାତ୍ରୀ ଜଣକଙ୍କ ପଢୁଥିବା ବେଳେ ଉକ୍ତ ସ୍କୁଲର ସାହିତ୍ୟ ଶିକ୍ଷକ ତାପସ କୁମାର ବଡେଇ ଛାତ୍ରୀର ଆଧାର ସଂଶୋଧନ କରିବା ବାହାନା କରି ଗତ ବର୍ଷ ଏପ୍ରିଲ ମାସ ଠାରୁ ତାକୁ ଘରୁ ଡାକି ନେଇ ବଣାଇଁ ଜନସେବାକୁ ନେଇଆସୁଥିଲେ । ସେଠାରୁ ଫେରିଲା ବେଳେ ଶିକ୍ଷକ ସୁଆରପାଲି ଗ୍ରାମ ରହୁଥିବା ଭଡା ଘରେ ତା ସହିତ ଶାରିରୀକ ସଂପର୍କ ରଖିଆସୁଥିଲା।

## ଅବିନାଶଙ୍କୁ ବଡ଼ ଦାୟିତ୍ୱ ଦେଲେ ନବୀନ ପଟ୍ଟନାୟକ



ଭବାନୀପାଟଣା,୧୨।୨(ନିପ୍ର): ରାଜ୍ୟ ବିଜେଡି ସଭାପତି ନବୀନ ପଟ୍ଟନାୟକ ଗୁରୁବାର ରାଜ୍ୟର ବିଭିନ୍ନ ଜିଲାର ଯୁବ ସଭାପତିଙ୍କ ନାମ ଘୋଷଣା କରିଛନ୍ତି। ଏହି କ୍ରମରେ କଳାହାଣ୍ଡି ଜିଲା ପାଇଁ ବିଜେଡି ଯୁବ ସଭାପତି ଭାବେ ଅବିନାଶ ଠାକୁରଙ୍କ ନାମ ଚୟନ କରିଛନ୍ତି। ଯାହାକୁ ନେଇ ଜିଲା ବିଜେଡି କାର୍ଯ୍ୟକର୍ତ୍ତାଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ଏହାପୂର୍ବରୁ ଅବିନାଶ ରାଜ୍ୟ ଛାତ୍ର ବିଜେଡିର କାର୍ଯ୍ୟକାରୀ ସଭାପତି ରହିଥିଲେ। ଆଗାମୀ ଦିନରେ ଦଳର ଯୁବ ସଂଘଠନଙ୍କୁ ମଜଭୁତ କରିବା ସହ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରର ବିଭିନ୍ନ ଅବହେଳା ଓ ଦୁର୍ନୀତିକୁ ନେଇ ଲଢ଼େଇ କରାଯିବ ବୋଲି ସଭାପତି ଠାକୁର ପ୍ରକାଶ କରିଛନ୍ତି।






ଭୁବନେଶ୍ୱର: ଶ୍ରମକୋର୍ଡ଼ ବାତିଲ ଓ ଅନ୍ୟାନ୍ୟ ଦାବିରେ ବାମପନ୍ଥୀ ଦଳ ପକ୍ଷରୁ ମାଷ୍ଟର କ୍ୟାଣ୍ଟିନ ଛକଠାରେ ଭାରତ ବନ୍ଦ, (ଫଟୋ-ଦିନଲିପି)

# ଭାରତ ବନ୍ଦ: କେଉଁଠି ଶୃଙ୍ଖଳିତ, କେଉଁଠି ମୁହାଁମୁହିଁ






ଆସିକା, ୧୨/୨(ନିପ୍ର): କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ସ୍ୱାଧୀନ ଫେଡ଼ରେସନମାନ ପକ୍ଷରୁ ଗୁରୁବାର ଦେଶବ୍ୟାପୀ ଧର୍ମଘଟ ଡାକରା ଦେଇଥିବା ବେଳେ ଆସିକାରେ ଆଂଶିକ ପ୍ରଭାବ ଦେଖିବାକୁ ମିଳିଥିଲା । କମ୍ରେଡ ରାମ ବାଡ଼ତ୍ୟା,ଦେବ ହରି ମହାନ୍ତି,ବିଦେଶୀ ନାୟକ,ପ୍ରମୁଖଙ୍କ ନେତୃତ୍ୱରେ ବିଭିନ୍ନ ସରକାରୀ ଅନୁଷ୍ଠାନ ବନ୍ଦ କରିଥିଲା ବେଳେ ଗାଡି ମଟର ଆଂଶିକ ଚାଲିଥିଲା। ଓଡ଼ିଶାର ପ୍ରମୁଖ ବାମପନ୍ଥୀ ଦଳମାନେ ଏହି ଧର୍ମଘଟକୁ ସମ୍ପୂର୍ଣ୍ଣ ସଫଳ କରିବାକୁ ଆହ୍ୱାନ ଦେଇଥିଲେ । ଆଜିର ଏହି ଧର୍ମଘଟ ନିର୍ଦ୍ଦିଷ୍ଟ ଭାବେ ୪ଟି ଶ୍ରମ କୋଡ଼ ରଦ୍ଦ କରିବାକୁ ଦାବି, 'ଭିବି ଜି ରାମ ଜି' ଆଇନ-୨୦୨୫ ରଦ୍ଦ କରି ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନର ପୁର୍ନବିଚାର କରାଯାଉ,ସ୍କିମ ୱାର୍କର ଯଥା ଅଙ୍ଗନୱାଡି, ଆଶା, ପାଚିକା, ଉଦ୍ୟାନ ସାଥୀ, ଗ୍ରାମ ପଞ୍ଚାୟତ କର୍ମଚାରୀ, ଜୀବିକା ମିଶନ ଇତ୍ୟାଦି ସ୍କିମ୍ ୱାର୍କରଙ୍କୁ ୱାର୍କର ମାନ୍ୟତା ପ୍ରଦାନ କରାଯାଉ, ଶ୍ରମିକ ବିରୋଧୀ ଶ୍ରମଶକ୍ତି ନୀତି-୨୦୨୫ ରଦ୍ଦ କରାଯାଉ, ରାଷ୍ଟ୍ରାୟତ୍ତ ଉଦ୍ୟୋଗରୁ ପୁଞ୍ଜି ପ୍ରତ୍ୟାହାର ଓ ଘରୋଇକରଣ ବନ୍ଦ କରିବା ପାଇଁ ଦାବି କରାଯାଇଛି। ବିଦ୍ୟୁତ ସଂଶୋଧନ ବିଲ୍-୨୦୨୫ ରଦ୍ଦ କରିବାକୁ ଦାବି, ରାଷ୍ଟ୍ର ସ୍ୱାର୍ଥ ବିରୋଧୀ ଘରୋଇ ସେକ୍ଟର ଆଣ୍ୱିକ ଶକ୍ତି (ଶାନ୍ତି ) ବିଲ-୨୦୨୫ ରଦ୍ଦ ଦାବି, ସ୍ଥାୟୀ କାର୍ଯ୍ୟରେ ଠିକା, ଆଉଟ୍ ସୋର୍ସିଂ ଓ ଫିକ୍ସଡ୍ ଟର୍ମ କର୍ମନିଯୁକ୍ତ ରଦ୍ଦ ଦାବି, ଏନପିଏସ୍ ଓ ୟୁପିଏସ୍ ରଦ୍ଦ କରି ପୁରୁଣା ପେନସନ ସ୍କିମ ପୁର୍ନବିଚାର ଦାବି, ଇପିଏଫ୍ ସମେତ ସର୍ବନିମ୍ନ ପେନସନ ମାସିକ ୯ ହଜାର ଟଙ୍କା ପ୍ରଦାନ ଦାବି ଇତ୍ୟାଦି ଦାବି କରିଥିଲେ।

**ନବରଙ୍ଗପୁର:** ଡାବୁଗାଁଠାରେ ସାପ୍ତାହିକ ହାଟ ଥିବାରୁ ଭାରତ ବନ୍ଦର ପ୍ରଭାବ ପଡିଲା ନାହିଁ। କିଛ ସରକାରୀ ଅନୁଷ୍ଠାନକୁ ଛାଡିଦେଲେ ସବୁ ଦୋକାନ ବଜାର ଖୋଲାଥିଲା। ଡାବୁଗାଁରେ ସାପ୍ତାହିକ ହାଟ ଦିନ ଯଦି କୌଣସି ବନ୍ଦ ପାଳନ ହୁଅ ତାହା ହେଲେ କେବେବି ସଫଳ ହୋଇନାହିଁ। ନବରଙ୍ଗପୁର ଜିଲ୍ଲାରେ ଡାବୁଗାଁକୁ ଛାଡି ସମସ୍ତ ଜାଗାରେ ବନ୍ଦର ପ୍ରଭାବ ପଡିଥିଲା କୁନ୍ତୁ ଡାବୁଗାଁରେ ଭାରତ ବନ୍ଦ ସମ୍ପୂର୍ଣ ବିଫଳ ହୋଇଛି ବୋଲି କିଛି ଖରାପ ହେବ ନାହିଁ।

**ଭଦ୍ରକ:** କେନ୍ଦ୍ରିୟ ଶ୍ରମିକ ସଂଗଠନ ପକ୍ଷରୁ ଦିଆଯାଇଥିବା ଦେଶବ୍ୟାପୀ ଧର୍ମଘଟ ଭଦ୍ରକରେ ସଫଳ ହୋଇଛି। ଅଖିଳ ଭାରତ କୃଷି ଓ ଗ୍ରାମୀଣ ଶ୍ରମିକ, ଏଆଇସିସିଟିୟୁ ଓ ଶତାଧିକ ଶ୍ରମିକ ବିଭିନ୍ନ ସ୍ଥାନରେ ବିକ୍ଷୋଭ ପ୍ରଦର୍ଶନ କରିଥିବା ବେଳେ ବନ୍ତ ଛକ ନିକଟରେ ଶ୍ରମିକ ନେତା ଦିବ୍ୟ ସିଂହ ନାୟକଙ୍କ ସଭାପତିତ୍ୱରେ ଏକ ପ୍ରତିବାଦ ସଭା ଆୟୋଜନ କରାଯାଇଥିଲା । ଚରମ୍ପା ରେଳ ଷ୍ଟେସନ, କୋର୍ଟ ପରିସର ସହ ବିଭିନ୍ନ ସ୍ଥାନରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହି ଅବସରରେ ଜାତୀୟ ରାଜପଥ ଅବରୋଧ ବେଳେ ଧର୍ମଘଟ କାରୀ ଓ ପୋଲିସଙ୍କ ମଧ୍ୟରେ ଧସ୍ତାଧସ୍ତି ପରିସ୍ଥିତି ଉପୁଜି ଥିବା ବେଳେ ଦିନ ପ୍ରାୟ ଦୁଇଟା ବେଳେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା।

**ନିମାପଡ଼ା:** ବିଭିନ୍ନ ଶ୍ରମିକ ସଂଗଠନ ଡ଼ାକରାରେ ଭାରତ ବନ୍ଦ ଆନ୍ଦୋଳନ ନିମାପଡ଼ାର ଦୋଳବେଦୀ ଛକଠାରେ ଅନୁଷ୍ଠିତ ହୋଇ ଗାଡ଼ି ମୋଟର ବନ୍ଦ ରହିଥିବା ଦେଖିବାକୁ ମିଳିଥିଲା । ଆନ୍ଦୋଳନରେ କଂଗ୍ରେସ ଦଳ, କୃଷକ ସଂଗଠନ, ବ୍ୟାଙ୍କ, ଜୀବନ ବୀମା କର୍ମଚାରୀମାନେ ସାମିଲ ହୋଇ ନିଜନିଜ କାର୍ଯ୍ୟାଳୟ ବନ୍ଦ କରି ସାମ୍ନାରେ ସ୍ଲୋଗାନ ମାନ ଦେଇ ଆନ୍ଦୋଳନକୁ ସମର୍ଥନ ଦେଇଥିଲେ। ୪ଟି ଶ୍ରମ କୋର୍ଡ଼ ଏବଂ ୪୪ଟି ଶ୍ରମ ଆଇନକୁ ଉଚ୍ଛେଦ କରିବା, କୃଷିଜାତ ଦ୍ରବ୍ୟର ଲାଭ ଜନକ ମୂଲ୍ୟ, ଦୈନିକ କାର୍ଯ୍ୟ ସମୟ ୮ ଘଂଟା, ପୁରୁଣା ପେନସନ୍ ପ୍ରକ୍ରିୟା ପ୍ରଚଳନ, ସର୍ବନିମ୍ନ ପେନସନ ୯ ହଜାର ଟଙ୍କା, ବୀମା ଓ ଆର୍ଥିକ କ୍ଷେତ୍ରରେ ୧୦୦% ବିଦେଶୀ ପୁଞ୍ଜି ନିବେଶ, ବୃହତ୍ ପୁଞ୍ଜିପତିଙ୍କ ଉପରେ ୨% ଟିକସ ବସାଇବା ଆଦି ଦାବି ଗୁଡ଼ିକ ମଧ୍ୟରୁ ଅନ୍ୟତମ।

## ଆର୍ଜେଣ୍ଟିନା ୮-୦ ଗୋଲରେ ଭାରତକୁ ପରାସ୍ତ କରି ବିଜୟୀ

ରାଉରକେଲା,୧୨/୨(ନିପ୍ର): ବିର୍ସାମୁଣ୍ଡା ଆନ୍ତର୍ଜାତୀୟ ହକି ଷ୍ଟାଡିୟମରେ ଚାଲିଥିବା ଏଫ୍‌ଆଇଏଚ୍ ପ୍ରୋ ଲିଗ୍(ପୁରୁଷ) ୨୦୨୫-୨୬ର ତୃତୀୟ ମ୍ୟାଚ ଭାରତ ବନାମ ଆର୍ଜେଣ୍ଟିନା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଭାରତୀୟ ହକି ଦଳ ପ୍ରଥମ କ୍ୱାର୍ଟରର ୧୪ ମିନିଟ ସମୟରେ ଦୁଇଟି ପେନାଲଟି ଷ୍ଟ୍ରୋକ ପାଇଥିଲେ ମଧ୍ୟ କୌଣସି ଗୋଲ୍ କରିବାକୁ ସକ୍ଷମ ହୋଇପାରି ନଥିଲେ। ପରବର୍ତ୍ତୀ ସମୟରେ ଆର୍ଜେଣ୍ଟିନା ପ୍ରଭାବ ବିସ୍ତାର କରି ଦୁଇଟି ଗୋଲ ସ୍କୋର କରିଥିଲା, ସେଥିମଧ୍ୟରୁ ଗୋଟିଏ ଫିଲ୍ଡ ଗୋଲ ହୋଇଥିଲା ବେଳେ ଅନ୍ୟଟି ପେନାଲଟି କର୍ଣ୍ଣର ମାଧ୍ୟମରେ ହୋଇଥିଲା। ଆଜି ଭାରତୀୟ ଖେଳାଳିଙ୍କ ମଧ୍ୟରେ ତାଳମେଳର ଅଭାବ ପରିଲକ୍ଷିତ ହୋଇଥିବା ଦେଖାଯାଇଥିଲା। ପ୍ରଥମାର୍ଦ୍ଧ ସୁଦ୍ଧା ଆର୍ଜେଣ୍ଟିନା ୭-୦ ଗୋଲରେ ଅଗ୍ରଣୀଲାଭ କରିଥିଲା। ତୃତୀୟ କ୍ୱାର୍ଟରରେ ଉଭୟ ଭାରତ ଓ ଆର୍ଜେଣ୍ଟିନା କୌଣସି ଗୋଲ୍ ସ୍କୋର କରି ପାରିନଥିଲେ। ଚତୁର୍ଥ କ୍ୱାର୍ଟରରେ ଉଭୟ ଭାରତ ଓ ଆର୍ଜେଣ୍ଟିନା ପେନାଲଟି କର୍ଣ୍ଣରର ସୁଯୋଗ ପାଇଥିଲେ ମଧ୍ୟ ସୁଯୋଗର ସଦୁପଯୋଗ କରିପାରିନଥିଲେ। ପରବର୍ତ୍ତୀ ସମୟରେ ଆର୍ଜେଣ୍ଟିନାର ଡୋମେନେ ଟୋମାସ୍ ଆଉ ଗୋଟିଏ ଗୋଲ ସ୍କୋର କରି ୮-୦ ଗୋଲରେ ଭାରତକୁ ପରାସ୍ତ କରି ବିଜୟଲାଭ କରିଥିଲା।


[illegible] PROCUREMENT NOTICE [illegible] 25001/136/2526

| | | |
|---|---|---|
| 1 | Name of work | : Road Works |
| 2. | Total No. of Work | : 22(Twenty two) work |
| 3. | Estimated Cost | : Rs.5.10 to 19.57 lakhs |
| 4. | Period of Completion | : 01(One) Calendar Month |
| 5. | Class of contractors | : 'C' & 'D' Class only. |

Other details as follows:

| | | |
|---|---|---|
| a) | Procurement officer | : Superintending Engineer, Rural Works Division,Cuttack. |
| b) | Availability of tender online for bidding | : [illegible] |
| c) | Last date & time of seeking of tender clarification | : [illegible] up to 5.00 P.M. |
| d) | Date & Time of Opening Technical Bid | : [illegible] at 11.00 A.M. |

Further details can be seen from the Govt. website [illegible]

Superintending Engineer
Rural Works Division
Cuttack

OIPR 25001/25053/1/25-26/0020


Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com

ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ
ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ